

ପାଓଲିନିଙ୍କୁ ଡବଲ୍ ଟାଇଟଲ୍
▸ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-320 •BHUBANESWAR •MONDAY •19 MAY 2025 •PAGE-12 •₹ 6.00 | JEYPORE | •ବର୍ଷ-୪୨ •ସଂଖ୍ୟା-୩୨୦ •ଭୁବନେଶ୍ୱର •ସୋମବାର •୧୯ ମେ ୨୦୨୫ •ପୃଷ୍ଠା-୧୨ •ଟ.୬.୦୦

## ହାଇଦରାବାଦ ଚାର୍ମିନାର୍‌ରେ ଜଳିଗଲା କୋଠା

# ୮ ଶିଶୁଙ୍କ ସମେତ ୧୭ ଜୀବନ୍ତ ଦଗ୍ଧ

■ **ହାଇଦରାବାଦ, ୧୮।୫ (ଏଜେନ୍ସି):** ହାଇଦରାବାଦ ଚାରମିନାର ନିକଟସ୍ଥ ଗୁଲଜାର ହାଉସ୍‌ରେ ରବିବାର ସକାଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ୮ ଶିଶୁଙ୍କ ସମେତ ୧୭ ଜଣଙ୍କ ମୃତ୍ୟୁ ହୋଇଛି। ୧୫ ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ପର୍ଯ୍ୟନ୍ତ ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ। କିନ୍ତୁ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ପୁଲିସ ସୂଚନା ଅନୁଯାୟୀ କୋଠାର ତଳ ମହଲାରେ ଅଳଙ୍କାର ଦୋକାନ ଥିଲା। ଉପର ମହଲାରେ ଲୋକ ରହୁଥିଲେ। ଦୁର୍ଘଟଣା ସମୟରେ ଏଠାରେ ପ୍ରାୟ ୩୨ ଲୋକ ଥିଲେ। ତଳ ମହଲାରେ ଥିବା ଦୋକାନରୁ ଏହି ନିଆଁ ଲାଗିଥିଲା। ଏହା ଦେଖୁ ଦେଖୁ ଉପର ମହଲାକୁ ବ୍ୟାପି ଯାଇଥିଲା। ଏହି କୋଠାରେ କେବଳ ଗୋଟିଏ ସଂକୀର୍ଣ୍ଣ ପାହାଚ ରହିଥିଲା। ତେଣୁ ଲୋକେ ବାହାରକୁ ବାହାରି ପାରି ନ ଥିଲେ ଏବଂ ଶ୍ୱାସରୁଦ୍ଧ ହୋଇ ପ୍ରାଣ ▸ପୃଷ୍ଠା-୭






# କୁଖ୍ୟାତ ଆତଙ୍କୀ ସୈଫୁଲ୍ଲାକୁ ହତ୍ୟା



## ଭାରତରେ ବିଭିନ୍ନ ଆକ୍ରମଣରେ ଥିଲା ହାତ

■ **ଇସଲାମାବାଦ, ୧୮।୫ (ଏଜେନ୍ସି):** ପାକିସ୍ତାନ ବିପକ୍ଷରେ ଭାରତର 'ଅପରେସନ ସିନ୍ଦୂର'କୁ ନେଇ ଏବେ ପାକିସ୍ତାନର ବିଭିନ୍ନ ମହଲରେ ଭୟ ପଶିଛି। ଏହାମଧ୍ୟରେ ଦେଶରେ ପୁଣି ଅଜ୍ଞାତ ହତ୍ୟାକାରୀ ସକ୍ରିୟ ହେବା ଘଟଣା ପାକିସ୍ତାନ ସରକାରଙ୍କ ଚିନ୍ତା ବଢାଇଛି। ଲସ୍କର କମାଣ୍ଡର ଅବୁ ସୈଫୁଲ୍ଲାକୁ କିଛି ଅଜ୍ଞାତ ଆକ୍ରମଣକାରୀ ଗୁଳି କରି ହତ୍ୟା କରିଛନ୍ତି। ଅବୁ ସୈଫୁଲ୍ଲା ଓରଫ ମହମ୍ମଦ ସଲିମ ଓରଫ ରାଜୁଲ୍ଲା ନିଜାମଣି ୨୦୦୬ ମସିହାରେ ନାଗପୁରରେ ଆରଏସଏସ ମୁଖ୍ୟାଳୟ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଥିବା କୁହାଯାଇଛି। ଏହା ବ୍ୟତୀତ ୨୦୦୧ ରାମପୁରରେ ସିଆରପିଏଫ କ୍ୟାମ୍ପ ଉପରେ ଆକ୍ରମଣ ଘଟଣାରେ ମଧ୍ୟ ସାମିଲ ରହିଥିଲା। ୨୦୦୫ରେ ବେଙ୍ଗାଲୁରୁରେ ହୋଇଥିବା ଆକ୍ରମଣ ଷଡ଼ଯନ୍ତ୍ରରେ ମଧ୍ୟ ▸ପୃଷ୍ଠା-୭

## ପରିବେଶ ମଞ୍ଜୁରୀ

# କେନ୍ଦ୍ରକୁ 'ସୁପ୍ରିମ' ଝଟ୍‌କା

## ଅବୈଧ ଖଣି ଓ ପ୍ରକଳ୍ପ ବୈଧିକରଣ ଉପରେ ଅଦାଲତଙ୍କ ପ୍ରତିବନ୍ଧକ

■ **ନୂଆଦିଲ୍ଲୀ ୧୮।୫ (ସମିସ):** ଖଣି ଓ ଅନ୍ୟ ଉନ୍ନୟନ ପ୍ରକଳ୍ପଗୁଡ଼ିକୁ ପୂର୍ବୋବ୍ୟାପୀ (ଏକ୍ସ ଫ୍ୟାକ୍ଟୋ) ପରିବେଶଗତ ମଞ୍ଜୁରୀ ପ୍ରଦାନ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ବଡ଼ ଝଟ୍‌କା ଦେଇଛନ୍ତି ସୁପ୍ରିମକୋର୍ଟ। ଏକ୍ସ ଫ୍ୟାକ୍ଟୋ ପରିବେଶ ମଞ୍ଜୁରୀ ବା ୨୦୦୬ ପରିବେଶ ପ୍ରଭାବ ଆକଳନ (ଇଆଇଏ) ଉଲ୍ଲଂଘନ କରିଥିବା କୌଣସି ସଂସ୍ଥାର ପରିବେଶ ମଞ୍ଜୁରୀକୁ ବୈଧିକରଣ ପାଇଁ କେନ୍ଦ୍ର ସରକାରଙ୍କ କୌଣସି ନିଷ୍ପତ୍ତି ଅବୈଧ ରୂପେ ବିବେଚନା କରାଯିବ ବୋଲି ସୁପ୍ରିମକୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ୍ ଅଭୟ ଏସ. ଓକା ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ପରିବେଶ ସୁରକ୍ଷାକୁ ବିକାଶର ଏକ ଅନିବାର୍ଯ୍ୟ ଅଂଶ ବୋଲି ଉଲ୍ଲେଖ କରି ଏ ସଂକ୍ରାନ୍ତରେ କୌଣସି ସାଲିସ କରାଯାଇ ପାରିବ ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ଏହା ସହିତ ୨୦୧୭ରେ କେନ୍ଦ୍ର ସରକାରଙ୍କ



**୨୦୧୭ ଅଧିସୂଚନା ଆଧାରରେ ଜାରି ୨୦୨୧ ମେମୋରେଣ୍ଡମ୍ ଅବୈଧ**

**ପରିବେଶ ମଞ୍ଜୁରୀ ଉଲ୍ଲଂଘନ ସମାଜ ବିରୋଧୀ ଓ ଘୋର ବେଆଇନ କାର୍ଯ୍ୟ**

ଅଧିସୂଚନା ଆଧାରରେ ଜାରି ୨୦୨୧ ମୋମୋରେଣ୍ଡମ୍‌କୁ ମଧ୍ୟ ଅବୈଧ ଘୋଷଣା କରିଛନ୍ତି। ଅନୁରୂପ ଭାବରେ ଯେଉଁ ଖଣି ବା ଅନ୍ୟ ପ୍ରକଳ୍ପଗୁଡ଼ିକରେ ୨୦୦୬ ମସିହାରେ ପରିବେଶ ପ୍ରଭାବ ଆକଳନ (ଇଆଇଏ) ଅନୁପାଳନ ହୋଇ ନାହିଁ ବା ସେମାନେ ଏ ସଂକ୍ରାନ୍ତ ମଞ୍ଜୁରୀ ନେଇ ନାହାନ୍ତି; ତାହା 'ଘୋର ବେଆଇନ କାର୍ଯ୍ୟ'। ଏହି ଖଣି, ରିଅଲ ଇଷ୍ଟେଟ ଡ଼େଭଲପରମାନେ ନିରକ୍ଷର ବା ଅତି ସାଧାରଣ ନୁହନ୍ତି; ତେଣୁ ସେମାନଙ୍କୁ ଏ କ୍ଷେତ୍ରରେ ଛାଡ଼ି ଦିଆଯିବାର କୌଣସି ଅର୍ଥ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଏହା ସହିତ ୨୦୧୭ ଅଧିସୂଚନା ଆଧାରରେ କେନ୍ଦ୍ର ସରକାରଙ୍କୁ କୌଣସି ପରିବେଶଗତ ମଞ୍ଜୁରୀ ପ୍ରଦାନ କରାଯାଇ ପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। 'ବନ ଶକ୍ତି' ନାମକ ଏକ ଏନ୍‌ଜିଓ ପକ୍ଷରୁ ଦାଖଲ ଏକ ମାମଲାର ବିଚାର କରି ସୁପ୍ରିମକୋର୍ଟ କହିଛନ୍ତି ଯେ ୨୦୦୬ ମସିହାରେ ଯେଉଁ ଖଣି ବା ଅନ୍ୟ କମ୍ପାନୀଗୁଡ଼ିକ ଆଇନ ଉଲ୍ଲଂଘନ କରିଥିଲେ ଓ ପରିବେଶ ପ୍ରଭାବ ଆକଳନକୁ ଉଲ୍ଲଙ୍ଘନ କରିଥିଲେ, ତାହାର ବୈଧିକରଣ ନିମନ୍ତେ ୨୦୧୭ରେ କେନ୍ଦ୍ର ସରକାର ▸ପୃଷ୍ଠା-୭

## ପାକିସ୍ତାନକୁ ଆଇଏମ୍‌ଏଫ୍‌ର ସତର୍କବାଣୀ

# ଉତ୍ତେଜନା ବଢ଼ାଇଲେ ସ୍ଥିତି ଗମ୍ଭୀର ହେବ

■ **ନ୍ୟୁୟର୍କ, ୧୮।୫ (ଏଜେନ୍ସି):** ସାଂପ୍ରତିକ ସ୍ଥିତିରେ ପାକିସ୍ତାନ ପାଇଁ ଗୋଟିଏ ପରେ ଗୋଟିଏ ସମସ୍ୟା ବଢିବାରେ ଲାଗିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ବର୍ତ୍ତମାନ ଅସ୍ତ୍ରବିରତି ବୁଝାମଣା ହୋଇଥିଲେ ମଧ୍ୟ ବିବାଦ ତୁଟି ନାହିଁ। ଭାରତର ଅପରେସନ ସିନ୍ଦୂରକୁ ନେଇ ଏବେ ମଧ୍ୟ ପାକିସ୍ତାନ ସରକାର ଏବଂ ସେନା ଭୟର ବାତାବରଣ ମଧ୍ୟରୁ ମୁକୁଳିପାରି ନାହାନ୍ତି। ଏହାମଧ୍ୟରେ ଆଇଏମଏଫ ପାକିସ୍ତାନକୁ ଋଣ ଦେବା ନେଇ ୧୧ ନୂଆ ସର୍ତ୍ତ ଜାରି କରିବା ସହିତ ଭାରତ ସହ ସମ୍ପର୍କକୁ ନେଇ ପାକିସ୍ତାନକୁ ତାଗିଦ୍ କରିଛି। ଭାରତର ସହ ଉତ୍ତେଜନା ବଢାଇଲେ ପାକିସ୍ତାନର ସ୍ଥିତି ଆହୁରି ଗମ୍ଭୀର ହେବା ସହିତ ଆର୍ଥିକ ଏବଂ ବ୍ୟାହିକ ଦିଗ ସହିତ ଏହାର ଆର୍ଥିକ ସଂସ୍କାର ପ୍ରକ୍ରିୟା ଭାରୀ ମାତ୍ରାରେ ପ୍ରଭାବିତ ହେବ ବୋଲି ଆଇଏମଏଫ ପାକିସ୍ତାନକୁ ସତର୍କ କରାଇ ଦେଇଛି। ପାକିସ୍ତାନକୁ ଦେବାଳିଆ ସ୍ଥିତିରୁ ବଞ୍ଚାଇବାକୁ ପାକିସ୍ତାନ ସରକାର ପୂର୍ବରୁ ଆଇଏମଏଫର ଦ୍ୱାରସ୍ଥ ହୋଇଥିଲା ବେଳେ ନିକଟରେ ମୋଟ ୨.୩ ବିଲିୟନ ଡଲାରର ଋଣ ଆଇଏମଏଫ ମଞ୍ଜୁର କରିଥିଲା। କିନ୍ତୁ ଏହାପରେ ଭାରତ ସହିତ ଉତ୍ତେଜନା ବଢିଥିବାରୁ ▸ପୃଷ୍ଠା-୭

**ଋଣ ପାଇବାକୁ ୧୧ ନୂଆ ସର୍ତ୍ତ**

## ଅଜଣା ରୋଗ ଆତଙ୍କ

# ଦୁଇଶହ ପରିବାରର ୫ଶହ ଆକ୍ରାନ୍ତ

## ଧରିପାରୁନାହାନ୍ତି ଡାକ୍ତର, ରକ୍ତ ନମୁନା ପରୀକ୍ଷାରେ ବି ଜଣାପଡୁନି

■ **ପଡ଼ିଆ, ୧୮।୫ (ସମିସ):** ଗୋଡ଼ହାତ ଫୁଲିବା ସହ ଭୀଷଣ କମ୍ପରେ ଦେହ ଥରୁଛି। ପରେ ହାତ ଆଙ୍ଗୁଳି ଓ ଗୋଡ଼ହାତ ଗଣ୍ଠିଗୁଡ଼ିକ ଯନ୍ତ୍ରଣା ହେଉଛି। ପୁଣି କାହାର ମୁହଁ କଳା ପଡ଼ି ଯାଉଛି ତ କାହାର ଦେହସାରା କୁଣ୍ଡାଇ ହୋଇ ଆବୁ ଭଳି ଫଳି ଯାଉଛି। ଅବସ୍ଥା ଏପରି ହେଉଛି ଯେ ବୟସ୍କମାନେ ଚାଲି ପାରୁନାହାନ୍ତି। କିନ୍ତୁ ଡାକ୍ତରଙ୍କୁ ଦେଖାଇବାଠାରୁ ଆରମ୍ଭ କରି ରକ୍ତ ନମୁନା ପରୀକ୍ଷା କରାଇଲେ ବି କି' ରୋଗ ହୋଇଛି, ତାହା ଧରାପଡୁନି। ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ୍ ଅଞ୍ଚଳରେ ଏବେ ଏମିତି ଏକ ଅଜଣା ରୋଗ ଆତଙ୍କ ଖେଳାଇଛି। ବର୍ତ୍ତମାନ ସୁଦ୍ଧା ଏଥିରେ ପାଖାପାଖି ୫ଶହରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇ କଲବଲ ହେଉଥିବା ବେଳେ ଧୀରେଧୀରେ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଛୋଟ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଏହି ରୋଗର ଶିକାର ହେଉଛନ୍ତି। ମାସେରୁ ଅଧିକ ସମୟ ହେଲା ଲୋକେ ଏଥିରେ ଆକ୍ରାନ୍ତ ହୋଇ ଚାଲିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବି ଚିନ୍ତା ବଢ଼ିଯାଇଛି। ଏହି ରୋଗରେ ପୀଡ଼ିତ ପଡ଼ିଆ ସଦର ମହକୁମା ଖ୍ରୀଷ୍ଟିଆନ୍ ସାହିର କେତେକ ରୋଗୀ ମାଲକାନଗିରି ▸ପୃଷ୍ଠା-୭




# Vikash Bargarh
Vikash Higher Educational Institutions

**Vikash Institute of Technology:**
- MBA (2 Years)
- B.Tech (4 Years) CSE, EEE, Civil, Mech.

**Vikash Polytechnic:**
- Diploma (3 Years) Civil, CSE, ECE, Mech., Electrical
- Diploma (Working Professionals) Mechanical Engg., Electrical Engg.

**Vikash Law School:**
- B.A. LL.B (H) 5 Years Int. Law

**Vikash School of Business Management:**
- BBA / BCA (3 Years)

**Vikash Degree College:**
- B.A. (Hons.) English, Economics, Education, Political Science, Psychology
- B.Com. (Hons.) Accountancy (Hons.)
- B.Sc. (Hons.) Physics, Chemistry, Math. Botany, Zoology, Comp.Sc.
- M.Sc. (2 Years) Chemistry
- M.Com. (2 Years) Accountancy
- M.A. (2 Years) English

**Vikash Nursing College:**
- ANM (2 Years),
- GNM (3 Years)
- B.Sc. Nursing (4 Years)
- P.B. B.Sc. Nursing (2 Years)

**Vikash College of Paramedical Science:**
- DMLT (2 Years)
- DMRT (2 Years)

**Vikash Pharmacy College:**
"MOVE TOWARDS YOUR DREAM CAREER IN PHARMACY"
- B. PHARM Bachelor in Pharmacy (4 YRS) Eligibility: +2 Science & OJEE Rank
- D. PHARM Diploma in Pharmacy (2 YRS) Eligibility: +2 Science




AWARDED As the Best Higher Educational Institutions in Western Odisha by OTV.
Visit us @ www.odishavikash.com
Email: vheicampus@gmail.com

ADMISSIONS | Open for 2025-26
Courses Offered: PG | UG | Diploma
94380 85817 / 82800 08111
70087 81518 / 94393 49333
Vikash Knowledge Hub, Barahaguda,Bargarh

Grooming Talent
Vikash
Higher Educational Institutions


# ପୁଅକୁ ହତ୍ୟାକରି ପୋତିଦେଲେ

■ **ରେଢ଼ାଖୋଲ/ନାକଟିଦେଉଳ, ୧୮।୫ (ସମିସ):** ବଡ଼ ପୁଅକୁ ହତ୍ୟା କରି ବାଡ଼ିପଟେ ପୋତିଦେଲେ। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ଉଇଁଚା ଗ୍ରାମର ଘଣ୍ଟରା ସାହିରେ ୩ ଦିନ ତଳେ ଘଟିଥିବା ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଆଜି ପଦାକୁ ଆସିଛି। ମୃତକ ହେଲେ,

- **ମାଟି ଖୋଳି ଶବ ଉଦ୍ଧାର କଲା ପୁଲିସ୍**
- **ମା'-ଭଉଣୀ ସମେତ ୯ ଅଟକ**

ଶେଷଦେବ ପ୍ରଧାନଙ୍କ ବଡ଼ ପୁଅ ବାଦଲ ପ୍ରଧାନ। ରେଢ଼ାଖୋଲ ପୁଲିସ୍ ଆଜି ମାଟି ଖୋଳି ବାଦଲଙ୍କ ଗଳିତ ଶବ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାଯାଇଛି। ଏହି ଘଟଣାରେ ପୁଲିସ୍ ବାଦଲଙ୍କ ୨ ଭଉଣୀ, ଭାଇ, ମାଆଙ୍କ ସମେତ ମୋଟ ୯ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ପାରିବାରିକ ▸ପୃଷ୍ଠା-୭


# SANSKAR INTERNATIONAL SCHOOL
BARGARH
AFFILIATED TO CBSE
Co-Educational Senior Secondary Residential School

ESTD. 2014

GROWTH COMPARISON

| STUDENT NAME | X | XII | Increase |
|---|---|---|---|
| YASH KAMANI | 49% | 75.2% | 26.2% |
| NAYAN MISHRA | 49.4% | 69.6% | 20.2% |
| TITHI JAIN | 61.2% | 78.2% | 17% |
| MUSKAN AGRAWAL | 43.8% | 60.4% | 16.6% |
| SAHIL AGRAWAL | 71.8% | 87.6% | 15.8% |
| SUJAL MEHER | 68% | 82.4% | 14.4% |
| TEJAS AGRAWAL | 77.2% | 91.4% | 14.2% |
| MIHIR AGRAWAL | 56.83% | 70% | 13.17% |
| RIDDHI AGRAWAL | 78.8% | 91% | 12.2% |
| AMAN AGARWAL | 60.67% | 72.8% | 12.13% |

WESTERN ODISHA TOPPER



98.4% RIYA AGRAWAL CLASS XII 2024-25

DISTRICT TOPPER



98.4% RISHI AGRAWAL CLASS X 2024-25

Class 12th School Average 80.22%
35 Students Scored Above 90%

Class XII



96.2% NAMAN AGRAWAL
96% SIDDHI JAIN
95% KHANAK DHANUKA

Class X



96.8% ANUSHKA BHOOT
96.2% VISHAL JAIN
95.8% HARSH MODI
95% RADHIKA JAIN

100/100
•Mathematics •Business Studies
•Economics •Entrepreneurship
•Physical Education

ADMISSIONS OPEN
from Nursery to Class 11th along with Integrated Coaching of Science and Commerce

Commerce
Integrated CA
Integrated CLAT
Integrated CUET

Science
Integrated IIT-JEE
Integrated NEET
Integrated CUET

- 35+ Sanskarian have cleared CA Foundation
- 10+ Sanskarian have cleared NEET
- Top Score of 781/800 in CUET
- 13 Acres Lush Green Campus
- Air Conditioned Hostel Rooms
- 18 Variety of Sports

ADMISSIONS OPEN for Nursery to Class 11th
+91 8598 99 89 89
+91 9556 65 47 77
sanskarbargarh.in

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୯୦୪- ଟାଟା ଗ୍ରୁପ୍‌ର ସଂସ୍ଥାପକ ଜାମସେଦଜୀ ଟାଟାଙ୍କ ନିଧନ।
- ୧୯୧୩- ପୂର୍ବତନ ରାଷ୍ଟ୍ରପତି ନୀଲମ୍ ସଞ୍ଜୀବ ରେଡ୍ଡୀଙ୍କ ଜନ୍ମ।
- ୧୯୩୪- ପ୍ରସିଦ୍ଧ ଭାରତୀୟ ଲେଖକ ରସ୍କିନ୍ ବଣ୍ଡଙ୍କ ଜନ୍ମ।
- ୧୯୭୧- ରୁଷ୍ ମାର୍ସ-୨ ପ୍ରୋଗ୍ରାମ୍ ଲଞ୍ଚ୍ କଲା।
- ୨୦୦୧- ଆପଲ୍ ଇଙ୍କ୍ ତା'ର ପ୍ରଥମ ଦୁଇଟି ରିଟେଲ୍ ଷ୍ଟୋର୍ ଖୋଲିଲା।
- ୨୦୦୮ - ନାଟ୍ୟକାର ତଥା ରଙ୍ଗମଞ୍ଚକର୍ମୀ ବିଜୟ ତେନ୍ଦୁଲକରଙ୍କ ଦେହାନ୍ତ।



## ୧୭ ବର୍ଷ ପରେ ଅକ୍ଷୟ-ସୈଫ୍ ଏକାଠି

ବଲିଉଡ୍ ଅଭିନେତା ଅକ୍ଷୟ କୁମାର ଓ ସୈଫ୍ ଅଲ୍ଲୀ ଖାନ୍ ୧୭ ବର୍ଷ ପରେ ପୁଣି ଥରେ ଏକାଠି ବଡ଼ ପରଦାରେ ନଜର ଆସିବେ। ଶେଷଥର ପାଇଁ ଉଭୟ 'ଟସନ୍'(୨୦୦୮) ଫିଲ୍ମରେ ଦେଖାଯାଇଥିଲେ। ଏହାପୂର୍ବରୁ ଏହି ଯୋଡ଼ିଙ୍କ ଅଭିନୀତ ଫିଲ୍ମ 'ମେ ଖିଲାଡ଼ି ତୁ ଅନାଡ଼ି', 'ଆଖେଁ', 'ୟେ ଦିଲ୍ଲଗୀ' ହିଟ୍ ସାବ୍ୟସ୍ତ ହୋଇଥିଲା। ଆଉ ଏବେ ଉଭୟ ୨୦୧୬ରେ ଆସିଥିବା ମାଲାୟାଲମ୍ ଫିଲ୍ମ 'ଓପ୍ପମ୍'ର ହିନ୍ଦୀ ରିମେକ୍‌ରେ ଏକାଠି ଦେଖାଯିବେ। 'ଓପ୍ପମ୍'ରେ ମୋହନଲାଲ ମୁଖ୍ୟ ଭୂମିକାରେ ଦେଖାଯାଇଥିଲେ। ଏହାର ହିନ୍ଦୀ ରିମେକ୍‌ରେ ଅକ୍ଷୟ ଖଳନାୟକ ଏବଂ ସୈଫ୍ ନାୟକ ଭାବେ ଦେଖାଯିବେ। ଫିଲ୍ମରେ ସୈଫ୍ ଓ ଅକ୍ଷୟଙ୍କ ମଧ୍ୟରେ ଏକ ଜବରଦସ୍ତ ଫାଇଟ୍ ସିନ୍ ରହିବ। ପ୍ରିୟଦର୍ଶନ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏହା ଏକ ଥ୍ରିଲର୍ ଫିଲ୍ମ ହେବ। ଫିଲ୍ମର ସୁଟିଂ ଆସନ୍ତା ଅଗଷ୍ଟ ମାସରୁ ଆରମ୍ଭ ହେବ। ଏହାକୁ ୨୦୨୬ରେ ରିଲିଜ୍ କରାଯିବା ପାଇଁ ଯୋଜନା କରାଯାଉଛି।

## ସବୁଠୁ ଛୋଟ ଦେଶ ଜନସଂଖ୍ୟା ୨୭




ଭାଟିକାନ୍ ସିଟିକୁ ବିଶ୍ୱର କ୍ଷୁଦ୍ରତମ ଦେଶ କୁହାଯାଏ। ମାତ୍ର ଇଂଲଣ୍ଡର ଅତି ନିକଟରେ ଅବସ୍ଥିତ 'ସିଲ୍ୟାଣ୍ଡ' ନାମକ ଏକ ସମୁଦ୍ର ପରିବେଷ୍ଟିତ ଇଲାକାର ଅଧିବାସୀମାନେ ସେମାନଙ୍କ ଅଞ୍ଚଳ ବିଶ୍ୱର କ୍ଷୁଦ୍ରତମ ଦେଶ ବୋଲି ଦାବି କରିଥାନ୍ତି। ଏହା ଭାଟିକାନ ସିଟିଠାରୁ ମଧ୍ୟ ଛୋଟ। ସିଲ୍ୟାଣ୍ଡ ବ୍ରିଟେନଠୁ ୧୨ କିଲୋମିଟର ଦୂରରେ ଅବସ୍ଥିତ। ଯଦିଓ ଏହା ବ୍ରିଟେନର ନିକଟସ୍ଥ କିନ୍ତୁ ସିଲ୍ୟାଣ୍ଡ ଏକ ସ୍ୱତନ୍ତ୍ର ଦେଶ । ଦୁଇଟି ଖମ୍ବ ଉପରେ ଥିବା ୨୫୦ ମିଟର ପରିମିତ ଏହି ଅଞ୍ଚଳରେ ୨୭ ଜଣ ନାଗରିକ ବସବାସ କରୁଛନ୍ତି। ସିଲ୍ୟାଣ୍ଡର ନିର୍ମାଣ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ୧୯୪୨ରେ ବ୍ରିଟିଶ୍ ସେନା କରିଥିଲା । ଉତ୍ତର ସାଗରରେ ବ୍ରିଟିଶ୍ ନୌସେନାକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଏହା ନିର୍ମାଣ କରାଯାଇଥିଲା। ଏହାପରେ ୧୯୫୬ ମସିହା ପର୍ଯ୍ୟନ୍ତ ଏହା ଏକ ସାମୁଦ୍ରିକ ଦୁର୍ଗ ଭାବେ କାର୍ଯ୍ୟ କରିଥିଲା। ୧୯୬୬ ମସିହାରେ ବ୍ରିଟିଶ୍ ନାଗରିକ ପ୍ୟାଡି ରୟ ବେଟ୍ସ ନିଜ ରେଡିଓ ଷ୍ଟେସନ 'ରେଡିଓ ଆସେକ୍ସ' କୁ ଚଳାଇବା ପାଇଁ ସିଲ୍ୟାଣ୍ଡ ଦୁର୍ଗ ଉପରେ କବ୍‌ଜା କଲେ। ଏହାପରେ ୧୯୬୭ରେ ବ୍ରିଟେନ ସାମୁଦ୍ରିକ ପ୍ରସାରଣ ଅପରାଧ ଅଧିନିୟମ ପାରିତ କଲା, ଯାହା ଫଳରେ ରୟ ବେଟ୍ସଙ୍କୁ ସେହି ଦୁର୍ଗ ଛାଡ଼ିବାକୁ ପଡ଼ିଲା। କିନ୍ତୁ ରୟ ବେଟ୍ସ ହାର ମାନିଲେନି ଏବଂ ୧୯୬୭ରେ ଏହି ଦୁର୍ଗକୁ ସିଲ୍ୟାଣ୍ଡ ଦେଶ ଘୋଷଣା କରିଦେଲେ । ଏହାପରେ ସେ ସେଠାରେ ନିଜ ପରିବାର ସହିତ ରହିଲେ । ସିଲ୍ୟାଣ୍ଡର ଶାସକ ପ୍ରଥମେ ରୟ ବେଟ୍ସ ଥିଲେ। କିନ୍ତୁ ୨୦୧୨ରେ ତାଙ୍କ ପରଲୋକ ପରେ ତାଙ୍କ ପୁଅ ମାଇକଲ ବେଟ୍ସ ଶାସନ ଭାର ସମ୍ଭାଳିଲେ । ରାଜତନ୍ତ୍ର ଦ୍ୱାରା ପରିଚାଳିତ ଏହି ଦେଶର ନିଜସ୍ୱ ଜାତୀୟ ପତାକା, ନିଜ ମୁଦ୍ରା, ପାସପୋର୍ଟ ଏପରିକି ରାଜା-ରାଣୀ ମଧ୍ୟ ଅଛନ୍ତି । ଏଠାରେ ଜୀବିକା ଉପାର୍ଜନ ପାଇଁ କୌଣସି ସାଧନ ନାହିଁ। କିନ୍ତୁ ଯେତେବେଳେ ଲୋକେ ପ୍ରଥମେ ଇଣ୍ଟରନେଟ୍ ମାଧ୍ୟମରେ ଦେଶଟି ସମ୍ପର୍କରେ ଜାଣିଥିଲେ ସମସ୍ତେ ଏଠାରେ ରହୁଥିବା ଅଧିବାସୀଙ୍କୁ ଦାନ କରିଥିଲେ। ଏହାଦ୍ୱାରା ଏଠାରେ ରହୁଥିବା ଲୋକଙ୍କର ଆର୍ଥିକ ସ୍ଥିତିରେ ସୁଧାର ଆସିଥିଲା। ତେବେ ଖାସ୍ କଥା ହେଉଛି ଏହାକୁ କୌଣସି ବି ଦେଶ ଏକ ଦେଶ ଭାବେ ମାନ୍ୟତା ଦେଇନାହାଁନ୍ତି । ଏହାସତ୍ତ୍ୱେ ସିଲ୍ୟାଣ୍ଡ ନିଜ ପରିଚୟ ତିଆର କରିଛି ଏବଂ ମାଇକ୍ରୋନେସନ ଭାବେ ଜଣାଯାଉଛି ।

## ହାଇହିଲ୍ ପାଇଁ ନେବାକୁ ପଡ଼େ ଅନୁମତି

ମହିଳାମାନେ ହାଇହିଲ୍ ପିନ୍ଧିବା ସାଧାରଣ କଥା। ହେଲେ ହାଇହିଲ୍ ପିନ୍ଧିବା ପାଇଁ ଅନୁମତି ନେବାକୁ ପଡ଼ିବା କଥା ଶୁଣି ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗୁଥିବ। ତେବେ ଆମେରିକାର କାଲିଫର୍ଣ୍ଣିଆ ସ୍ଥିତ କାର୍ମେଲ-ବାୟ-ଦ-ସି' ସହରରେ ହାଇହିଲ୍ ପିନ୍ଧିବା ପାଇଁ ଅନୁମତି ନେବାକୁ ପଡ଼ିଥାଏ। ଏଠାରେ ଦୁଇ ଇଞ୍ଚରୁ ଅଧିକ ହିଲ୍ ପିନ୍ଧିବା ପାଇଁ ସିଟି ହଲ୍‌ରୁ ଅନୁମତି ନେବାକୁ ହୁଏ। ତେବେ ଏହି ନିୟମ ପଛର କାରଣ ଜାଣିଲେ ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ। କାରଣ ଏହି ନିୟମ ଫେଶନ ପାଇଁ ନୁହେଁ, ବରଂ ସୁରକ୍ଷା ସହିତ ଜଡ଼ିତ। ୧୯୬୩ ମସିହାରେ ଏହି ଆଇନ ତିଆରି କରାଯାଇଥିଲା। ସେତେବେଳେ ସହରର ରାସ୍ତା ତଥା ଫୁଟପାଥର ସ୍ଥିତି କିଛି ଅଲଗା ଥିଲା। ଫୁଟପାଥ ଓ ରାସ୍ତାଗୁଡ଼ିକ ଆବଡ଼ାଖାବଡ଼ା ଏବଂ ଅସମତଳ ଥିଲା। ଏହି ରାସ୍ତାରେ ହାଇହିଲ୍ ପିନ୍ଧି ଚାଲିଲେ ତଳେ ପଡ଼ିବା ଥୟ। ତେଣୁ ଯେଭଳି ଲୋକେ ସୁରକ୍ଷିତ ରହିବେ ଏବଂ ଯଦି କାହାକୁ ଆଘାତ ଲାଗେ ଏ ଲାଗି ପ୍ରଶାସନ ଦାୟୀ ରହିବ ନାହିଁ ବୋଲି ଚିନ୍ତାକରି ଏହି ନିୟମ ସେତେବେଳେ ଲାଗୁ କରାଯାଇଥିଲା। ଆଜିକା ଦିନରେ ଏହି ଆଇନକୁ କଡ଼ାକଡ଼ି ଲାଗୁ କରା ନ ଗଲେ ବି ଏହା ଏବେ ବି ଅଛି। ସେହିପରି ଲୋକେ ଚାହିଁଲେ ଏ ନେଇ ନିଃଶୁଳ୍କ ଅନୁମତି ବି ଆଣିପାରିବେ। ତେବେ ଜଣେ ଟ୍ରାଭେଲ ବ୍ଲଗର୍ ସାମାଜିକ ଗଣମାଧ୍ୟମରେ ଏ କଥା ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି। ଅନ୍ୟପଟେ ଏହି ସହର କେବଳ ତା'ର ଅଜବ ଆଇନ ନୁହେଁ, ବରଂ ପ୍ରାକୃତିକ ସୌନ୍ଦର୍ଯ୍ୟ ଲାଗି ବି ଖୁବ୍ ପରିଚିତ।



## ଯାତ୍ରା ସମୟରେ ଶୁଭ ସଙ୍କେତ

**ଶକୁନ ଶାସ୍ତ୍ର ଅନୁସାରେ, ଯାତ୍ରାକୁ ଯିବା ବେଳେ କିଛି ବିଶେଷ ଜିନିଷ ଓ ଲୋକଙ୍କ ଦର୍ଶନକୁ ଶୁଭ ସଙ୍କେତ ବୋଲି କୁହାଯାଇଛି। ତେବେ କ'ଣ ଏହି ସବୁ ଜିନିଷ, ସେ ସବୁ ନିମ୍ନରେ ପ୍ରଦତ୍ତ କରାଗଲା।**





**ବ୍ରାହ୍ମଣ:** ଯାତ୍ରା ପ୍ରାରମ୍ଭ କରିବା ବେଳେ ସାମ୍ନାରେ କୌଣସି ବ୍ରାହ୍ମଣ ନଜର ଆସିଲେ, ତାଙ୍କ ଆଶିର୍ବାଦ ନିଅନ୍ତୁ। ନିଜ ସାମର୍ଥ୍ୟ ଅନୁସାରେ ଦକ୍ଷିଣା ପ୍ରଦାନ କରି ଯାତ୍ରା ଆରମ୍ଭ କରନ୍ତୁ। ଏହା ହେଉଛି ଏକ ଶୁଭ ସଙ୍କେତ।

**କନ୍ୟା:** ଯାତ୍ରା ପ୍ରାରମ୍ଭ ବେଳେ ଶିଶୁ କନ୍ୟା ହଳଦିଆ କିମ୍ବା କମଳା ରଙ୍ଗର ପୋଷାକ ପିନ୍ଧିଥିବା ଦେଖିବା ଶୁଭ। ଏହା ଦ୍ୱାରା କାମରେ ସଫଳତା ମିଳିବା ଯୋଗ ଅଛି।

**ଗାଇ:** ଯାତ୍ରା ସମୟରେ ଗୋମାତାଙ୍କ ଦର୍ଶନକୁ ଶୁଭ ସଙ୍କେତ ବୋଲି କୁହାଯାଇଛି। ସେହିପରି ଗାଇକୁ ଗୁଡ଼ ଖୁଆଇ ଯାତ୍ରା ପ୍ରାରମ୍ଭ କରନ୍ତୁ। ଏହା ଦ୍ୱାରା ନ ହେବା କାମ ହୋଇଥାଏ।

**କଳସ:** ଯାତ୍ରା ପ୍ରାରମ୍ଭ ବେଳେ ଜଳ ଭର୍ତ୍ତି କଳସ ଦେଖିବା ଶୁଭ। ସମସ୍ତ କାମରେ ସଫଳତା ମିଳିଥାଏ।

**କିନ୍ନର:** କିନ୍ନରଙ୍କୁ ମଙ୍ଗଳମୁଖୀ କୁହାଯାଏ। ଯାତ୍ରାକୁ ଯିବା ବେଳେ କିନ୍ନରଙ୍କୁ ଦେଖି ନିଜ ଇଚ୍ଛାରେ କିଛି ଦାନ ଦିଅନ୍ତୁ। ଏହା ଦ୍ୱାରା ଶୁଭଫଳ ମିଳେ। ଯାତ୍ରା ମଧ୍ୟ ମଙ୍ଗଳମୟ ହୋଇଥାଏ।

## ସ୍ୱସ୍ତି



## ରାହୁ-କେତୁଙ୍କ ରାଶି ପରିବର୍ତ୍ତନ

**ଜ୍ୟୋତିଷ ଶାସ୍ତ୍ରରେ ଗ୍ରହ ଓ ନକ୍ଷତ୍ରର ବିଶେଷ ମହତ୍ତ୍ୱ ଅଛି। ଲୋକଙ୍କ ଜୀବନ ଉପରେ ଏହା ଗଭୀର ପ୍ରଭାବ ପକାଏ। ତେବେ ମେ ୧୮ ତାରିଖରୁ ରାହୁ ମୀନରୁ କୁମ୍ଭ ଏବଂ କେତୁ କନ୍ୟାରୁ ସିଂହ ରାଶିକୁ ପ୍ରବେଶ କରିଛନ୍ତି। ଏହି ରାଶି ପରିବର୍ତ୍ତନ ଜାତକରେ ୧.୫ ବର୍ଷ ପର୍ଯ୍ୟନ୍ତ ରହିବ। ତେବେ ଏ ପରିବର୍ତ୍ତନ କେଉଁ ରାଶି ଉପରେ କି ପ୍ରଭାବ ପକାଇବ, ସେ ସମ୍ପର୍କରେ ଜାଣିବା।**

- ରାହୁ ଜୀବନରେ ଲୋଭ, ଅଚାନକ ପରିବର୍ତ୍ତନ ଭାବ ଆଣିବା କାମ କରିଥାନ୍ତି। ସେହିପରି କେତୁ ମୋକ୍ଷ, ତ୍ୟାଗ ଏବଂ ଶାନ୍ତି ଭାବ ଆଣିଥାନ୍ତି । ଏହି ଦୁଇଙ୍କ ରାଶି ପରିବର୍ତ୍ତନ ଚିନ୍ତା, ନିଷ୍ପତ୍ତି ଏବଂ ସମ୍ପର୍କକୁ ପ୍ରଭାବିତ କରିଥାଏ।
- ରାହୁ-କେତୁ ପରିବର୍ତ୍ତନ ଦ୍ୱାରା କୁମ୍ଭ, ସିଂହ, ମୀନ ଏବଂ କନ୍ୟା ରାଶି ବ୍ୟକ୍ତିବିଶେଷଙ୍କୁ ସତର୍କ ରହିବା ଜରୁରି। କାରଣ ଏହି ପରିବର୍ତ୍ତନ ଦ୍ୱାରା ଚିନ୍ତାଧାରାରେ ପରିବର୍ତ୍ତନ, ଜୀବନରେ ନୂଆ ଦିଗ, କିଛି ତ୍ୟାଗ ସହିତ କିଛି ନୂଆ ମିଳିବାର ଯୋଗ ଅଛି।
- ରାହୁ ପରିବର୍ତ୍ତନ କୁମ୍ଭ ରାଶି ପାଇଁ ଅଚାନକ ପ୍ରସିଦ୍ଧି, ଅର୍ଥ ଏବଂ ନୂତନ ପରିବର୍ତ୍ତନ ଆଣିପାରେ। ଏହି ସମୟରେ ଭ୍ରମଠୁ ଦୂରରେ ରହିବା ଦରକାର। କୌଣସି ନିଷ୍ପତ୍ତି ବୁଝିବିଚାରି ନିଅନ୍ତୁ।
- କେତୁଙ୍କ ପରିବର୍ତ୍ତନ ଯୋଗୁଁ ସିଂହ ରାଶି ବ୍ୟକ୍ତି ବିଶେଷ ଅହଂକାର ତ୍ୟାଗ କରିବେ। ସମ୍ପର୍କରେ ଅହଂ ଭାବ ତ୍ୟାଗ କରି ଜୀବନସାଥୀ ସହ ଖୁସିରେ ରହିବେ।

## ବଦ୍ରିନାଥରେ ଅସରପାଙ୍କୁ ଲାଗି ହୁଏ ଭୋଗ



**ଉତ୍ତରାଖଣ୍ଡର ଚାରିଧାମ ଯାତ୍ରାରେ ବଦ୍ରିନାଥ ସାମିଲ ଅଛି। ଏହା ଏକ ପ୍ରାଚୀନ ମନ୍ଦିର। ଏହି ମନ୍ଦିରକୁ ନେଇ ଅନେକ ମାନ୍ୟତା ଓ ପରମ୍ପରା ରହିଛି। ତେବେ ବଦ୍ରିନାଥ ମନ୍ଦିରରେ ଭୋଗ ଲାଗି କରାଯିବା ପୂର୍ବରୁ ଅନେକ ଜୀବଜନ୍ତୁଙ୍କୁ ଭୋଗ ଲାଗି କରାଯାଏ। ଏଥିରେ ଅସରପା ବି ସାମିଲ ଅଛି।**



ପ୍ରତିଦିନ ଭଗବାନ ବଦ୍ରିନାଥଙ୍କୁ ରାଜଭୋଗ ଲାଗି କରାଯାଏ। ହେଲେ ଏହା ପୂର୍ବରୁ ଅସରପାଙ୍କୁ ଭୋଗ ଲାଗି କରାଯାଏ। କୁହାଯାଏ, ବଦ୍ରୀନାଥ ରାଜଭୋଗ ଗ୍ରହଣ କରିବା ପୂର୍ବରୁ ସମସ୍ତ ଜୀବଜନ୍ତୁଙ୍କୁ ତୃପ୍ତ କରାଯାଏ। ଏହି ମାନ୍ୟତାକୁ ଦେଖି ପଶୁ ପକ୍ଷୀଙ୍କ ସହିତ ଅସରପାଙ୍କୁ ବି ଭୋଗ ଲାଗି କରାଯାଏ। ଏଠାରେ ପ୍ରତିଦିନ ଦ୍ୱିପହରରେ ଅସରପାଙ୍କୁ ଅନ୍ନ ଭୋଗ ଲାଗି କରାଯିବାର ପରମ୍ପରା ଅଛି। ଏହାକୁ ତପ୍ତକୁଣ୍ଡ ନିକଟବର୍ତ୍ତୀ ଗରୁଡ଼ କୁଟିରେ ରଖାଯାଏ। ଏହାପରେ ହିଁ ଭଗବାନଙ୍କୁ ଭୋଗ ଲାଗି କରାଯାଏ। କେବଳ ସେତିକି ନୁହେଁ, ଏଠାରେ ଅସରପାଙ୍କ ସମେତ ଗାଇ ଏବଂ ପକ୍ଷୀଙ୍କୁ ମଧ୍ୟ ଭୋଗ ଦିଆଯାଏ। ଏହି ପରମ୍ପରାର ଆରମ୍ଭ ଅଷ୍ଟମ ଶତାବ୍ଦିରେ ଆଦି ଗୁରୁ ଶଙ୍କରାଚାର୍ଯ୍ୟ କରିଥିବା କୁହାଯାଏ।

## ମହିଳାଙ୍କ ଶୃଙ୍ଗାର ପାଇଁ ନିୟମ

**ଶୃଙ୍ଗାର ପ୍ରତ୍ୟେକ ମହିଳାଙ୍କୁ ପସନ୍ଦ। ହେଲେ ହିନ୍ଦୁ ଧର୍ମରେ ଶୃଙ୍ଗାରକୁ ନେଇ କିଛି ନିୟମ ଅଛି। କିଛି ସ୍ଥାନ ତଥା ପରିସ୍ଥିତି ଏଭଳି ଅଛି, ଯେଉଁଠି ମହିଳାଙ୍କୁ ଶୃଙ୍ଗାର କରିବା ମନା।**

କୁହାଯାଏ, ସ୍ୱାମୀ ଯଦି କାମରେ କୌଣସି ଦୂର ସ୍ଥାନକୁ ଯାତ୍ରା କରିଥାନ୍ତି, ସେ ସମୟରେ ପତ୍ନୀଙ୍କୁ ଅଧିକ ଶୃଙ୍ଗାର କରିବା ମନା। ଏହି ସମୟରେ ଯେତିକି ଦରକାର, ସେତିକି ସଜ ହେବା ଉଚିତ। ଏଭଳି ସ୍ଥିତିରେ ଅଧିକ ସଜେଇ ହେବାକୁ ଠିକ୍ ବୋଲି ବିବେଚନା କରାଯାଏ ନାହିଁ। ସେହିପରି ପରିବାରରେ କାହାରି ମୃତ୍ୟୁ ହୋଇଥିଲେ ମହିଳାଙ୍କୁ ଶୃଙ୍ଗାର କରିବା ମନା। ଏପରିକି ଏଭଳି ସ୍ଥିତିରେ ଶୃଙ୍ଗାର ମନୋବିଜ୍ଞାନ ଦୃଷ୍ଟିକୋଣରୁ ବି ଠିକ୍ ନୁହେଁ। ତେଣୁ ମହିଳାଙ୍କୁ ଏହା ଉପରେ ବିଶେଷ ଦୃଷ୍ଟି ଦେବା ଉଚିତ।

ତେବେ ଋତୁସ୍ରାବ ସମୟରେ ମହିଳାଙ୍କୁ ଶୃଙ୍ଗାର କରିବାକୁ ବାରଣ କରାଯାଏ। ଏହାବାଦ୍ କୌଣସି ସ୍ଥାନକୁ ଶୋକ ବ୍ୟକ୍ତ କରିବାକୁ ଯାଉଥିଲେ, ଏଭଳି ସ୍ଥିତିରେ ଆବଶ୍ୟକତାଠୁ ଅଧିକ ଶୃଙ୍ଗାର କରିବା ଅନୁଚିତ। ଏପରି ସ୍ଥଳେ ମହିଳାଙ୍କ ଅଧିକ ସଜବାଜ ମର୍ଯ୍ୟାଦା ପାଇଁ ଅନୁକୂଳ ହୋଇ ନ ଥାଏ।



# ଭୁବନେଶ୍ୱରରେ ଖୋଲିବ ଏନ୍ଆଇଏ ଥାନା

ଭୁବନେଶ୍ୱର,୧୮।୫(ସମିସ): ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ଖୋଲିବ ଏନ୍ଆଇଏ(ଜାତୀୟ ତଦନ୍ତକାରୀ ସଂସ୍ଥା)ଥାନା । ଏନେଇ ଆଜି ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଭୁବନେଶ୍ୱରର ଭିଏସ୍ଏସ୍ ନଗରରେ ଖୋଲିବ ଏହି ଥାନା । ଭୁବନେଶ୍ୱରର ବୀର ସୁରେନ୍ଦ୍ର ସାଏ (ଭିଏସ୍ଏସ୍) ନଗର ଠାରେ ଏନ୍ଆଇଏର ଶାଖା କାର୍ଯ୍ୟ ପ୍ରତିଷ୍ଠା ହେବ । ଏଠାରେ ଜଣେ ଏସପି ପାହ୍ୟାର ଅଧିକାରୀ ଏହି ଥାନା ଦାୟିତ୍ୱ ।।ରେ ରହିବେ । ଏହି ବିଲ୍ଡିଂରେ ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି । ଏଥିସହ ଆବଶ୍ୟକ କର୍ମଚାରୀ ଏବଂ ଅନ୍ୟାନ ସୁବିଧା ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗୃହ ବିଭାଗ ପକ୍ଷରୁ କୁହାଯାଇଛି । ଓଡ଼ିଶା ଏବେ ଆତଙ୍କବାଦୀଙ୍କ ସ୍କାନରରେ ଅଛି । ଅବଦୁଲ ରେହମାନ ଠାରୁ ଆରମ୍ଭ କରି ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରା ପାକିସ୍ତାନର ଗୁପ୍ତଚର ସାଜି ଓଡ଼ିଶାର ଗୁପ୍ତ ତଥ୍ୟ ପାକିସ୍ତାନକୁ ଦେଉଥିଲେ। ତେଣୁ ଓଡ଼ିଶାରେ ଏନ୍ଆଇଏ ଅଫିସ୍ ରହିବା ଜରୁରୀ ହୋଇ ପଡ଼ିଥିଲା । କାରଣ ଏଠାରେ କୌଣସି ଦେଶ ବିରୋଧୀ ଅପରାଧ ଘଟିଲେ ଦିଲ୍ଲୀ ଏବଂ କଲିକତାରୁ ଏନ୍ଆଇଏ ଟିମ୍ ଓଡ଼ିଶା ଆସୁଥିଲେ । ସେତ ବେଳକୁ ତଦନ୍ତରେ ବିଳମ୍ବ ହେବା ସହ ପ୍ରମାଣ ନଷ୍ଟ ହେବାର ସମ୍ଭାବନା ରହିଥିଲା । ତେଣୁ ଏସବୁ ନଜରକୁ ନେଇ ଓଡ଼ିଶାରେ ଏନ୍ଆଇଏ ଅଫିସ ନିହାତି ଆବଶ୍ୟକ ଥିଲା ।

**■ ଏସ୍ପି ପାହ୍ୟାର ଅଧିକାରୀ ମୁଖ୍ୟ ରହିବେ**
**■ ଆତଙ୍କୀକ ଉପରେ ରହିବ କଡା ନଜର**

ସୂଚନାଯୋଗ୍ୟ ଯେ ଜାତୀୟ ତଦନ୍ତ ସଂସ୍ଥା ହେଉଛି ଭାରତର କେନ୍ଦ୍ରୀୟ ଆତଙ୍କବାଦ ବିରୋଧୀ ଆଇନ ପ୍ରବର୍ତ୍ତନ ସଂସ୍ଥା, ଯାହା ୨୦୦୮ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ଏହାର ପ୍ରାଥମିକ ଭୂମିକା ହେଉଛି ଆତଙ୍କବାଦ ସହିତ ଜଡିତ ଅପରାଧ ଏବଂ ଜାତୀୟ ସୁରକ୍ଷା ଏବଂ ସାର୍ବଭୌମତ୍ୱକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ବିଷୟଗୁଡ଼ିକର ତଦନ୍ତ ଏବଂ ବିଚାର କରିବା । ଏନ୍ଆଇଏ ମଧ ଆତଙ୍କବାଦୀ ନେଟୱର୍କଗୁଡ଼ିକୁ ଭାଙ୍ଗିବା ଉପରେ ଲକ୍ଷ୍ୟ ରଖିଥାଏ। ଏନ୍ଆଇଏ’ର ସାରା ଭାରତରେ ୧୯ଟି ଶାଖା କାର୍ଯ୍ୟାଳୟ ଅଛି । ଏହାର ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀରେ ରହିଛି । ଦେଶର ବିଭିନ୍ନ ଅଞ୍ଚଳରେ ଆତଙ୍କବାଦ ବିପଦକୁ ମୁକାବିଲା କରିବା ପାଇଁ ଏହି ଶାଖା କାର୍ଯ୍ୟାଳୟଗୁଡ଼ିକ ରଣନୀତିକ ଭାବରେ ଅବସ୍ଥିତ । ହାଇଦ୍ରାବାଦ, ଗୁଆହାଟୀ, କୋଚି, ଲକ୍ଷ୍ନୌ, ମୁମ୍ବାଇ, କୋଲକାତା, ରାୟପୁର, ଜମ୍ମୁ, ଚଣ୍ଡିଗଡ଼, ରାଞ୍ଚି, ଚେନ୍ନାଇ, ଇମ୍ଫାଲ, ବେଙ୍ଗାଲୁରୁ, ପାଟନା, ଜୟପୁର, ଭୋପାଳ ଏବଂ ଅହମ୍ମଦାବାଦ ଏନଆଇଏ ଶାଖା କାର୍ଯ୍ୟାଳୟ ରହିଛି ।

**ୟୁଟ୍ୟୁବର୍ ଜ୍ୟୋତି ମାଲ୍ହୋତ୍ରାଙ୍କ ଓଡ଼ିଶା ଲିଙ୍କ୍**

# ପୁଲିସ ସ୍କାନର୍‌ରେ ପୁରୀର ପ୍ରିୟଙ୍କା

ପୁରୀ, ୧୮।୫(ସମିସ): ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ମହିଳା ୟୁ-ଟ୍ୟୁବର୍ ଜ୍ୟୋତି ମାଲହୋତ୍ରାଙ୍କୁ ହରିଆଣା ପୁଲିସ୍ ଗିରଫ କରିବା ପରେ ନୂଆ ନୂଆ ଗୁମର ଖୋଲିବାରେ ଲାଗିଛି । ଗତକାଲି ଜ୍ୟୋତିଙ୍କର ପୁରୀ ଲିଙ୍କ୍ ସାମ୍ନାକୁ ଆସିଥିବା ବେଳେ ଆଜି ପୁରୀର ଜଣେ ଯୁବତୀଙ୍କ ନାମ ପଦାକୁ ଆସିଛି। ସେ ହେଲେ, କଳାକାଦେବୀ ସାହିର ପ୍ରିୟଙ୍କା ସେନାପତି। ସେ ମଧ ଜଣେ ବ୍ଲଗର୍। ଜ୍ୟୋତିଙ୍କ ସହ ତାଙ୍କର କିପରି ଏବଂ କେବେଠୁ ସମ୍ପର୍କ ସ୍ଥାପନ ହେଲା, ଜ୍ୟୋତି ପୁରୀ ଆସିଥିବା ବେଳେ ପ୍ରିୟଙ୍କା ତାଙ୍କୁ କେଉଁ ସବୁ ସ୍ଥାନ ବୁଲାଇଛନ୍ତି, ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ସମ୍ପର୍କିତ କିଛି ଗୁପ୍ତ ତଥ୍ୟ ବାହାରକୁ ଯାଇନାହିଁ ତ, ପ୍ରିୟଙ୍କା ପାକିସ୍ତାନ ଯିବା ପଛରେ ଜ୍ୟୋତିଙ୍କର କ’ଣ ଭୂମିକା ଥିଲା? ଏମିତି ଅନେକ ପ୍ରଶ୍ନ ଏବେ ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟି ହୋଇଛି । ତେବେ ଏହାକୁ ବେଶ୍ ଗମ୍ଭୀରତାର ସହ ନେଇଛି ପୁରୀ ପୁଲିସ । ପ୍ରିୟଙ୍କାଙ୍କୁ ଘଣ୍ଟାଏ ତାଙ୍କ ଘରେ ପଚରାଉଚରା କରାଯାଇଥିବା ବେଳେ ବିଭିନ୍ନ ଦିଗକୁ ଦେଇ ତଦନ୍ତ କରୁଛି ପୁଲିସ। ଏସ୍ପି ବିନୀତ୍ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠିତ ଟିମ୍ ଏହାର ଅନୁସନ୍ଧାନ ଚଳାଇଛନ୍ତି ।

ରବିବାର ପୁଲିସ୍ ପ୍ରିୟଙ୍କାଙ୍କ ଘରକୁ ଯାଇ ତାଙ୍କୁ ପଚରାଉଚରା କରିଛି । ସିଟି ଡିଏସ୍ପି ପ୍ରଶାନ୍ତ କୁମାର ସାହୁ, ଟାଉନ ଥାନାଧିକାରୀ ଗୋକୁଳ ରଞ୍ଜନ ଦାସ ଓ ସିଂହଦ୍ୱାର ଥାନାଧିକାରୀ ଶ୍ୱେତପଦ୍ମା ଦାଶ ପ୍ରିୟଙ୍କାଙ୍କ ବାସଭବନକୁ ଯାଇ ପ୍ରାୟ ୧ଘଣ୍ଟା ଧରି ତାଙ୍କୁ ଜ୍ୟୋତିଙ୍କ ସହ ତାଙ୍କ ସମ୍ପର୍କ



ବିଷୟରେ ପଚାରିଥିଲେ। ଜ୍ୟୋତିଙ୍କୁ କେମିତି ଜାଣିଲେ, ସାଥୀ ହୋଇ କେଉଁଆଡ଼େ ବୁଲି ଯାଇଛନ୍ତି, ଜ୍ୟୋତିଙ୍କୁ କିଛି ତଥ୍ୟ ପ୍ରଦାନ କରିଛନ୍ତି କି, ତାଙ୍କ ଗତିବିଧି ସନ୍ଦେହଜନକ ତଥା ଗୁପ୍ତଚର ଭଳି ଲାଗୁଥିଲେ କି, ପାକିସ୍ତାନ ଯାଇଥିଲେ କି, ଯଦି ଯାଇଥିଲେ ସେଠି କାହା ସହିତ ବନ୍ଧୁତା ରଖିଥିଲେ କି ଏମିତି ବିଭିନ୍ନ ଦିଗକୁ ନେଇ ପୁଲିସ ପ୍ରିୟଙ୍କାଙ୍କୁ ପଚରାଉଚରା କରିଥିଲା ।

ତେବେ ଜ୍ୟୋତି ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରିବା ଅଭିଯୋଗରେ ଗିରଫ ହେବା ଜାଣିବା ପରେ ପ୍ରିୟଙ୍କା ନିଜ ଇନ୍‌ଷ୍ଟାଗ୍ରାମରେ ସ୍ୱଷ୍ଟୀକରଣ ଦେଇ ଲେଖିଛନ୍ତି, ୟୁଟ୍ୟୁବ୍ ମାଧ୍ୟମରେ ଜ୍ୟୋତିଙ୍କୁ ଚିହ୍ନିଥିଲି । ତାଙ୍କ ସମ୍ପର୍କରେ

**■ ଜ୍ୟୋତି ପୁରୀ ଆସି ଶ୍ରୀମନ୍ଦିର, ବେଳାଭୂମି ବୁଲିଥିଲେ**
**■ ପ୍ରିୟଙ୍କାଙ୍କୁ ଜେରା କଲା ପୁରୀ ପୁଲିସ୍**
**■ ଦୁହେଁ ପାକିସ୍ତାନ କରତାରପୁର ଯାଇଥିଲେ: ବାପା**


ମୁଁ ଏତେ ମାତ୍ରାରେ ଅବଗତ ନଥିଲି। ସେ ପାକିସ୍ତାନ ଗୁପ୍ତଚର ଭାବେ କାମ କରୁଛନ୍ତି ବୋଲି ମୁଁ ଜାଣିଥିଲେ କେବେ ବି ତାଙ୍କ ସହ ଯୋଗାଯୋଗରେ ଆସିନଥାନ୍ତି। ଏସବୁ ଜାଣିବା ପରେ ମୋତେ ମଧ ଆଶ୍ଚର୍ଯ୍ୟ ଲାଗୁଛି। ଯଦି କୌଣସି ତଦନ୍ତକାରୀ ସଂସ୍ଥା ମୋତେ ପ୍ରଶ୍ନ ପଚାରନ୍ତି, ତେବେ ସମ୍ପୂର୍ଣ୍ଣ ସହଯୋଗ କରିବି ବୋଲି କହିଛନ୍ତି ପ୍ରିୟଙ୍କା।

ଅନ୍ୟପକ୍ଷରେ ପ୍ରିୟଙ୍କାଙ୍କ ବାପା ରାଜକିଶୋର କହିଛନ୍ତି, ପୁଲିସକୁ ତଦନ୍ତ ସମ୍ପୂର୍ଣ୍ଣ ସହଯୋଗ କରିବୁ। ଜ୍ୟୋତି ସହ ଝିଅର ବନ୍ଧୁତା ସୋସିଆଲ୍ ମିଡିଆରେ ହୋଇଥିଲା। ଦୁଇଜଣଙ୍କର ବନ୍ଧୁତା ୮/୯ମାସ ପୂର୍ବର। ଝିଅ କାଶ୍ମୀର ଯାଇଥିବା ବେଳେ କିଛି ଭିଡିଓ କରିବା ପାଇଁ ପାକିସ୍ତାନ କରତାରପୁର ମଧ ଯାଇଥିଲା। ସେ ପୁରୀ ଆସିଥିବା ବେଳେ ଝିଅ ତାକୁ ବିଭିନ୍ନ ସ୍ଥାନ ବୁଲାଇବାରେ ସହଯୋଗ କରିଥିଲା। ହେଲେ ଜ୍ୟୋତି ପାକିସ୍ତାନୀ ଗୁପ୍ତଚର ବୋଲି ଜାଣିବା ପରେ ଆଶ୍ଚର୍ଯ୍ୟ ଲଗୁଛି ।

ଅନ୍ୟପକ୍ଷରେ ଏସ୍ପି ବିନୀତ୍ ଅଗ୍ରୱାଲ କହିଛନ୍ତି, ଏହାକୁ ଆମେ ଗୁରୁତ୍ୱର ସହ ନେଇଛୁ। ପ୍ରାଥମିକ ଭାବେ ତାଙ୍କୁ ପଚରାଉଚରା କରାଯାଇଛି । ସବୁ ଦିଗକୁ ନେଇ ପଚରାଉଚରା ହୋଇଛି। କେନ୍ଦ୍ର ଓ ରାଜ୍ୟ ତଦନ୍ତକାରୀ ଏଜେନ୍ସିଙ୍କ ସମେତ ହରିଆଣା ପୁଲିସ ସହ ମଧ ଆମେ ଯୋଗାଯୋଗରେ ଅଛୁ। ପ୍ରିୟଙ୍କାଙ୍କୁ ଆଜି ପଚରାଉଚରା କରାଯାଇଛି । କିଛି ସନ୍ଦେହଜନକ କାର୍ଯ୍ୟକଳାପରେ ସେ ସମ୍ପୃକ୍ତ ଅଛନ୍ତି କି ନାହାନ୍ତି, ତାହାର ତଦନ୍ତ ଚାଲିଛି ବୋଲି ଏସ୍ପି କହିଛନ୍ତି।

# ନୂଆ ମୁହଁ ଉପରେ ଭକ୍ତଙ୍କ ଭରସା

ଭୁବନେଶ୍ୱର,୧୮।୫(ସମିସ): ଦାୟିତ୍ୱ ନେବାର ପ୍ରାୟ ୩ ମାସ ପରେ ନିଜର ଟିମ୍ ଗଢ଼ିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ପୂର୍ବରୁ ପିସିସି ସଭାପତିମାନେ ନିଜର ବିଶାଳ ଟିମ୍ ଗଠନ କରୁଥିବାବେଳେ ଭକ୍ତ ନିଜର ସହଯୋଗୀଙ୍କ ସଂଖ୍ୟା ୩୦ରେ ସୀମିତ ରଖିଛନ୍ତି। ସେହିପରି ବରିଷ୍ଠ ଓ ଅଭିଜ୍ଞ ନେତାଙ୍କ



ସ୍ଥାନରେ ନୂଆ ଓ ଯୁବ ଚେହେରା ଉପରେ ବେଶୀ ଗୁରୁତ୍ୱ ଦେଇଛନ୍ତି। କଂଗ୍ରେସ ବର୍ତ୍ତମାନ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଦେଇ ଗତି କରୁଥିବାବେଳେ ଭକ୍ତଙ୍କ ଏହି ନିଷ୍ପତ୍ତି ଦଳ ପାଇଁ ଆଶୀର୍ବାଦ ହେବ କି ଅଭିଶାପ ହେବ ତାହା ସମୟ କହିବ । ମାତ୍ର ଭକ୍ତଙ୍କ ନୂଆ ଟିମ୍‌କୁ ନେଇ ଦଳର ଅନେକ ବରିଷ୍ଠ ନେତା ଖୁସି ନ ଥିବା ପରି ମନେ ହେଉଛି ।

ପୂର୍ବରୁ ଗଠନ ହୋଇଥିବା ରାଜନୈତିକ ବ୍ୟାପାର କମିଟିରେ ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଶ୍ରୀକାନ୍ତ ଜେନା, ନରସିଂହ ମିଶ୍ର, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ମହମ୍ମଦ ମୋକିମଙ୍କ ଭଳି ନେତାଙ୍କୁ ସ୍ଥାନ ମିଳିଛି। ମାତ୍ର ଏହି କମିଟିର କାର୍ଯ୍ୟ ଏଯାଏ କ’ଣ ତାହା ସ୍ପଷ୍ଟ ହୋଇ ନାହିଁ। ପୂର୍ବରୁ ଚିରାଚିରତ ଭାବେ ଆଗଧାଡ଼ି ତଥା ବରିଷ୍ଠ ନେତାମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପଦରେ ଦାୟିତ୍ୱ ମିଳୁଥିଲା। ଏଥର ଅନେକ ନବାଗତ ବିଧାୟକ ସାଂଗଠନିକ ସ୍ତରରେ ନିଯୁକ୍ତି ପାଇଛନ୍ତି। ଭକ୍ତଙ୍କ ଟିମରେ କୌଣସି ତଥାକଥିତ ହେଭିୱେଟ୍‌ଙ୍କୁ ସ୍ଥାନ ମିଳି ନ ଥିବାବେଳେ ରାଜ୍ୟ କଂଗ୍ରେସ ଇତିହାସରେ ପ୍ରଥମଥର ପାଇଁ ପଦାଧିକାରୀଙ୍କ ସଂଖ୍ୟାକୁ ମାତ୍ର ୩୦ ଭିତରେ ସୀମିତ ରଖାଯାଇଛି। ପଦାଧିକାରୀ ଟିମରେ ଅଧିକାଂଶ ନୂଆମୁହଁଙ୍କୁ ସ୍ଥାନ ଦିଆଯିବା ପଛରେ ଭକ୍ତ ଭିନ୍ନ ରଣନୀତି ଆପଣେଇଥିବା କୁହାଯାଉଛି। କଂଗ୍ରେସର

**■ ବରିଷ୍ଠ ଓ ଅଭିଜ୍ଞ ନେତାଙ୍କୁ କୋଣଠେସା**
**■ ସ୍ଥାନ ପାଇଲେ ନାହିଁ ମୋକିମ୍ ଓ ସୋଫିଆ।**

ଆଭ୍ୟନ୍ତରୀଣ ଗୋଷ୍ଠୀକନ୍ଦଳରୁ ନଜର ହଟାଇ ଦଳକୁ ଏକ ନୂଆରୂପ ଦେବାପାଇଁ ଏଭଳି ପ୍ରୟାସ ହୋଇଥିବା ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି। ଭକ୍ତଙ୍କ ଟିମ୍‌ରେ ୭ ଉପସଭାପତି, ୧୦ ସାଧାରଣ ସମ୍ପାଦକ, ୧୨ ସମ୍ପାଦକ ଓ ଜଣେ କୋଷାଧକ୍ଷ ରହିଛନ୍ତି । ସୋସିଆଲ ମିଡ଼ିଆ ଅଧକ୍ଷ ଓ ସହ-ଅଧକ୍ଷଙ୍କୁ ମିଶାଇଲେ ଏହି ସଂଖ୍ୟା ୩୨ ଛୁଇଁଛି । ଏହା ପୂର୍ବରୁ ଯୁବ ସଭାପତି ଓ ଛାତ୍ର ସଭାପତିଙ୍କୁ ନିଯୁକ୍ତି ମିଳି ସାରିଛି। ମହିଳା ସଭାନେତ୍ରୀ ପଦରେ ନୂଆ ମିନାକ୍ଷୀ ବାହୀନିପତି କାର୍ଯ୍ୟ କରୁଛନ୍ତି ଓ ସେ ଏହି ପଦରେ ରହିବେ କି ନାହିଁ, ତାହା ସମୟ କହିବ ।

ପୂର୍ବରୁ କଂଗ୍ରେସର କାର୍ଯ୍ୟକାରୀ ସଭାପତି ପଦରେ ଅନେକ ବରିଷ୍ଠ ନେତାଙ୍କୁ ନିଯୁକ୍ତି ମିଳିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏଥିପାଇଁ କାହାରି ନାମ ଘୋଷଣା ହୋଇ ନାହିଁ । ଏହି ପରିପ୍ରେକ୍ଷୀରେ ପ୍ରଥମଥର ପାଇଁ ଦଳରେ ୪ ଜଣ କାର୍ଯ୍ୟକାରୀ ସଭାପତିଙ୍କୁ ନିଯୁକ୍ତି ମିଳିବା ସମ୍ଭାବନା ଥିବା ଚର୍ଚ୍ଚା ହୋଉଛି । ଅନ୍ୟପକ୍ଷରେ ଭକ୍ତଙ୍କ ଏହି ଟିମ୍ ଗଠନ ପରେ ସବୁଠୁ ଅଧିକ ମହମ୍ମଦ ମୋକିମଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କମିଟିରେ ତାଙ୍କୁ ବା ତାଙ୍କ ବିଧାୟିକା ଝିଅଙ୍କୁ ସ୍ଥାନ ନ ମିଳିବା ବିଭିନ୍ନ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି । ନିକଟ ଅତୀତରେ କଟକ ଗସ୍ତ ସମୟରେ ନିଜେ ଭକ୍ତଚରଣ ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍‌ଙ୍କୁ ବେଶ୍ ପ୍ରଶଂସା କରିଥିବାରୁ ତାଙ୍କୁ ଦଳ ଓଜନିଆ ପଦ ଦେବ ବୋଲି ଚର୍ଚ୍ଚା ହେଉଥିଲା, ମାତ୍ର ତାଙ୍କୁ ଭକ୍ତଙ୍କ ଟିମ୍‌ରେ ସ୍ଥାନ ନ ଦେବାକୁ ନେଇ ରାଜନୈତିକ ମହଲରେ ଭିନ୍ନ ଆଲୋଚନା ହେଉଛି ।

ଏ ସମ୍ପର୍କରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି ଯେ ପିସିସି ସଭାପତିଙ୍କୁ ଗୋଟିଏ ପାରଦର୍ଶୀ ଟିମ୍ ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ। ପିସିସି ସଭାପତି ଯେଉଁମାନଙ୍କୁ ନେଇ କାମ କରିପାରିବେ, ସେମାନଙ୍କୁ ନେଇ ସେ ଟିମ୍ ଗଠନ କରିଛନ୍ତି। ପୂର୍ବତନ ପିସିସି ସଭାପତିମାନେ ତାଙ୍କ ଅଧୀନରେ ରହିପାରିବେ ନାହିଁ। ସେଥିପାଇଁ ତାଙ୍କୁ ବା ଅନ୍ୟମାନଙ୍କୁ ଟିମ୍‌ରେ ସ୍ଥାନ ଦିଆଯାଇ ନ ଥାଇପାରେ। ପୁନଶ୍ଚ ମହମ୍ମଦ ମୋକିମ ଓ ସୋଫିଆ ଫିର୍‌ଦୋସଙ୍କୁ କୌଣସି ଟିମ୍‌ରେ ରଖାଯାଇ ନ ଥିବା ପ୍ରସଙ୍ଗରେ କେବଳ ପିସିସି ସଭାପତି ହିଁ ଉତ୍ତର ଦେଇ ପାରିବେ ବୋଲି ଜୟଦେବ କହିଛନ୍ତି । ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ଭକ୍ତ ବାବୁଙ୍କ ଏହି ଟିମ୍ କଂଗ୍ରେସକୁ ସୁଦୃଢ଼ କରିବ ବୋଲି ଆମେ ଆଶା କରୁଛୁ । ତେବେ ସେ ଯଦି ବୁଦ୍ଧି ବିଚାରି ଟିମ୍ କରିଥିବେ, ତେବେ ଫଳ ଦେବ, ବୁଦ୍ଧି ବିଚାରି କରି ନ ଥିଲେ ଭଲ ଫଳ ଦେବ ନାହିଁ। ତାଙ୍କ ନେତୃତ୍ୱରେ ଯେଉଁ କମିଟି ହୋଇଛି କଂଗ୍ରେସକୁ ଏହା ଆଗକୁ ବଢ଼ାଇବ ବୋଲି ସେ ଆଶା କରୁଥିବା କହିଛନ୍ତି । ଅନ୍ୟପକ୍ଷରେ ବିଧାୟିକା ସୋଫିଆ ଫିରଦୋସ କହିଛନ୍ତି ଯେ ତାଙ୍କୁ କମିଟିରେ ସ୍ଥାନ ମିଳୁ ବା ନ ମିଳୁ, ସେଥିରେ କିଛି ଅସୁବିଧା ନାହିଁ । ସେ ଦଳ ପାଇଁ କାମ କରୁଛନ୍ତି ଓ ଭବିଷ୍ୟତରେ ତାହାକୁ ଜାରି ରଖିବେ ବୋଲି ସୋଫିଆ କହିଛନ୍ତି ।

# ଭୂତଳ ଜଳସ୍ଥିତି ଚିନ୍ତାଜନକ

ଭୁବନେଶ୍ୱର, ୧୮।୫(ସମିସ): ରାଜ୍ୟର ଅନେକ ଅଞ୍ଚଳରେ ଭୂତଳ ଜଳସ୍ତର ଚିନ୍ତାଜନକ ଭାବେ ତଳକୁ ଖସୁଛି । କେତେକ ସ୍ଥାନରେ ଗଭୀର ନଳକୂପରୁ ମଧ ପାଣି ବାହାରୁନାହିଁ। ଶିଳ୍ପଠାରୁ ଆରମ୍ଭ କରି ବ୍ୟବସାୟିକ, ଘରୋଇ ବ୍ୟବହାର ପାଇଁ ମନଇଚ୍ଛା ପାଣି ଶୋଷାଯାଉଥିବାରୁ ପରିସ୍ଥିତି ସଙ୍ଗିନ ହେଲାଣି । ରାଜ୍ୟରେ କେଉଁ ଶିଳ୍ପ କେତେ ପାଣି ନେଉଛନ୍ତି, ତା’ର ମଧ ହିସାବ ନାହିଁ। ବିଶେଷକରି ସହରାଞ୍ଚଳ ଗଢ଼ି ଉଠୁଥିବା ନଭଶ୍ଚୁମ୍ବୀ ଅଟ୍ଟାଳିକାରେ ମନଇଚ୍ଛା ପାଣି ବ୍ୟବହାର ହେଉଛି। ଏସବୁ ରୋକିବା ପାଇଁ ସରକାର ୩ ବର୍ଷ ପୂର୍ବେ ଭୂତଳ ଜଳ ଅଧିନିୟମ କାର୍ଯ୍ୟକାରୀ କରିବେ ବୋଲି ଘୋଷଣା କରିଥିଲେ। ତାହା ଆଜି ପର୍ଯ୍ୟନ୍ତ ହୋଇପାରିଲାନି।

ସେତେବେଳେ କୁହାଯାଇଥିଲା ଯେ, ଭୂଗର୍ଭସ୍ଥ ଜଳ ସମ୍ପର୍କିତ ସମସ୍ତ କାର୍ଯ୍ୟ ତଦାରଖ କରିବାକୁ ଭୂତଳ ଜଳ କର୍ତ୍ତୃପକ୍ଷ ଗଠନ ହେବ। ଏଥିରେ ଜଳସମ୍ପଦ ବିଭାଗ ସଚିବ ଅଧକ୍ଷ ରହିବେ। ଭୂତଳ ଜଳ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଆବାହକ ସଦସ୍ୟ, ଆରଡବ୍ଲ୍ୟୁଏସ୍ଏସ୍ ଅଧିକାରୀ, ଆଇଆଇଟି ଏକ୍ସପର୍ଟ ଏହାର ସଦସ୍ୟ ରହିବେ। ଯେଉଁମାନେ ବୋର୍‌ୱେଲ୍ ଖୋଳିବାକୁ ଚାହିଁବେ, ସେମାନେ ଭୂତଳ ଜଳ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବେ । ଏକ ବିଶେଷଜ୍ଞ ଟିମ୍ କ୍ଷେତ୍ର ପରିଦର୍ଶନ କର ଆବେଦନକାରୀ ବୋର୍‌ୱେଲ୍ ଖନନ ପାଇଁ ଯୋଗ୍ୟ କି ନୁହନ୍ତି ତାହା ଯାଞ୍ଚ କରିବ। ଯଦି ସମ୍ପୃକ୍ତ ଅଞ୍ଚଳରେ ପାଇପ୍ ଯୋଗେ ପାନୀୟ ଜଳ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବ, ତେବେ ସେସବୁ ସ୍ଥାନରେ ବୋର୍‌ୱେଲ୍ କିମ୍ବା ଡଗ୍‌ୱେଲ୍ ପାଇଁ ଅନୁମତି ମିଳିବ ନାହିଁ। ତେ ।।ବେ ଯୋଗ୍ୟ ଆବେଦନକାରୀଙ୍କୁ ଏକ ଫି’ ଜମା କରିବାକୁ ପଡ଼ିବ। ପ୍ରାଥମିକ ଭାବେ ୩ ବର୍ଷ ପାଇଁ ଅନୁମତି ଦିଆଯିବ।

ସେହିପରି ଘରୋଇ ବ୍ୟବହାର ପାଇଁ ବୋର୍‌ୱେଲ୍ ଖୋଳିସାରିଥିବା ଘର ମାଲିକଙ୍କୁ ମଧ ପଞ୍ଜୀକରଣ କରିବାକୁ ପଡ଼ିବ। ଏଥିପାଇଁ ସେମାନଙ୍କୁ ଏକ ନୋମିନାଲ ଫି’ ଦେବାକୁ ହେବ। ରାଜ୍ୟରେ କେତେ ବୋର୍‌ୱେଲ୍ ଅଛି ସେନେଇ ମଧ ସର୍ଭେ କରାଯିବ। ଏହା କରିବା ଦ୍ୱାରା ମନଇଚ୍ଛା ପାଣି ଶୋଷିବାରେ ରୋକ୍ ଲାଗିପାରିବ । ହେଲେ ଏହା କେବଳ ଆଲୋଚନା ଓ ଘୋଷଣାରେ ସୀମିତ ରହିଯାଇଛି। ୩ ବର୍ଷ ହେଲା ଏହାକୁ କାର୍ଯ୍ୟକାରୀ କରିବାରେ ଜଳସମ୍ପଦ ବିଭାଗ ବିଫଳ ହୋଇଛି । ଏଭଳି ସ୍ଥିତି ଜାରି ରହିଲେ, ଆଗକୁ ପରିସ୍ଥିତି ଭୟଙ୍କର ହେବ। ପିଇବା ପାଇଁ ବି ପାଣି ଟୋପେ ମିଳିବନି ବୋଲି ପରିବେଶବିତ୍‌ମାନେ ଚେତାବନୀ ଦେଲେଣି।

**■ ଘୋଷଣାରେ ସୀମିତ ଭୂତଳ ଜଳ ଅଧିନିୟମ**
**■ ମନଇଚ୍ଛା ଶୋଷୁଛନ୍ତି ଶିଳ୍ପ ସଂସ୍ଥା ଓ ବିଲ୍ଡର**
**■ ରାଜ୍ୟର ୭ ବ୍ଲକ୍‌ରେ ଅଭାବନୀୟ ସ୍ଥିତି**

ଉଲ୍ଲେଖଥାଉ କି, ରାଜ୍ୟର ୭ ବ୍ଲକରେ ଭୂତଳ ଜଳସ୍ତର ବିପଜ୍ଜନକ ଭାବେ ହ୍ରାସ ପାଉଛି । ସେହି ବ୍ଲକ୍‌ଗୁଡିକ ହେଲା ବାହାନଗା, ବାଲିଆପାଳ, କୋରେଇ, ଗରଦପୁର, ବୋଲଗଡ଼, ନୂଆପଡ଼ା, ଭୁବନେଶ୍ୱର। ଏହିସବୁ ବ୍ଲକରେ ଭୂତଳ ଜଳ ୭୦ରୁ ୯୦ ପ୍ରତିଶତ ବ୍ୟବହାର କରାଯାଉଛି। ଏହାଛଡ଼ା ୪୪ଟି ବ୍ଲକରେ ସେମିକ୍ରିଟିକାଲ ସ୍ତରକୁ ଯାଉଥିବା ନେଇ ସତର୍କ କରାଯାଇଛି। ଉକ୍ତ ବ୍ଲକ୍‌ଗୁଡ଼ିକରେ ଯଦି ଭୂତଳ ଜଳ ସଞ୍ଚରଣ ବୃଦ୍ଧି ନ ହୁଏ, ତେବେ ଆଗାମୀ ଦିନରେ ପାଣି ଟୋପାଏ ପାଇଁ ତହଳବିକଳ ହେବାକୁ ପଡ଼ିବ। ଗ୍ରାଉଣ୍ଡ ୱାଟର୍ ରିସୋର୍ସ ଆସେସ୍‌ମେଣ୍ଟ(ଜିଡବ୍ଲୁଆର୍ଏ) ରିପୋର୍ଟ ଅନୁଯାୟୀ ରାଜ୍ୟରେ ୧୮,୯୭,୧୫୦.୫୩ ହେକ୍ଟର ମିଟର ଜଳ ସଞ୍ଚରଣ ହେଉଥିବା ବେଳେ ୧,୫୩,୧୭୩.୧୬ ହେକ୍ଟର ମିଟର ଜଳ ତଳକୁ ଖସୁଛି।

**ରାଜଧାନୀ ପାଇଁ ସତର୍କ ଘଣ୍ଟି**

ଲକ୍ଷ୍ମୀସାଗର ଅଞ୍ଚଳରେ ଜଳସ୍ତର ୫ ବର୍ଷ ପୂର୍ବେ ୫.୧୩ ମିଟର ଜଳସ୍ତର ରହିଥିବାବେଳେ ଏବେ ଏହା ଖସି ୪.୦୭ ମିଟର ରହିଛି। ସେହିଭଳି ନୂଆପଲ୍ଲୀ ଅଞ୍ଚଳରେ ୫.୪୧ ମିଟର ଥିବାବେଳେ ଏବେ ୪.୯୪ ମିଟର ରହିଛି। ଚନ୍ଦ୍ରଶେଖରପୁର ଅଞ୍ଚଳରେ ପୂର୍ବରୁ ଜଳସ୍ତର ଭଲ ସ୍ଥିତିରେ ଥିଲା। ଅର୍ଥାତ୍ ୬.୯୦ ମିଟର ଥିବାବେଳେ ଏବେ ହ୍ରାସ ପାଇ ୪.୧୫ ମିଟରକୁ ଖସି ଆସିଛି। ଖଣ୍ଡଗିରି ଅଞ୍ଚଳରେ ଗୁରୁତର ଭାବେ ପାଖାପାଖି ୩ ମିଟର ହ୍ରାସ ପାଇଛି । ଏହାଠାରୁ ଉଦ୍‌ବେଗଜନକ ସ୍ଥାନ ହେଉଛି ସାମନ୍ତରାପୁର। ଏଠି ଜଳସ୍ତର ପ୍ରତିବର୍ଷ ଭୟଙ୍କର ଭାବେ ଖସିବାରେ ଲାଗିଛି । ଏଥିସହ ପୁରୁଣା ଭୁବନେଶ୍ୱର, ରାଜଧାନୀର ୟୁନିଟ୍ ଏରିଆ ଓ ସୁନ୍ଦରପଦା ଅଞ୍ଚଳରେ ଜଳସ୍ତର କିଛି ବର୍ଷ ଧରି ସ୍ଥିର ରହିଥିବାବେଳେ ଗତ ଦୁଇ ବର୍ଷ ହେଲା ହ୍ରାସ ପାଇବାରେ ଲାଗିଛି । ଏବେ ବି ଏହା ନିୟନ୍ତ୍ରଣାଧୀନ ସ୍ଥିତିରେ ଥିବାବେଳେ ଆଗାମୀ ଦିନରେ ହ୍ରାସ ପାଇବାକୁ ଏଡ଼ାଇ ଦିଆଯାଇନପାରେ ବୋଲି କୁହାଯାଉଛି ।

**ବଜ୍ରପାତ ମୃତ୍ୟୁ ତତ୍କାଳ ରୋକିପାରିବ କି ତାଳଗଛ**

# ଗଛ ବଢୁବଢୁ କୋଡ଼ିଏ ବର୍ଷ

ଭୁବନେଶ୍ୱର,୧୮।୫(ସମିସ): ବଜ୍ରପାତ ମୃତ୍ୟୁ ରୋକିବା ପାଇଁ ତାଳଗଛ ଉପରେ ଭରସା କରିଛନ୍ତି ରାଜ୍ୟ ସରକାର। ଏଥିପାଇଁ ସାରା ରାଜ୍ୟରେ ବ୍ୟାପକ ତାଳ ଗଛ ରୋପଣ ସହ ପୁରୁଣା ତାଳଗଛ କାଟିବା ଉପରେ ରାଜ୍ୟ ବନ ବିଭାଗ ରୋକ୍ ଲଗାଇଛି । ଅନ୍ୟପଟେ ରାଜ୍ୟରେ ଏବେ ତାଳ ଗଛ ଲଗାଇବା ପ୍ରକ୍ରିୟା ଜୋରଦାର ହୋଇଛି । ପୂର୍ବ ବର୍ଷ ୧୯ ଲକ୍ଷ ତାଳଗଛ ଲଗାଯାଇଥିବା ବେଳେ ଏଥର ପୁଣି ୬ କୋଟି ଟଙ୍କା ଖର୍ଚ୍ଚ କରାଯାଇ ତାଳ ଗଛ ଲଗାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏସବୁ ଭିତରେ ପୂର୍ବରୁ ଏହି ଯୋଜନା ଆପଣାଇ ବିଫଳ ହୋଇଥିବା ବାଂଲାଦେଶରେ ଏବେ ବି ବଜ୍ରପାତ ମୃତ୍ୟୁ ଭୟାନକ ଭାବେ ଜାରି ରହିଥିବାରୁ ଓଡ଼ିଶାରେ ଏହା କେତେ ଫଳପ୍ରଦ ହେବ ତାକୁ ନେଇ ପ୍ରଶ୍ନ ଉଠିଛି। କାରଣ ୨୦୧୭ ମସିହାରୁ ବାଂଲାଦେଶ ସରକାର ୧୦ ମିଲିୟନ ତାଳଗଛ ଲଗାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ଆଧାରରେ ସେଠାରେ ତାଳ ଗଛ ଲଗାଯାଇଥିଲା। ମାତ୍ର ୮ ବର୍ଷ ମଧ୍ୟରେ ଏହି ସଂଖ୍ୟାରେ ହ୍ରାସ ନ ଘଟିବା ପରେ ଏହାକୁ ସ୍ଥାନୀୟ ସରକାର ଏକ ବିଫଳ ଯୋଜନା ଭାବେ ଘୋଷଣା କରି ନୂତନ ପଦକ୍ଷେପ ନେବାକୁ ଯୋଜନା କରିଛନ୍ତି। ଓଡ଼ିଶାରେ ପ୍ରତିବର୍ଷ ବଜ୍ରପାତ ଯୋଗୁଁ ହାରାହାରି ୩୦୦ ଲୋକ ପ୍ରାଣ ହରାଉଛନ୍ତି। ଏହି ସ୍ଥିତିରେ ସରକାର ଆପଣେଇଥିବା ତାଳଗଛ ଲଗାଇବା ଯୋଜନା ବଜ୍ରପାତ ମୃତ୍ୟୁ ରୋକିପାରିବ କି ନା, ତାକୁ ନେଇ ବଜ୍ରପାତ ଗବେଷଣା ଉପରେ କାର୍ଯ୍ୟ କରୁଥିବା ବୈଜ୍ଞାନିକମାନେ ଚିନ୍ତା ପ୍ରକଟ କରିଛନ୍ତି ।

ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ରାଜ୍ୟରେ ଯେତେ ସଂଖ୍ୟକ ତାଳ ଗଛ ରହିଛି, ତାହା ବଜ୍ରପାତ ମୃତ୍ୟୁ ରୋକିବାରେ ବିଫଳ ହୋଇଛି । ଏମିତିକି ରାଜ୍ୟରେ ଖଇରା ଓ ଔପଦାରେ ବ୍ୟାପକ ତାଳ ଗଛ ଥିବା ସତ୍ତ୍ୱେ ସେଠାରେ ମଧ ବଜ୍ରପାତଜନିତ ମୃତ୍ୟୁ ଜାରି ରହିଛି । ଏହା ବ୍ୟତୀତ ଗୋଟିଏ ତାଳଗଛ ନିର୍ଦ୍ଦିଷ୍ଟ ଉଚ୍ଚତା ଓ ସଠିକ୍ ଅବସ୍ଥାକୁ ଆସିବା ପାଇଁ ହେଲେ ୨୦ରୁ୨୫ ବଷ ଆବଶ୍ୟକ। ତେଣୁ ତତ୍କାଳ ବିପଦରୁ ଜନସାଧାରଣଙ୍କୁ ଉଦ୍ଧାର କରିବା ପାଇଁ ହେଲେ ସରକାରଙ୍କୁ ତୁରନ୍ତ ପଦକ୍ଷେପର ଆବଶ୍ୟକତା ରହିଥିବା ନେଇ ବିଶେଷଜ୍ଞମାନେ ମତ ଦେଇଛନ୍ତି । ଅନ୍ୟ ବିପର୍ଯ୍ୟୟଗୁଡ଼ିକରେ ବିଭିନ୍ନ ରାଜ୍ୟ ତୁଳନାରେ ଓଡ଼ିଶାର ସଫଳତା ବହୁ ଆଗରେ ରହିଛି। ମାତ୍ର ବଜ୍ରପାତଜନିତ ମୃତ୍ୟୁ ରାଜ୍ୟ ପାଇଁ ଲଗାତାର ଭାବେ ଆହ୍ୱାନ ଛିଡ଼ା କରିବାରେ ଲାଗିଛି। ଏହି ସ୍ଥିତିରେ କେବଳ ଜନସଚେତନତା ଓ ସୁରକ୍ଷିତ ରହଣି ଦ୍ୱାରା ହିଁ ବଜ୍ରପାତ ମୃତ୍ୟୁକୁ ରୋକାଯାଇପାରିବ ବୋଲି ବିଶେଷଜ୍ଞମାନେ ଗୁରୁତ୍ୱ ଦେଉଛନ୍ତି ।

**■ ବାଂଲାଦେଶରେ ବିଫଳ ହୋଇଛି ଯୋଜନା**
**■ ଜନସଚେତନତା ସୃଷ୍ଟି ହିଁ ଏକମାତ୍ର ବିକଳ୍ପ**

ବଜ୍ରପାତ ମୃତ୍ୟୁ ହ୍ରାସ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଫେସର ମନୋରଞ୍ଜନ ମିଶ୍ର କହିଛନ୍ତି ଯେ ମୁଖ୍ୟତଃ ଗଛମୂଳେ ଆଶ୍ରୟନେଇ ଲୋକ ପ୍ରାଣହାନୀର ଶିକାର ହେଉଥିବା ବେଳେ ବିଲରେ ଚାଷ କରୁଥିବା ବେଳେ ମଧ ବହୁ ଲୋକ ବଜ୍ରପାତରେ ପ୍ରାଣ ହରାଉଛନ୍ତି । ତେଣୁ ଏହି ବର୍ଗଙ୍କୁ କିପରି ବଜ୍ରପାତରୁ ସୁରକ୍ଷା ଦିଆଯାଇପାରିବ, ସେନେଇ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଏହା ବ୍ୟତୀତ ବର୍ତ୍ତମାନ ବଜ୍ରପାତଜନିତ ଆକଳନ କେବଳ ଜିଲ୍ଲାୱାରୀ କରାଯାଉଛି। ମାତ୍ର ନିର୍ଦ୍ଦିଷ୍ଟ ଭାବେ କେଉଁ ଅଞ୍ଚଳରେ ବଜ୍ରପାତର ପ୍ରଭାବ



ରହିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ । ଯାହାଦ୍ୱାରା ଲୋକେ ରାଜ୍ୟ ସରକାରଙ୍କ ଆକଳନକୁ ଅଣଦେଖା କରୁଛନ୍ତି। ତେଣୁ ପଞ୍ଚାୟତ କିମ୍ବା ଗ୍ରାମାଞ୍ଚଳୱାରୀ କିପରି ବଜ୍ରପାତକୁ ନେଇ ଆକଳନ ସମ୍ପର୍କରେ ସୂଚନା ଦିଆଯିବା ସେନେଇ ପଦକ୍ଷେପ ନେଲେ ହିଁ ବଜ୍ରପାତ ମୃତ୍ୟୁ ରୋକିବା କ୍ଷେତ୍ରରେ ଫଳପ୍ରଦ ହୋଇପାରିବ ବୋଲି ସେ କହିଛନ୍ତି ।

ସୂଚନା ଥାଉ କି, ୨୦୧୭-୧୮ରେ ରାଜ୍ୟରେ ବଜ୍ରପାତରେ ସର୍ବାଧିକ ୪୭୪ ଜଣଙ୍କ ଜୀବନ ଯାଇଥିଲା। ୨୦୨୧ରେ ବଜ୍ରପାତ ଜନିତ ମୃତ୍ୟୁରେ ଓଡ଼ିଶା ଦେଶରେ ଶୀର୍ଷରେ ରହିଥିଲା। ସେହିବର୍ଷ ରାଜ୍ୟରେ ୨୧୩ ଜଣଙ୍କର ବଜ୍ରପାତରେ ମୃତ୍ୟୁ ହୋଇଥିଲା। ସେହିପରି ଚଳିତ ବର୍ଷ ଗୋଟିଏ ଦିନରେ ୧୪ ଜଣଙ୍କ ପ୍ରାଣହାନୀ ହୋଇଥିବା ବେଳେ ୨ ଦିନରେ ୧୯ ଜଣ ଲୋକ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସରକାର ଏହି ମୃତ୍ୟୁ ରୋକିବା ପାଇଁ



ସରକାର କୌଣସି ଠୋସ୍ ପଦକ୍ଷେପ ନ ନେଉଥିବାରୁ ଗ୍ରାମାଞ୍ଚଳରେ ଲୋକଙ୍କ ଚିନ୍ତା ବଢ଼ିଛି । ଅନ୍ୟପଟେ ଗଛ ଲଗାଇବା ପାଇଁ କିପରି ସ୍ଥାନ ନିରୂପଣ କରାଯାଉଛି ଓ କେଉଁ ପଦ୍ଧତି ଆପଣାଯାଉଛି, ତାହା ଜଣାନାହିଁ। ତେଣୁ ସରକାର କେବଳ ତାଳଗଛ ଭରସାରେ ରହିଗଲେ ପୂର୍ବଭଳି ମୃତ୍ୟୁ ସଂଖ୍ୟା ଜାରି ରହିବ ସିନା, ଏହାର ତୁରନ୍ତ ସମାଧାନ ଆଶା କ୍ଷୀଣ ରହିଛି ।

**■ ବହୁଚର୍ଚ୍ଚିତ ଦଳିତ ଯୁବତୀ ଦୁଷ୍କର୍ମ ଓ ହତ୍ୟା ଘଟଣା**

# ସିନ୍-ରିକ୍ରିଏସନ୍ ବେଳେ ତାତିଲେ ଲୋକ

ଅନୁଗୋଳ/ତାଳଚେର ସହର/ବଣ୍ଟଁରପାଳ, ୧୮।୫(ସମିସ): କଣିହାଁ ଅଞ୍ଚଳର ବହୁଚର୍ଚ୍ଚିତ ଦଳିତ ଯୁବତୀଙ୍କୁ ଅପହରଣ ଓ ଦୁଷ୍କର୍ମ ପରେ ହତ୍ୟା ମାମଲାରେ ଦୀର୍ଘ ୨୨ ଦିନ ପରେ ଶନିବାର ପୁଲିସ ମୁଖ୍ୟ ଅଭିଯୁକ୍ତ ବିଶ୍ୱ ଗୋଚ୍ଛାୟତ ସମେତ ତାକୁ ଫେରାର୍ ହେବାରେ ସହଯୋଗ କରିଥିବା ବାପା ତ୍ରିପୁର ଗୋଚ୍ଛାୟତ, ମାମୁଁ ବିପିନ ଗୋଚ୍ଛାୟତ ଓ ଅଜା ଜୀବନ ଗୋଚ୍ଛାୟତଙ୍କୁ ଗିରଫ କରିଛି। ରବିବାର ପୁଲିସ୍ ମୁଖ୍ୟ ଅଭିଯୁକ୍ତ ବିଶ୍ୱକୁ ନେଇ ସିନ୍ ରିକ୍ରିଏସନ୍ କରାଇଛି।

**■ ଅଭିଯୁକ୍ତକୁ ଲୋକଙ୍କ ହାତରେ ଛାଡ଼ିଦେବାକୁ କହିଲେ**
**■ ଆଜି ୧୨ ଘଣ୍ଟିଆ ତାଳଚେର ବନ୍ଦ**
**■ ସିବିଆଇ ତଦନ୍ତ ଦାବି କଲା ମିଳିତ ମହାସଂଘ**

କିପରି ଯୁବତୀଙ୍କୁ ନେଲା, କେଉଁଠି ଦୁଷ୍କର୍ମ କଲା ଓ କିଭଳି ହତ୍ୟା କଲା; ସବୁ କିଛି ପୁଲିସ୍‌କୁ ଘଟଣାସ୍ଥଳରେ ଦେଖାଇଛି। ବିଶ୍ୱ ଯୁବତୀଙ୍କୁ ହତ୍ୟା କରିବା ପରେ ତାଙ୍କ ମୋବାଇଲ ନେଇ ଏକ ମୋବାଇଲ ଦୋକାନରେ ସଜାଡ଼ିବାକୁ ଦେଇଥିଲା । ପୁଲିସ୍ ଉକ୍ତ ମୋବାଇଲ ଦୋକାନକୁ ଯାଇ ମଧ ତନାଘନା କରିଛି। ସିନ୍-ରିକ୍ରିଏସନ୍ ସମୟରେ କେତେଜଣ ଉତ୍ୟକ୍ତ ଲୋକ ପୁଲିସ୍ ଗାଡ଼ି ପାଖକୁ ଆସି ଅଭିଯୁକ୍ତକୁ ସାଧାରଣ ଲୋକଙ୍କ ଗହଣରେ ଛାଡ଼ି ଦେବାକୁ ଦାବି କରିଥିଲେ । ତେବେ ପୁଲିସ୍ ବୁଝାସୁଝା କରି ସ୍ଥିତି ନିୟନ୍ତ୍ରଣ କରିଛି । ଏହି ଜଘନ୍ୟ କାଣ୍ଡରେ ତାଳଚେର ଜନସାଧାରଣ କ୍ଷୁବ୍ଧ ଥିବା ବେଳେ ଦୋଷୀଙ୍କୁ କଠୋରରୁ କଠୋର୍ ଦଣ୍ଡ ଦେବା ପାଇଁ ଦାବି ହେଉଛି। ପରେ ବଣ୍ଟଁରପାଳ ପୁଲିସ୍ ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

ଅପରପକ୍ଷେ, ଏହି ଘଟଣାରେ ପୁଲିସ୍‌ର ତଦନ୍ତ ଦିଗହରା ବୋଲି ଅଭିଯୋଗ କରିବା ସହ ଏହାକୁ ସିବିଆଇକୁ ହସ୍ତାନ୍ତର କରିବା ପାଇଁ ମିଳିତ ମହାସଂଘ ପକ୍ଷରୁ ଦାବି କରାଯାଇଛି। ସ୍ଥାନୀୟ ଏକ ହୋଟେଲରେ ମିଳିତ ମହାସଂଘ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏହାସହ ମହାସଂଘ ପକ୍ଷରୁ ଏହି ଘଟଣା ସହ ଜଡ଼ିତ ୧୦ ଦଫା ଦାବିରେ ଆସନ୍ତାକାଲି (ସୋମବାର) ୧୨ ଘଣ୍ଟିଆ ତାଳଚେର ବନ୍ଦ ଡାକରା ଦିଆଯାଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯିବ।

ମହାସଂଘ ପକ୍ଷରୁ କୁହାଯାଇଛି ଯେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରି ହତ୍ୟା କରିବା ପରେ ପେଟ୍ରୋଲ ଢାଳି ଜାଳିବା, ଜଣଙ୍କର କାମ ହୋଇନପାରେ। ଏଥିରେ ନିଶ୍ଚୟ ଆଉ କିଛି ଅଭିଯୁକ୍ତଙ୍କ ସଂପୃକ୍ତି ରହିଛି। ତେଣୁ, ସେମାନଙ୍କୁ ଧରିବା ସହ ପୂରା ମାମଲାର ପର୍ଦ୍ଦାଫାସ୍ କରିବା ପାଇଁ ସିବିଆଇ ତଦନ୍ତର ଆବଶ୍ୟକତା ରହିଛି। ଅପରପକ୍ଷେ, ଏହି ସମ୍ବେଦନଶୀଳ ଘଟଣାରେ କର୍ତ୍ତବ୍ୟରେ ଅବହେଳା କରିଥିବା ପୁଲିସ୍ ଅଧିକାରୀଙ୍କୁ କାହିଁକି ବର୍ତ୍ତମାନ ସୁଦ୍ଧା ନିଲମ୍ବିତ କରାଯାଇନାହିଁ ବୋଲି ମହିଳା ମଞ୍ଚ ସଭାନେତ୍ରୀ ଙ୍କ ସସ୍ମିତା ବେହେରା ପ୍ରଶ୍ନ କରିଥିଲେ।

# ଆଇନ ସଚେତନତା ଶିବିର

ଗୁଣୁପୁର, ୧୮।୫(ସମିସ): ଗୁଣୁପୁର ପଞ୍ଚାୟତ ସମିତିଠାରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ସଂସ୍ଥାର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ୍ ଦେବଦତ୍ତ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶ୍ରୀ ବିଜୟ ଲକ୍ଷ୍ମୀ ମହାପାତ୍ର, ବରିଷ୍ଠ ଓକିଲ ଉମା ଚରଣ ପଟ୍ଟନାୟକ, ଓକିଲ ସଂଘ ଉପ ସଭାପତି ରମେଶ ଚନ୍ଦ୍ର ଲିମା, ଆଦର୍ଶ ଥାନା ଅଧିକାରୀ ଉତ୍ତମ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଆଇନ ସଚେତନତା ଶିବିରରେ ଥିବା ସ୍ଥାୟୀ ଲୋକ ଅଦାଲତରେ କିପରି ଲୋକଙ୍କ ପାଇଁ ଥିବା ଅତ୍ୟାବଶ୍ୟକ ସେବା ଯଥା ଗମନାଗମନ, ବିଦ୍ୟୁତ୍, ଟେଲିଫୋନ ସେବାର ସମାଧାନ ହୋଇ ପାରିବ ସେ ବିଷୟରେ ଅତିଥି ମାନେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଏହା ସହ ମାଗଣା ଆଇନ ସେବା କିପରି ପାଇ ପାରିବେ ସେ ନେଇ କୁହାଯାଇଥିଲା। ଓକିଲ ରମେଶ ଚନ୍ଦ୍ର ଲିମା ମଞ୍ଚ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ୍ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୁଣପୁର ସିଡିପିଓ , ଅଙ୍ଗନବାଡି କର୍ମୀ, ଏସ୍‌ଏଚ୍‌ଜି ସଦସ୍ୟ ଉପସ୍ଥିତ ଥିଲେ।

# ତଳ ଇନ୍ଦିରା ନଗର ରାସ୍ତା କାମ ଶୁଭାରମ୍ଭ



ସେମିଲିଗୁଡ଼ା,୧୮।୫(ସମିସ): କୋରାପୁଟ ଜିଲ୍ଲାର ସେମିଲିଗୁଡ଼ା ସହରର ୨୦ ନମ୍ବର ୱାର୍ଡ ଅଧୀନସ୍ଥ ତଳ ଇନ୍ଦିରା ନଗରରେ ନୂତନ ରାସ୍ତା ନିର୍ମାଣ ପାଇଁ ଶୁଭ ଦିଆଯାଇଛି। ପୌରାଧ୍ୟକ୍ଷ ରାଜେନ୍ଦ୍ର କୁମାର୍ ପାତ୍ର ଏହାର ଶୁଭ ଦେଇଥିଲେ। କାର୍ଯକ୍ରମରେ କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ନାୟକ, ଅଲେଖ ଦାସ, ଜ୍ଞାନ ରଂଜନ ମହାନ୍ତି, ପି. ରମେଶ, ଗୋବର୍ଦ୍ଧନ ଜେନା, ମନୋରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସାହି ରାସ୍ତା ସମସ୍ୟା ନେଇ ଗତ ଦିନରେ ବିଭିନ୍ନ ଖବରକାଗଜରେ ପ୍ରକାଶିତ ହୋଇଥିଲା। ରାସ୍ତାକାମ ଆରମ୍ଭ ହେବାରୁ ସ୍ଥାନୀୟ ବାସିନ୍ଦା ପୌରାଧ୍ୟକ୍ଷ ଶ୍ରୀ ପାତ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଗ୍ରୀନ୍ ଷ୍ଟମ୍ପସ୍ ଟ୍ରଫି ୨୦୨୫ ଉଦ୍‌ଘାଟିତ



କୋରାପୁଟ,୧୮।୫ (ସମିସ): ଜାରଟି ଯୁବ କ୍ଲବ ଓ ନରେନ୍ଦ୍ର ଟାକ୍ରିଙ୍କ ନେତୃତ୍ୱରେ ଗ୍ରୀନ୍ ଷ୍ଟମ୍ପସ୍ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆୟୋଜନ ହେଉଛି। ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ବିଷୟରେ ସଚେତନ କରିବାକୁ ଏଥିରେ ଲକ୍ଷ୍ୟ ରହିଛି। ଏହି ଟୁର୍ଣ୍ଣାମେଣ୍ଟରେ ୩୨ ଟି ଟିମ୍ ଭାଗ ନେବେ । ମୁଖ୍ୟ ଅତିଥି ଭାବେ ପ୍ରଦୀପ ବେନ୍ୟା ଓ ଅନ୍ୟତମ ଅତିଥି ଭାବେ ପଦଲମ ଟାକ୍ରି (ଜାରଟି ଷ୍ଟେସନ୍ ପ୍ରେସିଡେଣ୍ଟ ଓ ଡୋମ୍ ସମାଜ ଉପ ସଭାପତି) ଯୋଗ ଦେଇଥିଲେ। ଯୁବପୀଢି କ୍ରୀଡ଼ା ମାଧ୍ୟମରେ ପରିବେଶ ଅଭିଯାନରେ ସକ୍ରିୟ ଭାଗ ନେବାକୁ ଆହ୍ୱାନ ଦିଆଯାଇଛି।

# ଜିଲ୍ଲାସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ମୁନିଗୁଡ଼ା,୧୮ ।୫(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ହାଇସ୍କୁଲ ଖେଳ ପଡିଆରେ ରବିବାରଠୁ ଆରମ୍ଭ ହୋଇଛି ଜିଲ୍ଲାସ୍ତରୀୟ ଅମ୍ବାଦଳା ମର୍ଣ୍ଣିଙ୍ଗ ଇଲେଭେନ କ୍ରିକେଟ ଟୁର୍ନାମେଣ୍ଟ। ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଗୁରୁବାରି ଭୋଇ ଓ ସମ୍ମାନିତ ଅତିଥି ଭାବେ ଅମ୍ବାଦଳା ଥାନା ଅଧିକାରୀ କଳ୍ପନା ବେହେରା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଯୁବ ନେତା ଧୀରେନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ଖେଳାଳୀ ସତ୍ୟବାନ୍ ଛତର, ଏ.ଜଗନ୍ନାଥ ପ୍ରସାଦ, ବୃନ୍ଦାବନ ମହାନ୍ତି, ପରମେଶ୍ୱର ରାଓ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ମର୍ଣ୍ଣିଙ୍ଗ ଇଲଭେନ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ୧୬ ଟି ଦଳ ଭାଗ ନେଇଥଲେ। ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟ ଚାଲିବ ବୋଲି ଆୟୋଜକ ଟିମ ନିକଟରୁ ସୂଚନା ମିଳିଛି। ଉଦ୍‌ଘାଟନୀ ପ୍ରତିଯୋଗିତାରେ ପ୍ରଥମ ମ୍ୟାଚ୍ ଦହିଖାଲ ଓ ଶରଧାପୁର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଶରଧାପୁର ଟିମ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୧୦ ଓଭର ଖେଳି ୭ ୱିକେଟ ହରାଇ ୮୯ ରନ୍ ସଂଗ୍ରହ କରିଥିଲା। ଜବାବରେ ଦହିଖାଲ ଦଳ ୯ ଓଭର ୪ଟା ବଲ୍ ଖେଳି ୪ ୱିକେଟ ହରାଇ ୯୦ ରନ୍ ସଂଗ୍ରହ କରି ଏହି ପ୍ରତିଯୋଗିତାରେ ବିଜୟୀ ହୋଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତାରେ ରାୟଗଡ଼ା ଜିଲ୍ଲା ପି.କୁଟୁଣି ପଦର୍ ଓ କଳାହାଣ୍ଡି ଜିଲ୍ଲା ଛତ୍ରପୁର ମଧ୍ୟରେ ପ୍ରତିଯୋଗିତା ହୋଇଥିବା ବେଳେ ପି. କୁଟୁଣି ପଦର ଟିମ ଛତ୍ରପୁରକୁ ପରାସ୍ତ କରି ବିଜୟୀ ହୋଇଛି। ଏହି ଟୁନାମେଣ୍ଟରେ ଆୟୋଜକ ଦଳ କୁନା ସାହୁ, ରଞ୍ଜିତ ପାଢ଼ୀ, ଲୋକନାଥ ରଣା, ଜୟନ୍ତ ନାୟକ, ପୁରୁଷୋତ୍ତମ ବଞ୍ଚର, ସୁଧୀର ନାୟକ, ଭୋଳେଶ୍ୱର୍ ଦଳେଇ, କାହ୍ନା ପାତ୍ର, କିଶୋର କୁମାର୍ ସାହୁ ପ୍ରମୁଖଙ୍କ ସମେତ ମର୍ଣ୍ଣିଙ୍ଗ ଇଲେଭେନ୍ ଟିମର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ମହିଳା ଓ ଶିଶୁ ବିକାଶ ବିଭାଗ ଗୃହ କମିଟିର କୋରାପୁଟ ଗସ୍ତ

# ବୁଲିଦେଖିଲେ କଫି ଓ ଗୋଲମରିଚ ଚାଷ





କୋରାପୁଟ,୧୮।୫ (ସମିସ): ଓଡ଼ିଶା ବିଧାନସଭାର ମହିଳା ଓ ଶିଶୁ ବିକାଶ ବିଭାଗ ଗୃହ କମିଟି ଦୁଇ ଦିନିଆ କୋରାପୁଟ ଜିଲ୍ଲା ଗସ୍ତରେ ଆସି ପହଞ୍ଚିଛନ୍ତି। ରବିବାର ପୂର୍ବାହ୍ନରେ ଜୟପୁର ବିମାନ ବନ୍ଦର ଠାରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲାପାଳ ଭି କୀର୍ତ୍ତି ୱାସନ, ଏସ୍‌ପି ରୋହିତ ବର୍ମା, ଜୟପୁର ଉପଜିଲ୍ଲାପାଳ ଏ.ସସ୍ୟା ରେଡ୍ଡୀ ପ୍ରମୁଖ ଉପସ୍ଥିତ ରହି ଗୃହ କମିଟି ସଦସ୍ୟା ମାନଙ୍କୁ ସ୍ୱାଗତ କରିଥିଲେ। ମହିଳା ଓ ଶିଶୁ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଏହି ଗସ୍ତରେ ଆଲୋଚନା ପର୍ଯ୍ୟାଲୋଚନା କରାଯିବ ବୋଲି ଜଣା ପଡ଼ିଛି। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ଅଧ୍ୟକ୍ଷତାରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ବାରବାଟି କଟକ ବିଧାୟିକା ସୋଫିଆ ଫିରଦୋସ,ପଦମପୁର ବିଧାୟିକା ବର୍ଷା ସିଂହ ବରିହା, ନର୍ଲା ବିଧାୟିକା ମନୋରମା ମହାନ୍ତି ଗୃହ କମିଟିରେ ରହିଛନ୍ତି। କୋରାପୁଟ କଫି ଫାର୍ମ ବୁଲିବା ପରେ ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରି କଫି ବଗିଚା ପରିଦର୍ଶନ କରି ଦେଓମାଳୀରେ ବନ ବିଭାଗର କଟେଜରେ ରାତ୍ରିଯାପନ କରିବା କାର୍ଯ୍ୟକ୍ରମ ରହିଛି। ସୋମବାର ଦିନ ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଲୁଙ୍ଗୁରୀ ଅଙ୍ଗନବାଡି କେନ୍ଦ୍ର , ମିସିଙ୍ଗଗୁଡା କଫି ଚାରା ରୋପଣ କେନ୍ଦ୍ର ଏବଂ ରାଜପୁଟ ମିଲେଟ ପ୍ରକ୍ରିୟାକରଣ କେନ୍ଦ୍ର ପରିଦର୍ଶନ କରିବା ପରେ କୋରାପୁଟ ଫେରି ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ ଠାରେ କୋରାପୁଟ ଓ ମାଲକାନଗିରି ଜିଲ୍ଲାର ପ୍ରଶାସନିକ ଅଧିକାରୀ ଏବଂ ପଞ୍ଚାୟତରାଜ ପ୍ରତିନିଧିଙ୍କୁ ନେଇ ବିଭାଗର ସମୀକ୍ଷା କରାଯିବାର କାର୍ଯ୍ୟକ୍ରମ ରହିଛି। ୨୦ ତାରିଖ ସକାଳେ ସେମାନେ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି।



**ସେମିଳିଗୁଡ଼ା :** ଏହି କମିଟି କୋରାପୁଟ ଜିଲ୍ଲା ସେମିଳିଗୁଡା ଏବଂ ପଟ୍ଟାଙ୍ଗି ବ୍ଲକ ଗସ୍ତ କରିଥିଲେ। ସଦସ୍ୟା ଗଣ ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦୁଧାରି ଠାରେ ରହିଥିବା କଫି ପ୍ଲାଣ୍ଟ ଗସ୍ତ କରିଥିଲେ। ସେଠାରେ କଫି ଏବଂ ଗୋଲ ମରିଚ ଚାଷ କିଭଳି କରାଯାଇଛି। ଉକ୍ତ ଚାଷରେ କେତେ ଜଣ ମହିଳା ଆତ୍ମ ନିର୍ଭରଶୀଳ ହେଇ ପାରୁଛନ୍ତି ସେ ସମ୍ପର୍କରେ ଜାଣିଥିଲେ। ସେଠାରୁ ସଦସ୍ୟା ଗଣ ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳି ଗସ୍ତ କରି ଜଙ୍ଗଲ ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା କଟେଜରେ ରାତ୍ରିଯାପନ କରିବାର ଯୋଜନା ରହିଛି।

**ପଟ୍ଟାଙ୍ଗି :** ବିଧାନସଭା ଗୃହ କମିଟି ତଥା ମହିଳା ଏବଂ ଶିଶୁ କଲ୍ୟାଣ ଗୃହ କମିଟିର ୯ ଜଣ ସଦସ୍ୟାଙ୍କ କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଓଡ଼ିଶାର ଉଚ୍ଚତମ ଶୃଙ୍ଗ ଦେଓମାଳି ଗସ୍ତ କରିଛନ୍ତି। ତାଙ୍କ ସହିତ ସମୟରେ ଜିଲ୍ଲାପାଳ କୋରାପୁଟ ଭି କୀର୍ତ୍ତି ଭାସନ,ଆରକ୍ଷୀ ଅଧିକ୍ଷକ ରୋହିତ ଭର୍ମା ଏବଂ ବିଭିନ୍ନ ବିଭାଗର ଅଧିକାରୀ ଗଣ ଉପସ୍ଥିତ ରହିଥିଲେ। ଉକ୍ତ ସଦସ୍ୟା ଗଣଙ୍କୁ ଢେମସା ନୃତ୍ୟ ଏବଂ ବାଜାର ତାଳେ ତାଳେ ସ୍ୱାଗତ କରାଯାଇଥିଲା। ରାତ୍ରିଯାପନ ପାଇଁ କଟେଜର ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ଆସନ୍ତା କାଲି ସେମାନେ ସେମିଳିଗୁଡା ବ୍ଲକ ର ଲୁଙ୍ଗୁରି, ମିଞ୍ଜିଗୁଡ଼ା ଏବଂ ରାଜପୁଟ ଗ୍ରାମଠାରେ ମହିଳା ମାନଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ପ୍ରକଳ୍ପ ଗୁଡିକୁ ଦେଖିବାର ଯୋଜନା ରହିଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

# ୪ ଜଣଙ୍କ ନାଁରେ ହତ୍ୟା ଅଭିଯୋଗ ଆଣିଲେ ବୃଦ୍ଧା



ପୋଡ଼ାଗଡ଼,୧୮।୫(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚଣାବାଡ଼ ପଞ୍ଚାୟତ ସଦର ମହକୁମା ଠାରେ ରହୁଥିବା ଜଣେ ଯୁବକକୁ ସେହି ଗାଁର କିଛି ଲୋକ କୌଣସି କାରଣକୁ ନେଇ ହତ୍ୟା କରିବା ପରେ ଆତ୍ମହତ୍ୟା ରୂପ ଦେବା ପାଇଁ କାଜୁ ଗଛ ଡାଳରେ ଝୁଲାଇ ଦେଇଥିବା ଅଭିଯୋଗ ହୋଇଛି। ଆଜି ମୃତ ଯୁବକର ରୋଗୀଣା ବୃଦ୍ଧା ମା', ତାର ପୁଅକୁ ଗାଁର ୪ ଜଣ ଲୋକ ହତ୍ୟା କରିଥିବା ସମ୍ପର୍କରେ ଲିଖିତ ଅଭିଯୋଗ ଥାନାରେ ଦେଇଛି। ଏତଲାକୁ ଭିତ୍ତି କରି ଥାନା ଅଧିକାରୀ ସୁକୁମା ହାଁସଦା ସଦଳବଳେ ଘଟଣା ସ୍ଥଳକୁ ଯାଇ ତନାଘନା ଆରମ୍ଭ କରିଛନ୍ତି। ଏତଲା ଅନୁସାରେ ଦୁଇ ଜଣଙ୍କୁ ଥାନା ରେ ଅଟକ ରଖି ପଚରାଉଚରା ଚାଲିଥିବା ଥାନା ଅଧିକାରୀ ସୁକୁମା ହାଁସଦା କହିଛନ୍ତି। ମୃତ ଯୁବକ ଧନପତି ଜାନୀଙ୍କ ବୃଦ୍ଧା ମା'ଙ୍କ ଏତଲା ଅନୁସାରେ ଗତ ୭ ତାରିଖ ଦିନ ଘରେ ଖାଇ ସାରି ସେ ବଡ଼ସାହିରେ ଶୋଇବାକୁ ଯାଇଥିଲେ। ଏହି ସମୟରେ ଗାଁର ୪ ଜଣ ଲୋକ କୌଣସି କାରଣରୁ ଗାଁ ଦାଣ୍ଡରେ ପୁଅକୁ ନିସ୍ତୁକ ମାଡ଼ ମାରିଥିଲେ। ଏହି ସମୟରେ ଗାଁରେ ରହୁଥିବା ମୃତ ଯୁବକର ଜଣେ ମାଉସୀ ସାଲ ଜାନୀ ମାଡ଼ ମାରୁଥିବା ଦୃଶ୍ୟ ଦେଖିଥିଲେ। ସେତେବେଳେ ଯୁବକ ଜଣକ ଜୀବନରେ ମାରି ଦେବେ ବୋଲି ଭୟରେ ଗାଁ ଦାଣ୍ଡରୁ ରାସ୍ତା ରେ ଧାଇଁ ପଳାଇ ଥିଲେ। ଆଉ ସେ ଦିନ ଘରକୁ ଫେରି ନ ଥିଲେ। ଆର ଦିନ ତଥା ୮ ତାରିଖ ଦିନ ସକାଳେ ଗାଁ ର କେତେକ ମହିଳା ଶୌଚ ପାଇଁ ନାଳକୁ ଯାଇଥିବା ବେଳେ କାଜୁଗଛରେ ତାର ମୃତ ଶରୀର ଝୁଲୁଥିବା ଦେଖିଥିଲେ। ବୃଦ୍ଧା ମା' କୌଣସି ଉପାୟ ନ ପାଇ ଗାଁ ଲୋକଙ୍କୁ ନେଇ ପୁଅର ଶବ ସତ୍କାର କରି ଦେଇଥିଲା। ଯୁବକକୁ ମାଡ଼ ମରାଯାଇଥିବା ଘଟଣା ଧିରେ ଧିରେ ଗୁମର ଖୋଲିବାରୁ ସେ ଲିଖିତ ଏତଲା ଦେଇଛନ୍ତି। ମୃତ ମା' ନ୍ୟାୟ ପାଇଁ ନିବେଦନ କରିଛନ୍ତି।

# ଭଗବତୀଙ୍କ ପାଇଁ ୧୯ କେଜି ରୁପା ଗହଣା

ଜୟପୁର ୧୮ ।୫(ସମିସ): ଜୟପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ନିକଟରେ ଆଜି ସଂଧ୍ୟାରେ ରୁପାରେ ନିର୍ମିତ ନୂତନ ପ୍ରଭା, ସିଂହାସନ, ପାଦ, ଦୁଇଟି ସିଂହ ଏବଂ ଅଳଙ୍କାର ଲାଗି ହୋଇଥିଲା। ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଆର୍ଥିକ ସହାୟତାରେ ଭଗବତୀ ପୁଜା କମିଟି ଓ ସେବା ଟ୍ରଷ୍ଟର ମିଳିତ ଉଦ୍ୟମରେ ଏହା ନିର୍ମାଣ କରାଯାଇ ଲାଗି କରାଯାଇଥିଲା। ଏଥିରେ ସମୁଦାୟ ୧୯ କିଲୋଗ୍ରାମର ରୂପା ବ୍ୟବହୃତ ହୋଇଥିବା ବେଳେ ଏହି ମନ୍ଦିର ଦେବତ୍ତୋର ବିଭାଗର ହୋଇଥିବା ଯୋଗୁଁ ବିଭାଗ ପକ୍ଷରୁ ଏହି ରୂପା ସାମଗ୍ରୀକୁ ନେଇ ରେକର୍ଡଭୁକ୍ତ କରାଯାଇଥିବା ନେଇ ଦେବତ୍ତୋର କର୍ମଚାରୀ କୃଷ୍ଣଚନ୍ଦ୍ର ଦାଶ ପ୍ରକାଶ କରିଛନ୍ତି। ଆଜି ସଂଧ୍ୟାରେ ଦେବୀଙ୍କ ପୂର୍ବରୁ ରହିଥିବା ସୁନା ଓ ରୂପା ଅଳଙ୍କାର ସହ ସାଜସଜ୍ଜା କରିବା ପରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବା ସହ ସଂଧ୍ୟା ଆଳତି କରାଯାଇଥିଲା। ଏହି ଅବସରରେ ମନ୍ଦିର ପୂଜକ ଧିରେନ୍ଦ୍ର ରଥ ରୀତିନୀତିରେ ପୂଜାର୍ଚ୍ଚନା କରିବା ସହ ଦେବୀଙ୍କୁ ଅର୍ପଣ କରିଥିଲେ।

# ଦୁର୍ଘଟଣାରେ ମହିଳା ମୃତ, ୨ ଗୁରୁତର

କୋଷାଗୁମୁଡା,୧୮।୫(ସମିସ): ରବିବାର ଦିନ ପୂର୍ବାହ୍ନ ୧୧ଟା ସମୟରେ କୋଷାଗୁମୁଡା ବ୍ଲକର ବାଲେଙ୍ଗା ଓ ତାରାଗାଁ ମୁଖ୍ୟ ରାସ୍ତା ଉପରେ ଦୁର୍ଘଟଣା ଘଟି ସାନ ଗୁମୁଡ଼ାର ଡଲ ପନକାଙ୍କ ସ୍ତ୍ରୀ ମଙ୍ଗଳ ଦେଇ ପନକା(୪୫)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ସ୍ୱାମୀ ସହ ଅନ୍ୟ ଜଣେ ସମ୍ପର୍କୀୟଙ୍କ ଗୋଡ଼ ଭାଙ୍ଗିଛି। ସେମାନେ ବାଇକ୍‌ରେ ଯାଉଥିବା ବେଳେ ବାଲେଙ୍ଗା କାଜୁ ବାଡ଼ ନିକଟରେ ଜନନୀ ଏକ୍ସପ୍ରେସ ସହ ମୁହାଁ ମୁହିଁ ଧକ୍କା ହୋଇଥିଲା। କାଡ଼ିଙ୍ଗା ଥାନାଧିକାରୀ ଯୁଗଳ ଶବର ଏସ୍‌ଆଇ- ସୁକଦେବ ଛତ୍ରିୟାଙ୍କୁ ତଦନ୍ତ ଅଧିକାରୀ ଭାବରେ ଦାୟିତ୍ୱ ଦେଇଛନ୍ତି।

# ଦୁର୍ଘଟଣାର ଆହତ ୨୫ ଗୋରୁ ଗୋଶାଳା ସ୍ଥାନାନ୍ତର

ଜୟପୁର,୧୮ ।୫(ସମିସ): କୋରାପୁଟ ଜିଲ୍ଲା ପଟାଙ୍ଗି ଥାନାର ସୁଙ୍କି ଘାଟିରେ ଗତକାଲି ଅପରାହ୍ନରେ ଏକ ଗୋରୁ ବୋଝେଇ କଣ୍ଟେନର ଦୁର୍ଘଟଣାରେ ୪୬ ଗୋରୁଙ୍କ ମୃତ ହୋଇଥିବା ବେଳେ ୨୫ଟି ଆହତ ହୋଇଥିଲେ। ଆହତ ଗୋରୁଙ୍କୁ ଜୟପୁର ବ୍ଲକସ୍ଥିତ ପାଲିଗୁଡା ଗୋଶାଳାକୁ ଆଜି ସ୍ଥାନାନ୍ତରିତ କରାଯାଇଛି। ପ୍ରଥମେ ଆହକ ଗୋରୁଙ୍କୁ ବୋରିଗୁମ୍ମା ଥାନା ଆଉଁଳି ଗ୍ରାମ ନିକଟସ୍ଥ ଗୋଶାଳାକୁ ନିଆଯାଇଥିଲା। କିନ୍ତୁ ସେଠାରେ ଆବଶ୍ୟକ ଠାରୁ ଆଧିକ ଗୋରୁ ରହିଥିବାରୁ ପାଲିଗୁଡା ଗୋଶାଳାକୁ ଆଣ ପରିଚାଳକ ମାନଙ୍କ ଜିମାରେ ଦିଆଯାଇଛି। ଗୋଚାଲାଣ ରୋକିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦୃଢ ପଦକ୍ଷପ ଗ୍ରହଣ କରିବାକୁ ଆଜି ହିନ୍ଦୁ ସମାଜର କର୍ମକର୍ତ୍ତା ମାନେ ଦାବି କରିଛନ୍ତି।

# ବର୍ଷା ପୂର୍ବରୁ ପଙ୍କ ଓ ମାଟି ଉତ୍ତୋଳନ ଉପରେ ବିଧାୟକଙ୍କ ଗୁରୁତ୍ୱ

ଜୟପୁର,୧୮ ।୫(ସମିସ) : କୋରାପୁଟ ଜିଲ୍ଲା ଜୟପୁର ସହରର ଐତିହାସିକ ଜଗନ୍ନାଥ ସାଗରର ଦ୍ୱିତୀୟ ପର୍ଯ୍ୟାୟ ପୁନଃଉଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଆଜି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଘଟଣାସ୍ଥଳରେ ପହଞ୍ଚି ତଦାରଖ କରିଥିଲେ। ଆସନ୍ତା ବର୍ଷା ଦିନ ପୂର୍ବରୁ ଜୋରାଦାର କାର୍ଯ୍ୟ କରିବା ସହ ସମସ୍ତ ପଙ୍କ ଓ ମାଟି ଉତ୍ତୋଳନ କରିବା ଉପରେ ଜୋର ଦେଇଥିଲେ।



ବିଧାୟକ ଜଗନ୍ନାଥ ସାଗର ପାଶ୍ୱର୍ରେ ନିର୍ମାଣ ଚାଲିଥିବା ଡେନ୍‌ର ପରିଦର୍ଶନ କରିବା ସହ ଏହାକୁ ବର୍ଷା ଦିନ ପୂର୍ବରୁ ସମାପ୍ତ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଅନ୍ୟ ପକ୍ଷରେ ନୂଆସାହି ପାର୍କ ଲାଇନ୍‌ଠାରୁ ବାଇପାସ ରୋଡ୍ ପାଶ୍ୱର୍ରେ ପଞ୍ଚାନନ ମନ୍ଦିର ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ କାର୍ଯ୍ୟ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଚାଲୁ ରହିଛି। ଏହି ଅବସରରେ ଜୟପୁର ପୌରସଂସ୍ଥା ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପଜିଲ୍ଲାପାଳ ତଥା ପୌର ନିର୍ବାହି ଅଧିକାରୀ ଏ. ସସ୍ୟା ରେଡ୍ଡୀ, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ କୃତ୍ତିବାସ ସାହୁ, କ୍ଷୁଦ୍ର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସୁପ୍ରଭା କଅଁର, ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାହୁ, ପୌର କନିଷ୍ଠଯନ୍ତ୍ରୀ ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତି ଥିଲେ।

# ଚିତ୍ରକୋଣ୍ଡାରେ ତ୍ରିରଙ୍ଗା ଶୋଭାଯାତ୍ରା



ଚିତ୍ରକୋଣ୍ଡା, ୧୮ ।୫ (ସମିସ): 'ଅପରେସନ ସିନ୍ଦୂର'ର ସଫଳତା ପରେ ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତିନି ପ୍ରମୁଖ ଦଳ ବିଜେପି, କଂଗ୍ରେସ ଓ ବିଜେଡିର ପୁରୁଖା ନେତାଙ୍କ ସହିତ ଜନସାଧାରଣ, ବଣିକ ସଂଘ, ବିଭିନ୍ନ ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ସମୟରେ ଭାରତ ମାତା କି ଜୟ, ବନ୍ଦେ ମାତରମ୍ ଧ୍?ନିରେ ଚିତ୍ରକୋଣ୍ଡା ସହର ପ୍ରକମ୍ପିତ ହୋଇଥିଲା। ଗତକାଲି ଅପରାହ୍ଣରୁ ପଞ୍ଜାବୀ ଛକରୁ ଶୋଭାଯାତ୍ରା ବାହାରି ଦୈନିକ ବଜାର ଦେଇ ମଧୁସୂଦନ ଛକରେ ସନ୍ଧ୍ୟାରେ ଶେଷ ହୋଇଥିଲା। ବିଜେପିର ହେମନ୍ତ ସଗରିଆ, କଂଗ୍ରେସ ପକ୍ଷରୁ ବିଦେଶୀ ଗୌଡ଼, ବିଜେଡି ପକ୍ଷରୁ ରଘୁ ଖରା ସ୍ଥାନୀୟ ପୁଲିସ, ବନ ବିଭାଗ କର୍ମଚାରୀ, ବଜାରକମିଟି ଓ ବିଭିନ୍ନ ସଂଗଠନର କର୍ମକର୍ତା ଯୋଗଦେଇଥିଲେ।

## କାଳବୈଶାଖୀ ତାଣ୍ଡବ

# ୨୨ ଛେଳିମେଣ୍ଢା ମୃତ; ମାଟିଧସି ରାସ୍ତା ଜାମ୍



ନାରାୟଣପାଟଣା,୧୮।୫(ସମିସ): ପ୍ରବଳ ବର୍ଷା ଘଡ଼ଘଡ଼ି ଯୋଗୁଁ ନାରାୟଣପାଟଣା ବ୍ଲକର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ତଳଗୁମାଣ୍ଡି ପଞ୍ଚାୟତର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଚାଷ ଜମିରେ ବର୍ଷା ଜଳ ପ୍ରବାହିତ ହେବାରୁ କାଦୁଅ ମାଟି ପଶିଯାଇ ୧୫ ଏକର ଜମିର ଫସଲ ନଷ୍ଟ ହୋଇଛି। ଏଥିସହ ତଳଗୁମାଣ୍ଡିକୁ ଯୋଗାଯୋଗ କରୁଥିବା ଭିତରପଡ଼ା ଗାଁ ରାସ୍ତାରେ ପାହାଡ଼ରୁ ମାଟି ଖସି ରାସ୍ତା ଜାମ୍ ହୋଇଛି। ଏଥିସହ ଉପରଗୁମାଣ୍ଡି ପଞ୍ଚାୟତରେ ବିଜୁଳି ପଡି ୨୨ଛେଳିମେଣ୍ଢାଙ୍କ ମୃତ୍ୟୁ ଘଟିଛି।

ଗତକାଲି ସନ୍ଧ୍ୟାରେ ଘଡ଼ଘଡି ସହ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ସେହି ସମୟରେ ଛେଳି ସବୁ ଏକ ଗଛ ମୂଳକୁ ଚାଲିଯାଇଥିଲେ। ଗଛ ଉପରେ ବଜ୍ରପାତ ହେବାରୁ ଗ୍ରାମର ସାନ୍ତାତାଡିଙ୍ଗିଙ୍କର ୯ଟି, ବୁଦ୍ରାଙ୍କର ୩ଟି, ରେଲିଙ୍ଗର ୪ଟି, ଲଦେୟାଙ୍କ ୨ଟି ଓ କସମାଙ୍କର ୨ଟି ଛେଳି ଓ ମେଣ୍ଢାଙ୍କର ମୃତ୍ୟୁ ଘଟିଛି । ସମସ୍ତେ ଗରିବ ଆଦିବାସୀ ହୋଇଥିବାରୁ କ୍ଷତିପୂରଣ ପାଇଁ ପ୍ରଶାସନକୁ ନିବେଦନ କରିଛନ୍ତି। ସେହିପରି ବିଜାଘାଟି ପଞ୍ଚାୟତର ଝଡିପଦର ଗାଁରେ ପ୍ରବଳ ବର୍ଷା ଯୋଗୁଁ ଗାଁର ଶୃତି ଶିରିକାଙ୍କ ମାଟି ଘର କାନ୍ଥ ଭୁଶୁଡ଼ି ପଡିଛି। ସେ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଅତି ଗରିବ ପରିବାର ହୋଇଥିବାରୁ ମାଟି ଘରେ ରହିଆସୁଥିଲେ। ବର୍ତ୍ତମାନ ଜରି ବାନ୍ଧି ଘରେ ରହୁଥିଲେ। ଖବର ପାଇ ତହସିଲଦାର ଦେବବ୍ରତ ମହାରଣା କ୍ଷୟକ୍ଷତି ତଦାରଖ ପାଇଁ ଟିମ୍ ପଠାଇ ତଦନ୍ତ ରିପୋର୍ଟ ଜିଲ୍ଲା ପ୍ରଶାସନକୁ ପଠାଇଛନ୍ତି। ଅନ୍ୟପଟେ ପଶୁ ଚିକିତ୍ସା ବିଭାଗ ଅଧିକାରୀମାନେ ଟିକଲଗୁମାଣ୍ଡିରେ ପହଞ୍ଚି ମୃତ ମେଣ୍ଢା ଛେଳି ର ଶବ ବ୍ୟବଚ୍ଛେଦ କରି ରିପୋର୍ଟ ସଂଗ୍ରହ କରିଛନ୍ତି। କୃଷି ବିଭାଗର ଏକ ଟିମ୍ ତଳଗୁମାଣ୍ଡିରେ ପହଞ୍ଚି ଚାଷ ଜମିର କ୍ଷୟକ୍ଷତି ରିପୋର୍ଟ ସଂଗ୍ରହ କରି ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିଛନ୍ତି।

## ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍‌ର ସାଧାରଣ ବୈଠକ

# ପ୍ରତି ବ୍ଲକରେ ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ପତ୍ତି



କୋରାପୁଟ,୧୮।୫ (ସମିସ): କୋରାପୁଟ ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମର ସାଧାରଣ ବୈଠକ ସ୍ଥାନୀୟ ଫରେଷ୍ଟ ରେଷ୍ଟ ହାଉସ୍ ପରିସରରେ ଆୟୋଜିତ ହୋଇଛି। ଫରୋମର ସଭାପତି ଜି. ସଞ୍ଜିବ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ଫୋରମର ଉପଦେଷ୍ଟା ମନୋଜ ଆଚାର୍ଯ୍ୟ, ଡଃ ଉମା ଶଙ୍କର ପ୍ରସାଦ ପାତ୍ର, ସାଧାରଣ ସମ୍ପାଦକ ଶେଖ ଇବ୍ରାହିମଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ବିଜୟ କୁମାର ସାହୁ, ଚନ୍ଦ୍ର ଶେଖର ରଥ, ବଦ୍ରି ନାରାୟଣ ଆଚାର୍ଯ୍ୟ, ଗୋବିନ୍ଦ ବଲ୍ଲଭ ପାଢ଼ୀ, ଶାହେଦା ପରୱିନ, ରାଜେଶ ଯାଦବ, ପ୍ରଦୀପ କୁମାର ତ୍ରିପାଠୀ, ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ, ସ୍ୱରାଜ ରାୟ, ସନ୍ଦୀପ ପଟ୍ଟନାୟକ, ପ୍ରଦୀପ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇ ଡିବିଡିଏମଏଫ୍‌ର ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍‌ରେ ଫରୋମ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। କୋରାପୁଟରେ ସିକେଲ ସେଲ୍ କେନ୍ଦ୍ର ପ୍ରତିଷ୍ଠା ସହ ଜିଲ୍ଲାର ଦୁଇଟି ରକ୍ତ ଭଣ୍ଡାର ପକ୍ଷରୁ ରୋଗୀ ମାନଙ୍କୁ କିଭଳି ଆବଶ୍ୟକୀୟ ରକ୍ତ ଯୋଗାଇ ଦିଆ ଯାଇପାରିବ ସେ ସମ୍ପର୍କରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ଫରୋମର ସକ୍ରିୟ ସଦସ୍ୟ ଜୟ ବାଡତ୍ୟା, ବିଲସେନ ସତ୍ୟ, ପ୍ରମୋଦ ସେଠୀ, ଚିନ୍ତାମଣି ପୃଷ୍ଟି, ସୌଦାମିନୀ ସାହୁ, ଜ୍ୟୋସ୍ନାରାଣୀ ବେହେରା, ପ୍ରିୟଦର୍ଶୀ ସାହୁ, ତୁଷାର ଭଟ୍ଟ ଏବଂ ଅନ୍ୟ ସଦସ୍ୟ ଉକ୍ତ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଖ ଇବ୍ରାହିମ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡ. ଉମା ଶଙ୍କର ପ୍ରସାଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

● ନାଲ୍‌କୋ ପକ୍ଷରୁ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

# ଯୋଗଦେଲେ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ



ଦାମନଯୋଡ଼ି,୧୮।୫ (ସମିସ):

ନାଲ୍‌କୋ ଖଣି ଓ ପରିଶୋଧନ ପ୍ରକଳ୍ପ ପକ୍ଷରୁ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଏକ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ୨୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଶିବିରରେ ନାଲ୍‌କୋ ଟାଉନ୍‌ସିପ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ(ଡିପିଏସ) ଓ ସରସ୍ୱତୀ ବିଦ୍ୟା ମନ୍ଦିରର ୬୦ଜଣ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ନେଉଛନ୍ତି। ଡିପିଏସ ଖେଳ ପଡ଼ିଆରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ନାଲ୍‌କୋ ସମୂହ ମହାପ୍ରବନ୍ଧକ ସୁଗାତୋ ଆନନ୍ଦ ବାସୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହି ଶିବିରର ଉଦ୍‌ଘାଟନ କରିଥିଲେ। ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଓ ନାଲ୍‌କୋ ପ୍ରବନ୍ଧକ ତଥା ନାଲ୍‌କୋ ସ୍ପୋର୍ଟସ ସେଲ ଅଧିକାରୀ ଅରୁଣ କୁମାର ମହାନ୍ତି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଡିପିଏସ ଭାରପ୍ରାପ୍ତ ଅଧକ୍ଷା ସୁଶ୍ରୀ ସୁଜାତା ପାଣି, ବିଦ୍ୟାମନ୍ଦିର ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି ଓ ଡିପିଏସ୍ ପ୍ରଧାନଶିକ୍ଷକ ଏସ.ଏସ. ଗିରିଧରଙ୍କ ସହିତ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳଙ୍କ ସୁକନ୍ୟା ତଥା ଜାତୀୟସ୍ତର କ୍ରୀଡ଼ାବିତ୍ ଅଂଶିକା ରାଉତରାୟ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ। ଡିପିଏସର ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ଅଞ୍ଜନା କୁମାରୀ ମଞ୍ଚ ସଂଯୋଜନା କରିଥିବା ବେଳେ ଶାରୀରିକ ଶିକ୍ଷା ଶିକ୍ଷକ ନବକିଶୋର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ ଏହି ଆଥଲେଟିକ୍ ପ୍ରଶିକ୍ଷଣ ଶିବିରରେ ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଛାତ୍ରଛାତ୍ରୀଙ୍କୁ ରିଲେ ଦୌଡ଼, ହର୍ଡଲସ ଆଦି ବିଭିନ୍ନ ପ୍ରକାରର ଦୌଡ଼, ଲମ୍ବଡିଆଁ, ସଟ୍‌ପୁଟ,ଡିସ୍‌କସ ଥ୍ରୋ ଆଦି ବିଷୟରେ ତାଲିମ ପ୍ରଦାନ କରିଥିଲେ।

ଠିକା ସଂସ୍ଥାକୁ ସ୍ୱାସ୍ଥ୍ୟ ବିଭାଗର ଅନୁକମ୍ପା

# ବିନା ଟେଣ୍ଡରରେ ସଫେଇ କାର୍ଯ୍ୟ

ମାଲକାନଗିରି,୧୮।୫(ସମିସ):

ମାଲକାନଗିରି ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଗତ ୨୦୨୨ ମସିହାରୁ ସୁମିତ ସିକ୍ୟୁରିଟି ନାମକ ଏକ ନିର୍ଦ୍ଦିଷ୍ଟ ଠିକା ସଂସ୍ଥାକୁ ଅହେତୁକ ଅନୁକମ୍ପା ଦେଖାଇ ଥିବା ଅଭିଯୋଗ ହୋଇଛି। ବିନା ଟେଣ୍ଡରରେ କାର୍ଯ୍ୟ ଅବଧିକୁ ବଢ଼ାଇ ଦିଆଯାଇଥିବା ସହ ପ୍ରାୟ ୧୦କୋଟି ଟଙ୍କା ଏହି ସଂସ୍ଥାକୁ କାର୍ଯ୍ୟ ତୁଲାଇବା ପାଇଁ ଦିଆଯାଇଛି। ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଟେଣ୍ଡର ଅବଧି ସରିଯାଇଥିଲେ ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ ବିନା କୌଣସି ଟେଣ୍ଡରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ ସଫେଇ କାର୍ଯ୍ୟ ଦାୟିତ୍ୱ ଏହି ସଂସ୍ଥାକୁ ଦେଇ ଚାଲିଛନ୍ତି। ବର୍ଷେ କି ଦୁଇ ବର୍ଷ ନୁହେଁ, ଏଭଳି ୩ ବର୍ଷ ହେଲା ଚାଲୁଛି। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବ୍ରଜ ବନ୍ଧୁ ଦାସଙ୍କୁ ପଚାରିବାରୁ ସେ ପ୍ରକାଶ କରିଛନ୍ତି ଯେ, ଗତ କିଛିଦିନ ହେବ ସେ ଦାୟିତ୍ୱ ନେଇଛନ୍ତି। ପୂର୍ବରୁ ସେ ଟେଣ୍ଡର କରି ନୂତନ ସଂସ୍ଥାକୁ ଦାୟିତ୍ୱ ଦିଆଯାଉ ବୋଲି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିବା ବେଳେ ନୂତନ ଟେଣ୍ଡର ପ୍ରକ୍ରିୟା ହୋଇଯାଇଛି। ଆସିଥିବା ଅଭିଯୋଗକୁ ନେଇ ସେ ଯାଞ୍ଚ କରିବେ, ଏହା ସହ ଆସନ୍ତା ୨୦ ତାରିଖ ଦିନ ନୂତନ ଭାବେ ଟେଣ୍ଡର ପକାଇଥିବା ସମସ୍ତ ସଂସ୍ଥା

● ୩ ବର୍ଷ ହେଲା ଟେଣ୍ଡର ନ ହୋଇ ସମୟ ବୃଦ୍ଧି

ଗୁଡିକର ତଥ୍ୟ ଯାଞ୍ଚ କରାଯାଇ ସଠିକ ତଥ୍ୟ ଓ ଦସ୍ତାବିଜ ଦେଖାଇଥିବା ନୂତନ ସଂସ୍ଥାକୁ ଦାୟିତ୍ୱ ଦିଆଯିବ ବୋଲି କହିଛନ୍ତି।

ପ୍ରକାଶ ଥାଉକି, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଗତ ଦିନରେ ସ୍ୱାସ୍ଥ୍ୟ ବିଭାଗର ୮ ଟି ବର୍ଗରେ ଏଜେନ୍ସି ବା ଆଉଟ୍ ସୋର୍ସିଙ୍ଗ କମ୍ପାନୀ ମାନଙ୍କ ଜରିଆରେ ନିଯୁକ୍ତି ଯୋଗାଇବା ଲାଗି ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକଙ୍କ ଚିଠି ସଂଖ୍ୟା ୫୩୯୦ ଅନୁଯାୟୀ ସମସ୍ତ ସିଡିଏମଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଗାଇଡ୍‌ଲାଇନ୍‌କୁ ଖୋଲାଖୋଲି ଉଲ୍ଲଂଘନ କରି ସୁମିତ ସିକ୍ୟୁରିଟି ସଂସ୍ଥାକୁ ଚୟନ କରାଯାଇ ମାଲକାନଗିରି ଜିଲ୍ଲାରେ ୬ଟି ବର୍ଗ ଯଥା ଷ୍ଟାଫ ନର୍ସ, ଟେଲିମେଡିସିନ୍, ଲ୍ୟାବ ଟେକ୍‌ନିସିଆନ୍, ଡାଟା ଏଣ୍ଟ୍ରି ଅପରେଟର, ଆଟେଣ୍ଡାନ୍ସ, ଡ୍ରାଇଭର ଆଦି ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଇଥିଲା। ତେବେ ଏହି ସବୁ ମଧ୍ୟରେ ମେଡିକାଲ ରେକର୍ଡ ଆସିଷ୍ଟାଣ୍ଟ ଲାଗି କୌଣସି ଟେଣ୍ଡର ହୋଇନଥିବା ବେଳେ ୯ ଜଣ ମେଡିକାଲ ଆସିଷ୍ଟାଣ୍ଟଙ୍କୁ ଲାଞ୍ଚ ନେଇ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ସେହିପରି ଏଏନଏମ୍ ପଦବୀ ଲାଗି ମାଲକାନଗିରି ସିଡିଏମଓଙ୍କ ଟେଣ୍ଡରରେ ଉଲ୍ଲେଖ ନଥାଇ ମଧ୍ୟ ୧୦ ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। ମାଲକାନଗିରି ଡାକ୍ତରଖାନାରେ ଜଣେ କାର୍ଯ୍ୟରତ ଷ୍ଟାଫ୍‌ନର୍ସ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ର ଦୁଇ ଅଧିକାରୀ ଏଥିରେ ସମ୍ପୂର୍ଣ୍ଣ ଲିପ୍ତ ଥିବା ଅଭିଯୋଗ ହୋଇଥିଲା। ଏହି ଅର୍ଥ କାରବାରରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଲିପ୍ତଥିବା ଜଣାପଡିବା ପରେ ବିଭାଗ ପକ୍ଷରୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନିଆଯାଇଥିଲା। ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ତଦନ୍ତ ସହ ଥାନାରେ ମାମଲା ମଧ୍ୟ ରୁଜୁ କରାଯାଇଥିଲା। ଯାହାକୁ ନେଇ ପୁଲିସ ତଦନ୍ତ କରି ୩ ଜଣଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲା। ତେବେ ଏପରି ଅଭିଯୋଗ ଥିବା ସଂସ୍ଥାକୁ କଳା ତାଲିକା ଭୁକ୍ତ କରିବା ବଦଳରେ ଟେଣ୍ଡର ଅବଧି ସରିବା ପରେ ମଧ୍ୟ ତାକୁ ଅନୁକମ୍ପା ଦେଖାଇ ବିଭିନ୍ନ କାର୍ଯ୍ୟ କିଏ ଓ କାହିଁକି ଦେଇଥିଲେ ତାହା ତଦନ୍ତ ସାପେକ୍ଷ। ବର୍ତ୍ତମାନ ନୂତନ ସଂସ୍ଥାକୁ ନିରପେକ୍ଷ ଭାବେ ଚୟନ କରାଯାଉ ବୋଲି ସାଧାରଣରେ ଦାବି ହୋଇଛି।

# ସୁନୀଲ ଦାଶଙ୍କ ଜୟନ୍ତୀ



ଗୁଣପୁର,୧୮।୫(ସମିସ):

ସୁନୀଲ ଦାଶଙ୍କ ୬୪ ତମ ଜୟନ୍ତୀ ଗୁଣପୁର ଠାରେ ପାଳିତ ହୋଇଛି। ଏହି ଅବସରରରେ ସାମ୍ବାଦିକ ସି.ଏଚ ଗଣେଶ , ସାମ୍ବାଦିକ ଲୋକନଥ ପାଣିଗ୍ରାହୀ, ସାମ୍ବାଦିକ ଦେବୀ ଚୌଧୁରୀଙ୍କୁ ସାମ୍ବାଦିକ ସମ୍ମାନ ଏବଂ ଶିକ୍ଷୟିତ୍ରୀ ସଂଯୁକ୍ତା ତ୍ରିପାଠୀ, ବିନାୟକ ଷଡ଼ଙ୍ଗୀ, ନୀଳମାଧବ ଦାଶଙ୍କୁ ୨୦୨୪-୨୫ ବର୍ଷର ଶିକ୍ଷକ ସମ୍ମାନ ସୁନୀଲ ମେମୋରିଆଲ ଚାରିଟେବଲ୍ ଫାଉଣ୍ଡେସନ ତରଫରୁ ଦିଆଯାଇଛି। ସୁନୀଲ ଦାଶଙ୍କ ୬୪ତମ ଜୟନ୍ତୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତାଙ୍କ ପ୍ରତିମୂର୍ତ୍ତିରେ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ମାଲ୍ୟାର୍ପଣ କରିଥିଲେ। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅତିଥି ଓ ସଦସ୍ୟଙ୍କ ଦ୍ୱାରା ହରିଡ଼ା, ଅର୍ଜୁନ, ସାହାଡ଼ା, ବେଲ, ଅଁଳା ଭଳି ଔଷଧ ବୃକ୍ଷ ଲଗାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷକ ନୀଳାଞ୍ଚଳ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ମେମୋରିଆଲ ଫାଉଣ୍ଡେସନର ଉପଦେଷ୍ଟା ପ୍ରଦୀପ ଦାଶ ଟ୍ରଷ୍ଟର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ପୌରପରିଷଦ ଅଧକ୍ଷା ମମତା ଗୌଡ଼, ସମ୍ମାନିତ ଅତିଥି ଗାନ୍ଧୀ ଯାନ୍ତ୍ରିକ ବିଦ୍ୟାଳୟର ଉପ ସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ପୂର୍ବତନ ବିଇଓ ସୁବାଷ ଶବର , ସୁନୀଲ ଦାଶଙ୍କ ସେବା ବିଷୟରେ ସ୍ମୃତି ଚରଣ କରିଥିଲେ। ସଭା କାର୍ଯ୍ୟକୁ ବରିଷ୍ଠ ଶିକ୍ଷକ ଜଗନ୍ନାଥ ପଟନାୟକ ପରିଚାଳନା କରିଥିଲେ। ପୌର ଉପାଧ୍ୟକ୍ଷ ଶିବ ଗୌଡ଼, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଓକିଲ ସଙ୍ଘ ସଭାପତି ଗୌରୀ ଦାଶ, ସମାଜସେବୀ ଅକ୍ଷୟ ଦାଶ, ରାୟଗଡ଼ା ଜିସିଡିର ହିନ୍ଦୀ ଶିକ୍ଷକ ଅଶୋକ ଦାଶ, ଚାରିଟେବୁଲ ଫାଉଡେଶନର ସଦସ୍ୟ ଶିବ ମହାପାତ୍ର, ଭାସ୍କର ଦାଶ, ଡ. ପ୍ରଶାନ୍ତ ହୋତା ପ୍ରମୁଖଙ୍କ ଦ୍ୱାରା ସାମ୍ବାଦିକ ସମ୍ମାନ ଓ ଶିକ୍ଷକ ସମ୍ମାନ ପ୍ରଦାନ କରାଯାଇଥିଲା। ସଭା ଶେଷରେ ଅନନ୍ତ ପାତ୍ର ଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା । ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମରେ ସୁନୀଲ ଦାଶଙ୍କ ଦୁଇ ପୁଅ ଶକ୍ତି ଦାଶ, ସିଦ୍ଧାର୍ଥ ଦାଶ, କଳିଙ୍ଗ ସାମ୍ବାଦିକ ସଙ୍ଘର ପ୍ରଶାନ୍ତ କୁମାର କର, ସୂର୍ଯ୍ୟ ପଟ୍ଟନାୟକ, ହରି ଶତପଥୀ, ରଂଜିତ ପାଢ଼ୀ, ସୁନୀଲ ସାବ, ସତ୍ୟ ସାହୁ, ସୀମାଞ୍ଚଳ ଗୌଡ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରାଘାତରେ ଯୁବକଙ୍କ ମୃତ୍ୟୁ

ମାଥିଲି,୧୮।୫ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ କୁଟୁଣିପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସିଙ୍ଗଲଗୁଡା ଗ୍ରାମର ପଞ୍ଚାୟତ ନାଏବ ସରପଞ୍ଚ ଲଚ୍ଛମନ ପେଦାଙ୍କ ସାନ ଭାଇ ସୋମନାଥ ପେଦା (୩୮)ଙ୍କ ଗତକାଲି ସନ୍ଧ୍ୟା ସମୟରେ ବଜ୍ରାଘାତରେ ମୃତ୍ୟୁ ହୋଇଛି। ସୋମନାଥ କୌଣସି ଏକ କାର୍ଯ୍ୟରେ ଗାଁ ବାହାରକୁ ଯାଇ ଫେରୁଥିବା ସମୟରେ ରାସ୍ତାରେ କାଳବୈଶାଖୀ ସହ ବଜ୍ରାଘାତ ହୋଇଥିଲା। ଫଳରେ ସୋମନାଥଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପରିବାର ପକ୍ଷରୁ ମାଥିଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରିଣୀ ଦୀପାଞ୍ଜଳୀ ପ୍ରଧାନ ଥାନରୁ ଏକ ପୋଲିସ ଟିମ ଘଟଣା ସ୍ଥଳକୁ ପଠାଇ ଥିଲେ। ସରପଞ୍ଚ ଡ଼ମଣି ନାୟକ, ସରପଞ୍ଚ ପ୍ରତିନିଧି ଚନ୍ଦ୍ରଶେଖର ନାୟକ ଓ ମାଥିଲି ବ୍ଲକ ଉପାଧକ୍ଷା ଦେବକୀ ଦଳେଇଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସୋମନାଥ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

# ସାର ଓ ବିହନ ଅଧିକୃତ ବିକ୍ରେତାଙ୍କ ବୈଠକ



ନବରଙ୍ଗପୁର,୧୮।୫ (ସମିସ ): ନବରଙ୍ଗପୁର କୃଷକ ତାଲିମ କେନ୍ଦ୍ର ଠାରେ ସାର ଓ ବିହନର ଅଧିକୃତ ବିକ୍ରେତା ମାନଙ୍କର ଦୁଇଟି ପର୍ଯ୍ୟାୟରେ ଦୁଇଟି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ପାପଡ଼ାହାଣ୍ଡି, କୋଷଗୁମୁଡ଼ା, ଡାବୁଗାଁ ବ୍ଲକ୍‌ର ୭୦ ଜଣ ଅଧିକୃତ ବିକ୍ରେତା ଯୋଗଦାନ କରିଥଲେ। ବୈଠକରେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜିତ୍ ସାହୁ, ପ୍ରଣୟ କୁମାର ମନ୍ତ୍ରୀ, ରାମ ଚନ୍ଦ୍ର ମୁଦୁଲିଙ୍କ ସମେତ ବ୍ଲକ୍ କୃଷି ଅଧିକାରୀ ମାନେ ଉପସ୍ଥିତ ଥିଲେ। ଚଳିତ ଖରଫ ଋତୁରେ ସାର ଏବଂ ବିହନ ବିକ୍ରୟରେ ଅନିୟମିତତା ପରିଲକ୍ଷିତ ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଖୁଣ୍ଟିଆ ନିର୍ଦ୍ଦେଶ ଦେଇଥିଲେ। ହାଇବ୍ରିଡ ଧାନ ଏବଂ ମକା ବିହନର ସୁଲଭ ବିକ୍ରି ବଟା ନିମନ୍ତେ କେବଳ ପଞ୍ଜିକୃତ ବିହନ କମ୍ପାନୀ ମାନଙ୍କୁ ଅନୁମୋଦନ ଦିଆଯିବ ଏବଂ ନାନୋ ୟୁରିଆ ଏବଂ ଡିଏପିର ବ୍ୟବହାର କରି ଚାଷୀ ମାନେ ଅତ୍ୟଧିକ ସାର ପ୍ରୟୋଗର କୁପରିଣାମରୁ ଚାଷ ଜମିକୁ ସୁରକ୍ଷିତ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ନବରଙ୍ଗପୁର, ନନ୍ଦହାଣ୍ଡି ଓ ତେନ୍ତୁଳିଖୁଣ୍ଟି ବ୍ଲକ୍‌ର ୫୦ ଜଣ ଅଧିକୃତ ବିହନ ଏବଂ ସାର ବିକ୍ରେତା ମାନେ ଯୋଗଦାନ କରିଥିଲେ। ଉକ୍ତ ବୈଠକରେ ଅନିଲ କୁମାର ପ୍ରହରାଜ ଯୋଗ ଦେଇଥିଲେ। ସଭାରେ ସମସ୍ତ ବ୍ଲକ୍ କୃଷି ଅଧିକାରୀ ଉପସ୍ଥିତ ଥିଲେ। ଚଳିତ ଖରିଫ୍ ଋତୁରେ ଅଦ୍ୟାବଧି ୨୧୯୨୨.୦୭୫ ମେଟ୍ରିକ ଟନ୍ ସାର ନବରଙ୍ଗପୁର ଜିଲ୍ଲାରେ ଉପଲବ୍ଧ କରାଯାଇଛି। ଯଦିଓ ଚଳିତ ଖରିଫ୍ ଋତୁ ପାଇଁ ୬୮ ୯୬୦ ହେକ୍ଟରର ମକା ଚାଷ ହେବାର ସରକାରୀ ଖସଡ଼ା ପ୍ରସ୍ତୁତ କରାଯାଇଛି। ଏଫଆରଏ ଅନ୍ୟାନ୍ୟ ଅଧିକୃତ ଜମି ମାନଙ୍କରେ ମକା ଚାଷର ପରିମାଣ ଯଥେଷ୍ଟ ଅଧିକା ହେଉଥିବାରୁ ଉପସ୍ଥିତ ଅଧିକୃତ ବିକ୍ରେତା ମାନେ ଜିଲ୍ଲା ପାଇଁ ସ୍ଥିର କରା ଯାଇଥିବା ସାର ପରିମାଣ ଠାରୁ ଅଧିକ ସାର ଯୋଗାଣ ନିମନ୍ତେ ମତ ଦେଇଥିଲେ।

# ଶ୍ରୀମିନାଝୋଲାରେ ସ୍ଥାୟୀ ସଂକ୍ରାନ୍ତି ପୂଜା କମିଟି ଗଠନ



ଚନ୍ଦ୍ରପୁର,୧୮।୫(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ଗ୍ରାମପଞ୍ଚାୟତ ଶ୍ରୀମିନାଝୋଲା ଜନକଲ୍ୟାଣ ଆଶ୍ରମ ଠାରେ ସ୍ୱାମୀ ଯୋନକା ନନ୍ଦ ଗିରିଙ୍କ ତତ୍ତ୍ୱାବଧାନରେ ସ୍ଥାୟୀ ସଂକ୍ରାନ୍ତି ପୂଜା କମିଟି ଗଠନ କରାଯାଇଛି। ଏହି କମିଟି ଗଠନରେ ସ୍ଥାନୀୟ, ହନୁମନ୍ତପୁର, ଚନ୍ଦ୍ରପୁର, ବିଜାପୁର, ଡ଼ାଙ୍ଗସରଡ଼ା, ମୁନିଗୁଡ଼ା, ଡେଲାପଡ଼ାର ଗ୍ରାମର ୧୦୦ରୁ ଅଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ସମସ୍ତଙ୍କ ସହମତିରେ ସଭାପତି ଭାବେ ଅଭିମନ୍ୟୁ ବଳିଆର ସିଂହ, ଉପ ସଭାପତି ଭାବେ ପ୍ରମୋଦ କୁମାର ମୁଗୁଲି, ସମ୍ପାଦକ ଭାବେ ପ୍ରଫୁଲ୍ଲ ମୁଗୁଲି , କୋଷାଧ୍ୟକ୍ଷ ଭାବେ ପରୀକ୍ଷିତ ମୁଗୁଲିଙ୍କୁ ସର୍ବ ସମ୍ମତି କ୍ରମେ ବଛା ଯାଇଛି। ସେହିପରି ଆଡ୍‌ଭାଇଜର ଭାବେ ସ୍ୱାମୀ ଜନକା ନନ୍ଦ ଗିରି , ପ୍ରମୋଦ ସାହୁକାର ଓ ହାଡ଼ିପା ଗୌଡ଼ ରହିଛନ୍ତି। ଏହି ବୈଠକରେ ପ୍ରଥମ ଦିନରେ ହୋମରେ ସହଯୋଗ କରିଥିଲେ ସାମାଜିକ କର୍ମୀ ପ୍ରମୋଦ ସାହୁକାର ଓ ତାଙ୍କ ପତ୍ନୀ କବିତା ସାହୁକାର ।ସେହିପରି ଶୀତଳ ଷଷ୍ଠୀ ପାଇଁ ସ୍ୱାମୀ ଜନକା ନନ୍ଦଗିରୀଙ୍କ ଉପସ୍ଥିତରେ ସବୁ ବର୍ଷ ଭଳି ଶିବ ବିବାହ ବା ଶୀତଳ ଷଷ୍ଠୀ କାର୍ଯ୍ୟକ୍ରମ ସମ୍ପାଦନା ହେବା ନେଇ ଆଲୋଚନା କରଯାଇଥିଲା।

# ଜିଲ୍ଲାସ୍ତରୀୟ ଆର୍ଟ ଅଫ୍ ଗିଭିଙ୍ଗ ଦିବସ



ମାଲକାନଗିରି, ୧୮ ।୫ (ସମିସ):

ମାଲକାନଗିରି ଜିଲ୍ଲା ସଦର ମହାକୁମା ସ୍ଥିତ ଆଓମା ଗୁରୁକୁଳ ପରିସରରେ ଜିଲ୍ଲାସ୍ତରୀୟ ଆର୍ଟ ଅଫ୍ ଗିଭିଂ ଦିବସ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ମୁଖ୍ୟବକ୍ତା ଭାବେ ସମାଜସେବୀ ରତ୍ନାକର ଦାଶ, ଶିକ୍ଷାବିତ୍ ମନୋଜ ସାହୁ, ସମାଜସେବୀ ଗୋପୀକୃଷ୍ଣ ପଟ୍ଟନାୟକ, ଦେବବ୍ରତ ସାନା ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ଉପହାର ଦିଆଯାଇ ସମ୍ମାନିତ କରା ଯାଇଥିଲା। କାର୍ଯ୍ୟକ୍ରମରେ ଅନେକ ସମାଜସେବୀ ସଂଗଠନ, ଆଓମା ଗୁରୁକୁଳ ଅନ୍ତେବାସୀ ମାନେ ଯୋଗ ଦେଇଥିଲେ। ଆର୍ଟ ଅଫ ଗିଭିଂ ଡେ କାର୍ଯ୍ୟକ୍ରମକୁ ପରିଚାଳନା ରେ ସହଯୋଗ କରିଥିଲେ ଜିଲ୍ଲା ବରିଷ୍ଠ ସଂଯୋଜକ ରମ୍ୟ ରଞ୍ଜନ ପରିଡା, ଉପ ସଂଯୋଜକ ଉତ୍ତମ ସାହା, ପ୍ରସାଦ ନାୟକ, ସୁଶାନ୍ତ ସାମଲ, ମୁନା ତ୍ରିପାଠୀ, ବିନାଶ ମିଶ୍ର। ମଞ୍ଚ ପରିଚାଳନା କରିଥିଲେ ଶ୍ୟାମ ସୁନ୍ଦର ନାୟକ।

# ବିଜେପି କର୍ମୀ ସମ୍ମିଳନୀ

କଲ୍ୟାଣସିଂହପୁର,୧୮।୫(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ବୁଡ଼ାଗୁଡ଼ା ପଞ୍ଚାୟତର କୁମ୍ଭାରଗୁଡ଼ା ଗ୍ରାମ ଛକଠାରେ ବିଜେପିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ଜନଜାତି ମୋର୍ଚ୍ଚା ସମ୍ପାଦକ ତଥା କୋରାପୁଟ ଲୋକସଭା ବିଜେପି ସାଂସଦ ପ୍ରାର୍ଥୀ କାଳିରାମ ମାଝୀ, ସମ୍ମାନିତ ଅତିଥି ଭାବେ କଲ୍ୟାଣସିଂହପୁର ମଣ୍ଡଳ ସଭାପତି ଅଜିତ୍ ପାଣିଗ୍ରାହୀ, ମଣ୍ଡଳ ସଂଗଠନ ପ୍ରଭାରୀ ହଳଧର ହିମିରିକା, ସ୍ୱଚ୍ଛ ଭାରତ ଅଭିଯାନ ଜିଲ୍ଲା ସଂଯୋଜକ କୃଷ୍ଣ ସାମଲ , ପୂର୍ବତନ ଜନଜାତି ମୋର୍ଚ୍ଚା କୋଲନରା ମଣ୍ଡଳ ସଭାପତି ସହଦେବ ଜାନି, ଶିକରପାଇ ମଣ୍ଡଳ ସୁନାଖଣ୍ଡି ପଞ୍ଚାୟତର ଟାଣୁଆ ନେତା ତଥା ରାଷ୍ଟ୍ରୀୟ ସ୍ୱୟଂ ସହାୟକ ସଙ୍ଘ କର୍ମକର୍ତ୍ତା ବିନାୟକ କୁଲିସିକା, ବରିଷ୍ଠ କାର୍ଯ୍ୟକର୍ତ୍ତା ଦାଶରିଆ ପ୍ରାସ୍କା, ପଞ୍ଚାୟତ ପ୍ରମୁଖ ଦାନୁ କାଡ୍ରାକା, କୁମ୍ଭାରଗୁଡ଼ା ଗ୍ରାମ ସାମ୍ନା କାକାୟା ହିକକା ପ୍ରମୁଖ ମଞ୍ଚାସୀନ ରହିଥିଲେ। ପ୍ରଥମେ ଅତିଥି ସ୍?ାଗତ ସମ୍ବର୍ଦ୍ଧନା ସମାରୋହ ହେବା ପରେ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ହୋଇଥିଲା, ଏହା ପରେ ଉପସ୍ଥିତ ଅତିଥି ମାନେ ଦଳ ସମ୍ପର୍କିତ ନିଜ ନିଜର ଅଭିଭାଷଣ ରଖିଥିଲେ। ବୁଡ଼ାଗୁଡ଼ା ଗ୍ରାମ ପଞ୍ଚାୟତର କଣ୍ଡାକୋରା, ବଳଦିଆ, ଗୁରୁତୁଲୀ, କଦଳୀଚୁଆଁ, ଚାମରଯୋଡ଼ି, ଢେପାଗୁଡ଼ା, ପଣସଗୁଡ଼ା, ବୁଢ଼ାଗୁଡ଼ା, ଅଲଣ୍ଡା, କିରାଖାଲ ଗ୍ରାମରୁ ବିଭିନ୍ନ ଦଳ ଛାଡ଼ି ଶତାଧିକ କାର୍ଯ୍ୟକର୍ତ୍ତା ବିଜେପି ଦଳରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବୁଡ଼ାଗୁଡ଼ା ପଞ୍ଚାୟତର ବିଶ୍ୱନାଥ ହିକକା, ଗଙ୍ଗାରାଓ ପ୍ରାସ୍କା, ପ୍ରସାଦ ପେରିସିକା, ଚକ୍ରଧର ପ୍ରାସ୍କା, ଦିଲୁ କାଡ୍ରାକା, ନାଗେଶରାଓ କୁଲିସିକା, ହରିହର ହିକକା, ସୀମାଞ୍ଚଳ ନାଡିମିଣ୍ଟି ,ସିରିପତି ପେରିଶିକା , ସୋମେଶ୍ୱର କୌଶଲ୍ୟା ସହଯୋଗ କରିଥିବା ବେଳେ ସନ୍ତୋଷ କୁମାର ବଛା ମଞ୍ଚ ପରିଚାଳନା କରିଥିଲେ।

■ କଂଗ୍ରେସର ନୂଆ କର୍ମକର୍ତ୍ତା

# ବାହିନୀପତି ଉପସଭାପତି ଓ ପବିତ୍ର ସାଉନ୍ତା ସାଧାରଣ ସମ୍ପାଦକ

କୋରାପୁଟ/ଲକ୍ଷ୍ମୀପୁର,୧୮।୫ (ସମିସ): ନିଖିଳ ଭାରତ କଂଗ୍ରେସ କମିଟିର ଅନୁମୋଦନ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୁନର୍ଗଠନ କରା ଯାଇ ୭ ଜଣ ବରିଷ୍ଠ ନେତାଙ୍କୁ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇ ଥିବାବେଳେ ୧୦ ଜଣଙ୍କୁ ସାଧାରଣ ସମ୍ପାଦକ ଭାବେ ଚୟନ କରା ଯାଇଛି। ଏହି କ୍ରମରେ ବରିଷ୍ଠ କଂଗ୍ରେସ ନେତା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କୁ ଉପସଭାପତି ଭାବେ ଚୟନ କରା ଯାଇ ଥିବାବେଳେ ଲକ୍ଷ୍ମୀପୁରର ଯୁବ ବିଧାୟକ ପବିତ୍ର ସାଉନ୍ତାଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ଖବର ପ୍ରଚାର ହେବା ପରେ ଉଭୟ ନେତାଙ୍କୁ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଜଗଦୀଶ ଖୋସଲା, କଂଗ୍ରେସ ନେତା ସୁକାନ୍ତ ନାୟକ, ଯୁବ ସମାଜସେବୀ ତ୍ରିପତି ପାଣିଗ୍ରାହୀ , ଲକ୍ଷ୍ମୀପୁର ଅଞ୍ଚଳର କଂଗ୍ରେସ ନେତା କୈଳାଶ ଖୋସଲା, ନବୀନ ମହାନନ୍ଦିଆ, ଜଗଦୀଶ ଖରା, ବସନ୍ତ ମିନଏକା, ଧର୍ମେନ୍ଦ୍ର ବାଘ, ମଣ୍ଟି ଖରା ପ୍ରମୁଖ ବାହିନୀପତି ଏବଂ ପବିତ୍ର ସାଉନ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଦିଲ୍ଲୀ ପବ୍ଲିକ୍ ସେକେଣ୍ଡାରୀ ସ୍କୁଲରେ ଗ୍ରୀଷ୍ମ ଶିବିର ଉଦ୍‌ଯାପିତ




ସେମିଳିଗୁଡ଼ା,୧୮।୫ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ଦିଲ୍ଲୀ ପବ୍ଲିକ ସେକେଣ୍ଡାରୀ ସ୍କୁଲରେ ଦୀର୍ଘ ୧୦ ଦିନ ଧରି ଚାଲିଥିବା ଗ୍ରୀଷ୍ମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ କୃଷ୍ଣ ସିଂହ, ସମ୍ପାଦକ ଲକ୍ଷ୍ମଣ ରାଉତ, ନିର୍ଦ୍ଦେଶକ ମହେଶ୍ୱର ପାଣିଗ୍ରାହୀ, ସେମିଳିଗୁଡ଼ା କଲେଜର ଅଧକ୍ଷ ରମାରଞ୍ଜନ ପଟ୍ଟନାୟକ, ପ୍ରିନ୍ସିପାଲ ନାରାୟଣ ପରିଡ଼ା, କୋରାପୁଟ ପ୍ରେସ୍ କ୍ଲବ୍ ସଭାପତି ଭବାନୀ ଶଙ୍କର ମିଶ୍ର ଏବଂ ବିଦ୍ୟାଳୟର କୋଷାଧକ୍ଷ ଲାଲୁ ପରିଡ଼ା ଯୋଗ ଦେଇଥିଲେ। ଚଳିତ ବର୍ଷ ବିଦ୍ୟାଳୟ ଦ୍ୱାରା ଗ୍ରୀଷ୍ମ ଶିବିର ଆୟୋଜନ କରାଯାଇଥିବାରୁ ଅତିଥି ଏବଂ ଅଭିଭାବକମାନେ ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀମାନେ କଳା, ସ୍ପୋକନ୍ ଇଂଲିଶ, ନୃତ୍ୟ, ସଂଗୀତ, ଟେବୁଲ୍ ଟେନିସ୍, ଚିତ୍ରାଙ୍କନ, ସେଲ୍ଫ ଡିଫେନ୍ସ ଓ ଖେଳକୁଦ ପ୍ରଦର୍ଶନ କରିଥିଲେ। କୁନି କୁନି ପିଲାମାନଙ୍କ ରାମ୍ପ ଶୋ'ଲୋକଙ୍କ ମନକୁ ଛୁଇଁଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହିତ ପୁରସ୍କାର ବିତରଣ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯକ୍ରମ ଆୟୋଜନ କରାଯାଇ ଥିଲା।

## ଚିତି ସାପ ଉଦ୍ଧାର



କୋଷାଗୁମୁଡା,୧୮।୫(ସମିସ): ଶନିବାର ରାତିରେ କୋଷାଗୁମୁଡ଼ା ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ଗୃହରୁ ଏକ ବିଷାକ୍ତ ଚିତି ସାପକୁ ସ୍ଥାନୀୟ ସାପ ଧରାଳି ବେଲଚନ୍ଦ ଧରିଥିବା ଜଣାପଡ଼ିଛି। ପ୍ରଧାନ ଶିକ୍ଷକ ଶ୍ରୀ ହଲଦାରଙ୍କ ଗୃହ ସମ୍ମୁଖରେ ଥିବା ଏକ ଫୁଲକୁଣ୍ଡ ନିକଟରେ ସାପଟି ଥିଲା। ସାପକୁ ନିକଟରେ ଥିବା ସଂରକ୍ଷିତ ଜଙ୍ଗଲରେ ଛଡ଼ା ଯାଇଥିଲା।

# ରୋଜଗାର ଦେଉଛି ବରଡ଼ା ଶାଗ



ପଦ୍ମପୁର,୧୮।୫(ସମିସ): ଖରାଦିନ ଆସିଲେ ବରଡ଼ା ଶାଗର ଚାହିଦା ବଢ଼ିଯାଏ। ରାୟଗଡ଼ା ଜିଲ୍ଲା ପଦ୍ମପୁର ଅଞ୍ଚଳର ନୂଆଗଡ଼, ନାରାୟଣପୁର, କାଣ୍ଡାକୁଟି, ମାଣ୍ଡିମେରା, ରେଲା, କେନ୍ଦୁଗୁଡାବାସୀଙ୍କ ପାଇଁ ବରଡ଼ା ଶାଗ ପ୍ରକୃତିର ଅବଦାନ। ଶାଗ ଦେଖିବାକୁ ଯେତିକି ସୁନ୍ଦର, ସେତିକି ସ୍ୱାଦିଷ୍ଟ ମଧ୍ୟ ଏବଂ ଶାଗରେ ଭିଟାମିନ ମଧ୍ୟ ଭରି ରହିଛି। ତେଣୁ ଅନ୍ୟ ଶାଗ ମାନଙ୍କ ଅପେକ୍ଷା ବରିଡା ଶାଗର ସ୍ୱାଦ ମଧ୍ୟ ନିଆରା। ଏପ୍ରିଲ ମାସ ପହିଲି ବର୍ଷାରେ ବରଡା ଗଛରେ ନୂଆ ପତ୍ର କଅଁଳେ। ଆଉ ବିଶେଷ କରି ଜଙ୍ଗଲରେ ଏହି ଗଛ ସବୁ ମିଳୁଥିବାରୁ ସ୍ଥାନୀୟ ଲୋକେ ଜଙ୍ଗଲକୁ ଯାଇ ବରଡ଼ା ଗଛରେ ଚଢ଼ି ତାର କଅଁଳିଆ ପତ୍ରସବୁ ସଂଗ୍ରହ କରି ଆଣିଥାନ୍ତି। ନିଜ ଘରେ ରୋଷେଇ କରି ଖାଇବା ସହ ବଳକା ଶାଗ ସବୁକୁ ଗାଁରେ ହେଉ କି ହାଟରେ ହେଉ ନେଇକି ବିକ୍ରି କରି ବେଶ ଦୁଇ ପଇସା ରୋଜଗାର ମଧ୍ୟ କରିଥାନ୍ତି। ବଜାରରେ ବିକ୍ରୟ ପାଇଁ ଆସିଥିବା ବରଡା ଶାଗ ଆଖି ପିଛୁଳାକେ ବିକ୍ରି ହୋଇଯାଏ। ଯେଉଁ ବ୍ୟକ୍ତି କିମ୍ବା ମହିଳା ବରିଡା ଶାଗ ବିକ୍ରୟ କରନ୍ତି, ତାଙ୍କୁ କିଛି ବ୍ୟକ୍ତି ଆଗୁଆ ଶାଗ ପାଇଁ ଟଙ୍କା ଦେଇ ବରାଦ କରିଥାନ୍ତି। ବରଡା ଶାଗ ବିକ୍ରୟ କରି ସ୍ଥାନୀୟ ମହିଳାମାନେ ପ୍ରତିଦିନ ୨୦୦ରୁ ୩୦୦ ଟଙ୍କା ରୋଜଗାର କରୁଥିବା ଜଣାପଡ଼ିଛି। ଜଣେ ଶାଗ ବିକୁଥିବା ମହିଳା ଲକ୍ଷ୍ମୀ ଶବର, ଦମୟନ୍ତୀ କ୍ରାସ୍କାଙ୍କୁ ରୋଜଗାର କଥା ପଚାରିବାରୁ ସେ କହିଛନ୍ତି, ରାତି ୪ଟାରୁ ଉଠି ପ୍ରତି ଗାଁ ଗାଁ ବୁଲି ଶାଗ ସଂଗ୍ରହ କରି ବଜାରରେ ବିକ୍ରି କରନ୍ତି। ଶାଗ କିଲୋ ପ୍ରତି ୧୩୦ ଟଙ୍କାରେ ବିକ୍ରି କରାଯାଉଛି। ଉଚିତ ମୂଲ୍ୟରେ ମିଳୁଥିବାରୁ ସ୍ଥାନୀୟ ଲୋକେ ବରଡା ଶାଗ କିଣନ୍ତି। କିଛି ଗ୍ରାହକଙ୍କ କହିବା ପ୍ରକାରେ, କେବଳ ଖରାଦିନେ ହିଁ ଏହି ଶାଗ ଖାଇବାକୁ ମିଳେ ଏବଂ ଅତି ସ୍ୱାଦିଷ୍ଟ ହୋଇଥିବାରୁ ସେମାନେ ଆଖପାଖରେ ଥିବା ସବୁ ବଜାରକୁ ଯାଇ ଶାଗ ସଂଗ୍ରହ କରନ୍ତି। ରାୟଗଡ଼ା ଜିଲ୍ଲାର ପଦ୍ମପୁର ସ୍ଥାନୀୟ ଲୋକଙ୍କ ପାଇଁ ବର୍ତ୍ତମାନ ଖରାଦିନିଆ ବରଡା ଶାଗ ପ୍ରତିକୂଳ ପାଗ ଯୋଗୁଁ ପର୍ଯ୍ୟାପ୍ତ ମିଳୁନାହିଁ ବୋଲି ଆଦିବାସୀ ମହିଳାମାନେ କହିଛନ୍ତି। କାରଣ ଏହି ଗଛ ପ୍ରାୟତଃ ବଣ ଜଙ୍ଗଲରେ ପୋଡୁ ଚାଷ ପାଇଁ ଲୋପ ପାଇବାକୁ ବସିଲାଣି ବୋଲି ସଂଗ୍ରହ କାରି ଚମ୍ପା ଶବର,କାଳୁଣି ଶବର, ରାଜେନ୍ଦ୍ର ଶବର ପ୍ରମୁଖ କହିଛନ୍ତି।

# କାଳବୈଶାଖୀରେ ଭାଙ୍ଗିଲା ଘର



ଚନ୍ଦ୍ରପୁର,୧୮।୫(ସମିସ): ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ପଞ୍ଚାୟତ ଗୋଇଗୁଡା ଗାଁରେ ତାଣ୍ଡବ ରଚିଛି କାଳ ବୈଶାଖୀ। ପ୍ରବଳ ବର୍ଷା ପବନ ଯୋଗୁଁ ୪ ଘରର ଆଜବେଷ୍ଟସ୍ ଭାଙ୍ଗି ନଷ୍ଟ ହୋଇଛି। ଗାଁର ମିଳିକି ଗଗେରେଙ୍ଗା, ବାଲା ଗଗେରେଙ୍ଗା, ଜିତୁ ଗଗେରେଙ୍ଗା, ଜଳନ୍ଧର ଡାକପ୍ରାସ୍କାଙ୍କ ଘରର ଆଜବେଷ୍ଟସ୍ ଛପର ଉଡ଼ି ନଷ୍ଟ ହୋଇଛି। ପବନ ବର୍ଷା ଯୋଗୁଁ ଘରର ଆଜବେଷ୍ଟସ୍ ଉଡ଼ି ଯାଇଥିବାରୁ ଧାନ, ଚାଉଳ, ଖାଇବା ଜିନିଷ ସମେତ ଅନ୍ୟାନ୍ୟ ଜିନିଷ ନଷ୍ଟ ହୋଇ ଥିବା ଜଣାପଡ଼ିଛି। ପବନ ବର୍ଷା ଯୋଗୁଁ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଯାଇଛି। ପବନ ବର୍ଷାରେ ଘର ଭାଙ୍ଗି ଯାଇଛି। ସରପଞ୍ଚ ଅନିତା ଶବର ରାଜସ୍ୱ ନିରୀକ୍ଷକ ଡ଼ାଙ୍ଗସୋରଡାଙ୍କୁ କ୍ଷୟକ୍ଷତି ବିଷୟରେ ଜଣାଇଥିବା କହିଛନ୍ତି।

# ସମ୍ପାଦକୀୟ



ପତି-ପତ୍ନୀ ଉଭୟେ ଉଭୟଙ୍କର ସମର୍ଥକ ଓ ଉତ୍ତମ ବନ୍ଧୁ ହେବା ଉଚିତ।
-ସୁଧା ମୂର୍ତ୍ତି

ସକାଳ
THE SAKALA

## ଯୁଦ୍ଧବିରାମ (ନିଃ)ଆଶା!

ସୁଖର ଖବର ଯେ ଯୁଦ୍ଧଲିପ୍ତ ଦୁଇ ରାଷ୍ଟ୍ର ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ ପାଇଁ ରାଜିନାମା ସ୍ୱାକ୍ଷର ହୋଇଛି। ତୁର୍କୀର ଇସ୍ତାନାବୁଲ୍ ଡୋଲମାବାହେ ରାଜପ୍ରାସାଦରେ ଦୁଇରାଷ୍ଟ୍ରର ଉଚ୍ଚସ୍ତରୀୟ ସରକାରୀ ଅଧିକାରୀଙ୍କ ମଧ୍ୟରେ ଦୁଇଘଣ୍ଟା ଧରି ହୋଇଥିବା ଆଲୋଚନା ପରେ ଉଭୟ ଦେଶ ପ୍ରାଥମିକ ପର୍ଯ୍ୟାୟରେ ୧ ହଜାର ଲେଖାଏଁ ଯୁଦ୍ଧବନ୍ଦୀଙ୍କୁ ହସ୍ତାନ୍ତର କରିବେ ବୋଲି ସମ୍ମତ ହୋଇଛନ୍ତି। ଯୁଦ୍ଧବିରାମ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳି ନଥିଲେ ମଧ୍ୟ ତିନିବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଯୁଦ୍ଧଲିପ୍ତ ଦୁଇ ରାଷ୍ଟ୍ର ମଧ୍ୟରେ ତୃତୀୟ ପକ୍ଷ ବା ମଧ୍ୟସ୍ଥିଙ୍କ ବିନା ପ୍ରତ୍ୟକ୍ଷ ଆଲୋଚନା ହେବା ଏକ ଶୁଭସୂଚନା। ହୁଏତ ଏହା ଭବିଷ୍ୟତରେ ଯୁଦ୍ଧବିରାମ ସମ୍ଭାବନା ସୃଷ୍ଟି କରିପାରେ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ଯୁଦ୍ଧବିରାମ ଉଦ୍ୟମ ବିଫଳ ହେବା ପରେ ଦୁଇ ପ୍ରତିପକ୍ଷ ହଠାତ୍ ଏଭଳି ସକାରାତ୍ମକ ପଦକ୍ଷେପ ନେବା ନିଶ୍ଚିତ ବିସ୍ମୟକର ହେଲେ ମଧ୍ୟ ବିଶ୍ୱହିତ ପାଇଁ ଆଶ୍ୱସ୍ତିକର। କେତେକ ରଣନୀତି ବିଶାରଦଙ୍କ ମତରେ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ରୁଷ-ୟୁକ୍ରେନ୍‌କୁ ପ୍ରଭାବିତ କରିଥାଇପାରେ। ବିଶ୍ୱରେ ନିଜକୁ ଶାନ୍ତିଦୂତ ଭାବେ ଉପସ୍ଥାପନ କରିବାର ପ୍ରଚେଷ୍ଟା କରୁଥିବା ଡୋନାଲ୍ଡ ଟ୍ରମ୍ପଙ୍କ ଭୂମିକା ଓ ଉଦ୍ୟମକୁ ଗୌଣ କରିବା ପାଇଁ ଉଭୟ ଦେଶର ଏହା ଚତୁର ରଣକୌଶଳ ବୋଲି ହେଉଥିବା ଆଲୋଚନାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ। କିନ୍ତୁ ଟ୍ରମ୍ପଙ୍କ ଉଚ୍ଚାକାଂକ୍ଷାକୁ ଭଣ୍ଡୁର କରିବାର ସଫଳତା ତୁଳନାରେ ଦୁଇ ଦେଶ ଶାନ୍ତିପଥଗାମୀ ହୋଇ ଯୁଦ୍ଧ କ୍ଷୟକ୍ଷତିରୁ ଉଭୟ ଦେଶର ନାଗରିକଙ୍କୁ ସୁରକ୍ଷା ଦେବା ବଡ଼ କଥା, ଯାହାର କିଞ୍ଚିତ ସମ୍ଭାବନା ବିଷୟରେ ୟୁକ୍ରେନ୍ ଅଧିକାରୀ ରୁସ୍ତମ୍ ୟୁମେରୋଭ ଏବଂ ରୁଷ ପ୍ରତିପକ୍ଷ ଭ୍ଲାଦିମିର ମେଡିନ୍‌ସ୍କିଙ୍କ ବକ୍ତବ୍ୟରୁ ଆଭାସ ମିଳୁଛି। ଯୁଦ୍ଧବିରାମ ସମ୍ଭାବନାକୁ ଉଭୟ ପକ୍ଷ ଅସ୍ୱୀକାର କରି ନଥିଲେ ମଧ୍ୟ ଏହାର ଶେଷ ନିଷ୍ପତ୍ତି ପାଇଁ ଉଭୟ ଦେଶର ରାଷ୍ଟ୍ରମୁଖ୍ୟ ଭେଟିବା ଉଚିତ ବୋଲି ମତ ଦେଇଛନ୍ତି। ଅର୍ଥାତ୍ ଯୁଦ୍ଧବିରାମ ସମ୍ଭାବନା ଏବେ ମଧ୍ୟ ଦୋଛକିରେ ରହିଛି।



ଦୁଇଦେଶର ନାଗରିକଙ୍କ ସମେତ ବିଶ୍ୱବାସୀ ଆଶା କରିବେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଓ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କିଙ୍କ ମଧ୍ୟରେ ଆଲୋଚନା ସକାରାତ୍ମକ ହୋଇ ଖୁବ୍‌ଶୀଘ୍ର ଯୁଦ୍ଧବିରାମ ଘୋଷଣା ହେଉ। କିନ୍ତୁ ଯୁଦ୍ଧ ପଛରେ ଥିବା ମୂଳ ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ କୁହୁଳୁଥିବା ଧୂଆଁ ତଳୁ ପୁଣି ଯୁଦ୍ଧାଗ୍ନି ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। କାରଣ ନିଜ ନାମ ଗୋପନ ରଖିବା ସର୍ତ୍ତରେ ୟୁକ୍ରେନ୍‌ର ଜଣେ ଉଚ୍ଚ ପଦାଧିକାରୀ ରଏଟର ସମ୍ବାଦ ସରବରାହ ସଂସ୍ଥାକୁ ଦେଇଥିବା ସୂଚନା ଅନୁଯାୟୀ ଯୁଦ୍ଧବିରାମ ପାଇଁ ରୁଷିଆ ଦାବି କରୁଥିବା ଅଞ୍ଚଳରୁ ୟୁକ୍ରେନ୍‌କୁ ହଟିଯିବାକୁ ପୁଟିନ୍ ସର୍ତ୍ତ ଆରୋପ କରୁଛନ୍ତି, ଯାହା ୟୁକ୍ରେନ୍ ପକ୍ଷରେ ଗ୍ରହଣୀୟ ହେବା ସହଜ ନୁହେଁ। ୟୁକ୍ରେନ୍ ଚାହୁଁଛି ସର୍ତ୍ତବିହୀନ ସଚ୍ଚୋଟ ଓ ସ୍ପଷ୍ଟ ଯୁଦ୍ଧବିରତି। ଆହୁରି ମଧ୍ୟ ଉଭୟପକ୍ଷ ଯୁଦ୍ଧବନ୍ଦୀ ପ୍ରତ୍ୟର୍ପଣ କରିବାକୁ ସମ୍ମତ ହେବାର ମାତ୍ର କିଛିଘଣ୍ଟା ପରେ ରୁଷ୍‌ର ଡ୍ରୋନ୍ ଆକ୍ରମଣରେ ୯ ଜଣ ବସ୍‌ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ୟୁକ୍ରେନ୍ ଅଭିଯୋଗ କରିଛି। ଏହା ଦ୍ୱିପାକ୍ଷିକ ଆଲୋଚନା ଓ ବିଶ୍ୱାସକୁ ଭଣ୍ଡୁର କରିପାରେ।

ଗତ କିଛି ସପ୍ତାହର ଘଟଣାବଳୀକୁ ନିରେଖି ଦେଖିଲେ ବିଶ୍ୱ ଭୂ-ରାଜନୀତିରେ ସମ୍ପ୍ରତି ମଧ୍ୟସ୍ଥି ଓ ଶାନ୍ତିଦୂତ ଭାବେ ନିଜକୁ ଉପସ୍ଥାପନ କରିବାର ଏକ ନୂଆ ଧାରା ଆରମ୍ଭ ହୋଇଯାଇଥିବା ଜଣାପଡୁଛି। ବିଡ଼ମ୍ବନା ହେଉଛି, ସମରବିଳାସୀ ରାଷ୍ଟ୍ରମାନେ ହିଁ ଏଭଳି ଶାନ୍ତିଦୂତ ଭାବେ ନିଜର ପରିଚୟ ସୃଷ୍ଟି କରିବାକୁ ଆଗ୍ରହାନ୍ୱିତ ହୋଇପଡୁଛନ୍ତି। ତେଣୁ ଶାନ୍ତି ବାର୍ତ୍ତା ଓ ଯୁଦ୍ଧବିରାମର ମହତ୍ ଲକ୍ଷ୍ୟ ମୂଳରୁ ହିଁ ଭଣ୍ଡୁର ହୋଇଯାଉଛି। ରୁଷ-ୟୁକ୍ରେନ୍ ଯୁଦ୍ଧ ପଛରେ ଆମେରିକାର ପ୍ରଚ୍ଛନ୍ନ ଭୂମିକା ଏବଂ କାରଣମାନ ଅଛପା ନୁହେଁ, ଅଥଚ ସେହି ରାଷ୍ଟ୍ର ହିଁ ଶାନ୍ତିଦୂତ ହେବାକୁ ଆଗ୍ରହୀ। ଗୋଟିଏ ପଟେ ଭାରତକୁ ବନ୍ଧୁତ୍ୱର ହାତ ବଢ଼ାଇ ଅନ୍ୟ ହାତରେ ପାକିସ୍ତାନକୁ ଆର୍ଥିକ, ବାଣିଜ୍ୟିକ ସହାୟତା ଅଜାଡ଼ି ଦେଇ ସେହି ଦୁଷ୍ଟରାଷ୍ଟ୍ରର କୂଟନୈତିକ ମନୋବଳ ବଢ଼ାଉଥିବା ଆମେରିକା ଭାରତ-ପାକିସ୍ତାନ ଅସ୍ତ୍ରବିରତିର ଶ୍ରେୟ ନେବାକୁ ଆତୁର ଏବଂ କାଶ୍ମୀର ସମସ୍ୟାରେ ମଧ୍ୟସ୍ଥତା କରିବାକୁ ତତ୍ପର। ଏକବିଂଶ ଶତାବ୍ଦୀରେ ବିସ୍ତାରବାଦୀ ଆଭିମୁଖ୍ୟ ପାଇଁ ଜଣାଶୁଣା ଚୀନ୍ ଏବଂ ଯୁଦ୍ଧରତ ପୁଟିନ୍ ଭାରତ-ପାକିସ୍ତାନ ସଂଯମ ରକ୍ଷା କରିବା ପାଇଁ ପରାମର୍ଶ ଦେବାରେ ଅବହେଳା କରୁନାହାନ୍ତି। ଭାରତର 'ଅପରେସନ୍ ସିନ୍ଦୂର'ରେ ପାକିସ୍ତାନକୁ ସାମରିକ ସହାୟତା ଦେଇଥିବା ତୁର୍କୀର ବୈଦେଶିକ ବ୍ୟାପାର ମନ୍ତ୍ରୀ ଶାନ୍ତିକାମୀ ହେବାକୁ ରୁଷ ଓ ୟୁକ୍ରେନ୍‌କୁ ପରାମର୍ଶ ଦେଇଛନ୍ତି।

ପ୍ରତିପତ୍ତିଲୋଭୀ ଜିଦ୍‌ଖୋର ରାଷ୍ଟ୍ରମୁଖ୍ୟମାନେ ହୁଏତ ଆସନ୍ତାକାଲି ଯୁଦ୍ଧବିରାମ କିମ୍ବା ଯୁଦ୍ଧ ସମାପ୍ତି ପାଇଁ ନିଃସର୍ତ୍ତ ଘୋଷଣା କରିପାରନ୍ତି। ସେଥିରେ କାହାର ଜୟ କିମ୍ବା ପରାଜୟ ହେବ ତାହା ଭିନ୍ନ କଥା। କିନ୍ତୁ ଏହି ଅହଂର ଲଢ଼େଇରେ ଦୁଇଦେଶର ଭିତ୍ତିଭୂମି ଓ ନାଗରିକଙ୍କ ଯେଉଁ କ୍ଷୟକ୍ଷତି ହେଲା, ଉତ୍ତର ପିଢ଼ିର ଭବିଷ୍ୟତ ଯେଉଁ ଅନ୍ଧକାର ଭିତରକୁ ଚାଲିଗଲା, ତାହାର ଭରଣା ହେବ କେମିତି? ବିଶେଷଜ୍ଞଙ୍କ ମତରେ ସମଗ୍ର ବିଶ୍ୱର ମିଳିତ ଉଦ୍ୟମ ସତ୍ତ୍ୱେ ଯୁଦ୍ଧବିଧ୍ୱସ୍ତ ୟୁକ୍ରେନ୍‌ର ଭିତ୍ତିଭୂମି ପୁନରୁଦ୍ଧାର ପାଇଁ ଅତିକମ୍‌ରେ ୧୦ ବର୍ଷ ଆବଶ୍ୟକ। ଆର୍ଥିକ କ୍ଷୟକ୍ଷତି ଭରଣାଯୋଗ୍ୟ ନୁହେଁ। ତେଣୁ ଏଭଳି ପରିସ୍ଥିତିରେ ଯୁଦ୍ଧ ଅପରାଧୀ ବାସ୍ତବରେ କିଏ? ସେମାନଙ୍କ ବିରୋଧରେ ଦଣ୍ଡବିଧାନ କ୍ଷମତା ମିଳିତ ଜାତିସଂଘର ଅଛି କି? ଏଭଳି ପ୍ରଶ୍ନର ସନ୍ତୋଷଜନକ ଦୀର୍ଘସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଏବଂ ସମରବିଳାସୀ ରାଷ୍ଟ୍ରମାନଙ୍କର ଚରିତ୍ରରେ ସୁଧାର ନ ଆସିବା ଯାଏଁ ରୁଷ-ୟୁକ୍ରେନ୍, ଭାରତ-ପାକିସ୍ତାନ, ଇସ୍ରାଏଲ୍-ପାଲେଷ୍ଟାଇନ୍ ବିବାଦ, ଉତ୍ତେଜନା ଓ ଯୁଦ୍ଧବିରାମର ସାମାନ୍ୟତମ ଆଶାର ଝଲକ ଦିଶୁନାହିଁ। ●

## ବନ ବାସ୍ତବତା

**ଡ. ପ୍ରଫୁଲ୍ଲ କୁମାର ସାହୁ**

ଆମ ବସ୍ତୁବାଦୀ ଜୀବନଶୈଳୀ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଛି ଉଦ୍ଭିଦ ଜଗତ ବା ସବୁଜିମା। ପୃଥିବୀରେ ବାର୍ଷିକ ଲୋପ ପାଇବାରେ ଲାଗିଛି ହାରାହାରି ପ୍ରାୟ ଦଶନିୟୁତ ହେକ୍ଟର ଅରଣ୍ୟ। ଏକଥା ସତ୍ୟ ଯେ ସାମାଜିକ ବିକାଶ ପାଇଁ ବୃକ୍ଷ ବଳିପଡ଼ିବା ପ୍ରକ୍ରିୟା ଜାରି ରହିଛି ସଭ୍ୟତା ଆରମ୍ଭରୁ। ଆଦିମ କାଳରେ ମଣିଷ ଯେତେବେଳେ ଧାତୁର ବ୍ୟବହାର ଜାଣି ନଥିଲା ଏବଂ ବୃକ୍ଷଚ୍ଛେଦନ ପାଇଁ ଯନ୍ତ୍ର ତିଆରି କରି ନଥିଲା, ସେତେବେଳେ ସେ ନିଆଁ ସାହାଯ୍ୟରେ ଜଙ୍ଗଲକୁ ପୋଡ଼ି ଆରମ୍ଭ କରିଥିଲା କୃଷିକାର୍ଯ୍ୟ। ସେତେବେଳେ କିନ୍ତୁ ମଣିଷକୁ ଗ୍ରାସ କରି ନ ଥିଲା ଅତ୍ୟଧିକ ଭୋଗଲାଳସା। ଯେତିକି ଆବଶ୍ୟକ, ପ୍ରକୃତିଠାରୁ ସେତିକି ସଂଗ୍ରହ କରି ସେ ବଞ୍ଚୁଥିଲା ଏକ ସୁନ୍ଦର ଓ ସନ୍ତୁଳିତ ପୃଥିବୀରେ। ବିଶେଷ କରି ମାଟିରୁ ବାହାରି ଜଳ ଓ ତାପ ପାଇଁ ଆକାଶ ଆଡ଼କୁ ବିସ୍ତାରିତ ହୋଇଥିବା ବୃକ୍ଷ ଭିତରେ ସେ ଆବିଷ୍କାର କରିଥିଲା ବିଶ୍ୱ ପ୍ରକୃତିର ମୌଳିକ ପ୍ରତ୍ୟୟ।

ବୃକ୍ଷ ନିଜ ମଥାରେ ରୌଦ୍ର ତାପ ଶହେ, ଅଥଚ ଆଶ୍ରିତ ପଥିକକୁ ପ୍ରଦାନ କରେ ଶୀତଳ ଛାୟା। ଫଳ ପୁଷ୍ପଠାରୁ ଆରମ୍ଭ କରି ଡାଳ, ପତ୍ର ଓ ଛାଲି ଯାଏଁ ବୃକ୍ଷ କେବଳ ଦେଇ ଚାଲେ ପର-ଆପଣାର ଭେଦାଭେଦ ନରଖି। ତା'ର ମୂଳ ଛେଦନ କରୁଥିବା କାଠୁରିଆକୁ ବି ସେ ପ୍ରଦାନ କରେ ଫଳ, ପୁଷ୍ପ ଓ ଛାୟା। ଏପରିକି ଚନ୍ଦନ ତରୁକୁ କର୍ତ୍ତନ କରୁଥିବା କୁଠାର ବି ନିଜେ ସୁରଭିତ ହେଇଯାଏ ଚନ୍ଦନ ଗନ୍ଧରେ। ବୃକ୍ଷର ଏହି ସହିଷ୍ଣୁତା ଗୁଣରେ ଅଭିଭୂତ ହୋଇ ଏ ଦେଶର ମୁନିଋଷିମାନେ ଉଚ୍ଚାରଣ କରିଥିଲେ 'ସବୁଜ ବନାନୀ ପ୍ଲାବନ ମନ୍ତ୍ର'। ବୃକ୍ଷକୁ 'ଦେବସଦନ' ବୋଲି ଅଭିହିତ କରି ଉପାସନା କରିଥିଲେ, ଯାହା ଲିପିବଦ୍ଧ ହୋଇ ରହିଛି ଆମ ଶାସ୍ତ୍ରପୁରାଣମାନଙ୍କରେ। ଏହି ଶାସ୍ତ୍ରବାଣୀରେ ଅନୁପ୍ରାଣିତ ହୋଇ ପର୍ଯ୍ୟାପ୍ତ ପରିମାଣର ବୃକ୍ଷରୋପଣ କରୁଥିଲେ ଆମ ପୂର୍ବଜମାନେ। ଏବେ ବିକାଶ ନାମରେ ରାସ୍ତା କଡ଼ରୁ ଯେଉଁ ମହାଦ୍ରୁମ ସବୁକୁ ଡ୍ରୋଜର ଲଗାଇ ଉତ୍ପାଟନ କରାଯାଉଛି, ତା'କୁ ସେମାନେ ଦିନେ ରୋପଣ କରିଥିଲେ ଅତି ଶ୍ରଦ୍ଧା ଓ ଯତ୍ନରେ। ଗାଁ ମୁଣ୍ଡରେ ବର ଓସ୍ତ ଗଛ ଲଗେଇ ପୂଜା କରୁଥିଲେ ଏବଂ ରୌଦ୍ରଦଗ୍ଧ ବୈଶାଖ ମାସରେ ସେ ଗଛମୂଳରେ ପାଣି ଢାଳୁଥିଲେ ଧର୍ମ ଅର୍ଜନ ପାଇଁ। ବୃକ୍ଷ ଦେବତାଙ୍କୁ ପୂଜା ଅର୍ଘ୍ୟ ବାଢ଼ିବାର ସେ ପ୍ରବଣତା ଆଜି ଆଉ କ'ଣ ଆମ ଭିତରେ ଅଛି?

ମଣିଷର ସ୍ଥିତି, ଉନ୍ନତି ଓ ଆଧ୍ୟାତ୍ମିକତା ସହ ବୃକ୍ଷ ଅଙ୍ଗାଙ୍ଗୀଭାବେ ଜଡ଼ିତ। ପ୍ରାଣ ସଂଚାର ପାଇଁ ପ୍ରଶ୍ୱାସରେ ବାୟୁଠାରୁ ଆରମ୍ଭ କରି ଖାଦ୍ୟ, ବସ୍ତ୍ର ଆଦି ପ୍ରତ୍ୟେକ କ୍ଷେତ୍ରରେ ବୃକ୍ଷର ଅବଦାନ ଅତୁଳନୀୟ। ମଣିଷ ପାଇଁ ବୃକ୍ଷର ସବୁଠାରୁ ବଡ଼ ଅବଦାନ ଅମ୍ଳଜାନ। ଚିକିତ୍ସାଳୟରେ ତିନୋଟି ସିଲିଣ୍ଡରରେ ଥିବା ଅମ୍ଳଜାନ ଜଣେ ବ୍ୟକ୍ତିର ଦୈନିକ ଶ୍ୱାସକ୍ରିୟା ପାଇଁ ଆବଶ୍ୟକ। ଗୋଟିଏ ସିଲିଣ୍ଡରର ବଜାର ମୂଲ୍ୟ ପାଖାପାଖି ଆଠ ଶହ ଟଙ୍କା। ଅର୍ଥାତ୍ ଜଣେ ବ୍ୟକ୍ତି ଦୈନିକ ୨୪୦୦ ଟଙ୍କାର ଅମ୍ଳଜାନ ଗ୍ରହଣ କରେ, ଯାହାକୁ ଉତ୍ପାଦନ କରନ୍ତି ଦୁଇଟି ୩୨ ଫୁଟ ଉଚ୍ଚତା ବିଶିଷ୍ଟ ଗଛ। ଆମେରିକାର କୃଷି ମନ୍ତ୍ରଣାଳୟ ରିପୋର୍ଟ(୨୦୧୫) ଅନୁଯାୟୀ ଏକ ଏକର ପରିମିତ ଭୂମିରେ ଥିବା ବୃକ୍ଷରାଜି ବା ଅରଣ୍ୟ ପାଞ୍ଚଟନ୍ ସବୁଜଗୃହ ବାଷ୍ପ ଅଙ୍ଗାରକାମ୍ଳ ଶୋଷଣ କରେ ଏବଂ ଚାରି ଟନ୍ ଅମ୍ଳଜାନ ନିର୍ଗମନ କରେ, ଯାହା ଅଠର ଜଣ ଲୋକଙ୍କ ଶ୍ୱାସକ୍ରିୟା ପାଇଁ ଯଥେଷ୍ଟ। ସ୍ୱାସ୍ଥ୍ୟ ଓ ସୁସ୍ଥ ଜୀବନର ବୃହତ୍ ଉତ୍ସ ହେଉଛି ଅରଣ୍ୟ।

ପରିବେଶ ବିଜ୍ଞାନୀଙ୍କ ମତରେ ଘଞ୍ଚ ଜଙ୍ଗଲ ଥିବା ଅଞ୍ଚଳର ବାୟୁମଣ୍ଡଳରେ କେବଳ ଅଧିକ ଅମ୍ଳଜାନ ନୁହେଁ, ଏଥିସହିତ ଥାଏ ବିଭିନ୍ନ ବୃକ୍ଷର ଫୁଲ, ପତ୍ର ଓ କଢ଼ରୁ ଝରୁଥିବା ସୂକ୍ଷ୍ମାତିସୂକ୍ଷ୍ମ ତୈଳ, ମଧୁକଣିକା ଓ ସୁଗନ୍ଧ। ତା'ର ସଂସ୍ପର୍ଶରେ ଆସିବା ଦ୍ୱାରା ସୁଦୃଢ଼ ହୁଏ ଆମ ଶରୀରର ପ୍ରତିରକ୍ଷା ବ୍ୟବସ୍ଥା। ଶାନ୍ତ ହୁଏ ସ୍ନାୟବିକ ଉତ୍ତେଜନା। ଦ୍ରୁତ ଅମ୍ଳଜାନ ସଂଶ୍ଳେଷଣ ଯୋଗୁଁ ଶରୀରର ଯାନ୍ତ୍ରିକ ପ୍ରକ୍ରିୟା ପାଇଁ ମିଳିଯାଏ ଆବଶ୍ୟକ ପୋଷଣ। ଫଳରେ କ୍ରିୟାଶୀଳ ହୋଇ ଉଠନ୍ତି ମରି ମରି ଯାଉଥିବା ମସ୍ତିଷ୍କର କୋଷିକା। ଆମ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ଏହା ହିଁ ଅରଣ୍ୟର ଏକ ସ୍ୱୟଂକ୍ରିୟ ସୁରକ୍ଷା ବ୍ୟବସ୍ଥା। ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ରିପୋର୍ଟ ଅନୁଯାୟୀ ଦୁନିଆର ପ୍ରାୟ ଏକ ହଜାର ନିୟୁତ ଲୋକ ମାନସିକ ବ୍ୟାଧିର ଶିକାର, ଯାହା ଫଳରେ ଗଭୀର ଭାବେ ପ୍ରଭାବିତ ହେଉଛି ପ୍ରତ୍ୟକ ଦେଶର ଅର୍ଥନୀତି। ମନସ୍ତତ୍ତ୍ୱବିତଙ୍କ ମତରେ ଏଥିରୁ ମୁକୁଳିବା ପାଇଁ ଆବଶ୍ୟକ ଅରଣ୍ୟ ସ୍ନାନ। ଶ୍ରୀମା କହିଥିଲେ, 'ଏକ ବିଶାଳ ବୃକ୍ଷ ଛାୟାରେ କେହି ଯଦି ଆଶ୍ରୟ ଗ୍ରହଣ କରେ ସେ ମର୍ମେମର୍ମେ ଏହା ଅନୁଭବ କରି ପାରିବ ଯେ ବୃକ୍ଷଟିର ଶାଖାପ୍ରଶାଖା ଆଉ ପ୍ରତ୍ୟକଟି ପତ୍ରରୁ ଶୀତଳତା ଝରିଆସି ତାକୁ ସ୍ପର୍ଶ କରୁଛି ଏବଂ ତା'ର ଅଶାନ୍ତ ଉତ୍ତପ୍ତ ମନରେ ଭରିଦେଉଛି ଅକଳ୍ପନୀୟ ଶାନ୍ତି।' ଏହି କାରଣରୁ ଆମ ମୁନିଋଷିମାନେ ଅରଣ୍ୟରେ ବାସ କରିବାକୁ ପସନ୍ଦ କରୁଥିଲେ ଏବଂ ସେଠାରେ ଦୀର୍ଘାୟୁ ଓ ପ୍ରଜ୍ଞାବାନ ହେବା ସହିତ ସୁସ୍ଥ ଓ ସତେଜ୍ ରହୁଥିଲେ ଶେଷ ପର୍ଯ୍ୟନ୍ତ।

ସଭ୍ୟତା ଆରମ୍ଭରୁ ଜଙ୍ଗଲ ହୋଇଛି ଖାଦ୍ୟର ପ୍ରଧାନ ଉତ୍ସ। ଏବେ ବି ଜଙ୍ଗଲରେ ଓ ତା'ର ଆଖପାଖରେ ରହୁଥିବା ଲୋକଙ୍କ ଖାଦ୍ୟ ଆବଶ୍ୟକତାର ପଚାଶ ଭାଗ ସଂଗୃହୀତ ହେଉଛି ଜଙ୍ଗଲରୁ। ଜଙ୍ଗଲ କ୍ଷୟ ହେବା ଦ୍ୱାରା ଉଜୁଡ଼ି ଯାଉଛି ବନ୍ୟପ୍ରାଣୀଙ୍କ ଆଶ୍ରୟସ୍ଥଳୀ। ଆମର ଭୁଲିଯିବା ଉଚିତ ନୁହେଁ ଯେ ପଶୁପକ୍ଷୀଙ୍କ ସୁନ୍ଦର ଦୁନିଆକୁ ନଷ୍ଟ କରିଦେବା ଅର୍ଥ ଖାଲି ଜୈବ ବିବଧତାର ଅବକ୍ଷୟ ନୁହେଁ, ଏଥି ସହିତ ଯୋଡ଼ି ହୋଇରହିଛି ମାନବ ସମାଜ ବିଲୁପ୍ତିର ପୂର୍ବାଭାସ। ଅର୍ଥାତ୍ ଜଙ୍ଗଲ କେବଳ ସମ୍ପଦ ନୁହେଁ, ଏହା ଜୀବ ଜଗତର ଜୀବନ ନାଟିକା। ଯେଉଁ ସୂର୍ଯ୍ୟାଲୋକକୁ ଆମେ ଜୀବନର ମୂଳପିଣ୍ଡ ବୋଲି କହୁ, ସେଇ ମୂଳପିଣ୍ଡର ପିଣ୍ଡ ହେଉଛି ସବୁଜିମା। ଅଥଚ ତା'ର ବିନୀତ ଦାନ ପ୍ରତି ଆଉ ପ୍ରକାଶ ପାଉନି ଆମ ଆମାର କୃତଜ୍ଞତା। ବୃକ୍ଷ ଛେଦନ କଥା ଭାବିବା ମାତ୍ରେ ପ୍ରାଣରେ ଜାଗିଉଠୁନି ଏକ ଜୀବନ୍ତ ସତ୍ତାକୁ ହତ୍ୟା କରିବାର ଅପରାଧବୋଧ। ସେଥିପାଇଁ ଉପକୂଳ ଲୁଣା ଜଙ୍ଗଲଠାରୁ ପର୍ବତ ଶିଖର ଯାଏଁ ସବୁ ଜଙ୍ଗଲ ଏବେ ଅବକ୍ଷୟମୁଖୀ।

ଏକ ଆନ୍ତର୍ଜାତିକ ଅଧ୍ୟୟନ ଅନୁଯାୟୀ ଭାରତରେ ଥିବା ବିଭିନ୍ନ ଜଙ୍ଗଲରେ ୧୭ ହଜାର ୫୧୦ କିସମର ଗଛ ଏବେ ବିଲୁପ୍ତ ଅବସ୍ଥାରେ। ତଥ୍ୟ କହେ ଗତ ୫୦ ବର୍ଷ ମଧ୍ୟରେ ସର୍ବାଧିକ ପ୍ରଜାତିର ଗଛ ବିଲୁପ୍ତି ହୋଇଛି ଏବଂ ଏଭଳି ଜଙ୍ଗଲ କ୍ଷୟରେ ତିନୋଟି ମୁଖ୍ୟ କାରଣ ହେଉଛି ବାତ୍ୟା, ବନାଗ୍ନି ଓ ବିକାଶ। ପ୍ରକୃତିର ଭାରସାମ୍ୟ ରଖିବାରେ ଜଙ୍ଗଲର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ କ୍ରିୟାର ଏକ ପ୍ରତିକ୍ରିୟା ତ ସଂସାରର ନିୟମ। ଏଣୁ ଜଙ୍ଗଲ ଲୋପ ପାଇଲେ ପ୍ରକୃତି ଉପରେ ତା'ର ପ୍ରଭାବ ପଡ଼ିବା ସ୍ୱାଭାବିକ। ଅର୍ଥାତ୍ ଜଙ୍ଗଲ କ୍ଷୟ ଜନିତ ପ୍ରତିକ୍ରିୟା ସ୍ୱରୂପ ସନ୍ତୁଳନ ହରାଉଛି ପରିବେଶ, ବଦଳୁଛି ଜଳବାୟୁ। ଘନ ଘନ ସୃଷ୍ଟି ହେଉଛି ପ୍ରାକୃତିକ ବିପର୍ଯ୍ୟୟ। ପରିବେଶ ଉତ୍ତପ୍ତୀକରଣ ଓ ଜଳବାୟୁ ପରିବର୍ତ୍ତନ ଘଟି ଉପକୂଳରେ ସୃଷ୍ଟି ହେଉଛି ବାତ୍ୟା।

ଓଡ଼ିଶା ପରିପ୍ରେକ୍ଷୀରେ ବିଚାର କଲେ ୧୯୯୯ ମହାବାତ୍ୟା ହେଉ କି ଫନି କିମ୍ବା ଫାଇଲିନ୍ ହେଉ, ସେଥିରେ ଧରାଶାୟୀ ହୋଇଛି ଲକ୍ଷଲକ୍ଷ ଗଛ। ସରକାରୀ ତଥ୍ୟ କହେ କେବଳ ଫାଇଲିନ୍ ବାତ୍ୟାରେ ଉପକୂଳ ଓଡ଼ିଶାରେ ନଷ୍ଟ ହୋଇଛି ଛୋଟବଡ଼ ପ୍ରାୟ ଛବିଶ ଲକ୍ଷ ଗଛ। ୨୦୨୧ ମସିହାରେ ବନାଗ୍ନି ବିଭୀଷିକାକୁ ନେଇ ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା ଓଡ଼ିଶା। ଚଳିତବର୍ଷ ବନାଗ୍ନି ବିଭୀଷିକାରେ ଓଡ଼ିଶା ବି ଥିଲା ସବା ଆଗରେ। 'ଗ୍ଲୋବାଲ ଫରେଷ୍ଟ ୱାଚ' ନାମକ ବିଶ୍ୱସ୍ତରୀୟ ଅନୁଷ୍ଠାନର ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୧୮୦ ବର୍ଗ କିମି ଜଙ୍ଗଲ ଧ୍ୱଂସ ହୋଇ ସାରିଛି ବନାଗ୍ନି ବିଭୀଷିକାରେ।

ଗତ ଦଶ ବର୍ଷ ମଧ୍ୟରେ ରାଜ୍ୟରୁ ୧ କୋଟି ୮୫ ଲକ୍ଷ ଗଛ କଟାଯାଇଛି କେବଳ କେବଳ ସଡ଼କ ସଂପ୍ରସାରଣ ପାଇଁ। ତା'ର ଭରଣା ପାଇଁ ପର୍ଯ୍ୟାପ୍ତ ଚାରାରୋପଣ ହୋଇଛି ବୋଲି କର୍ତ୍ତୃପକ୍ଷ କହିଥିଲେ ବି ସେଥିରୁ କେତେ ଗଛ ବଞ୍ଚିଚି ତା'ର ହିସାବ ସରକାରଙ୍କ ପାଖରେ ନାହିଁ। କହିବା ବାହୁଲ୍ୟ ଯେ ମନୁଷ୍ୟ ତିଆରି ଜଙ୍ଗଲ ଅପେକ୍ଷା ପ୍ରାକୃତିକ ଜଙ୍ଗଲ ଜଳବାୟୁ ପରିବର୍ତ୍ତନ ଏବଂ ଜୈବବିବିଧତା କ୍ଷେତ୍ରରେ ଯଥେଷ୍ଟ ଅଧିକ ଉପକାରୀ। କୃତ୍ରିମ ବନୀକରଣର ଆବଶ୍ୟକତା ରହିଛି, କିନ୍ତୁ ପ୍ରାକୃତିକ ଜଙ୍ଗଲର ସୁରକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ବିକାଶ ଯୋଜନାବଦ୍ଧ ଭାବରେ ହେବା ଉଚିତ୍। ରାଜଧାନୀର ବିକାଶ ହୋଇଛି ସତ, ହେଲେ ସେ ସବୁଜିମା କାହିଁ? ଏକଦା ଆମ୍ବ ଗଛରେ ପରିପୂର୍ଣ୍ଣ ଥିଲା ବୋଲି ତା'କୁ କୁହାଯାଉଥିଲା ଏକାମ୍ର ନଗରୀ। କୁଆଡ଼େ ଗଲା ସେ ବିଶାଳକାୟ ଆମ୍ବଗଛମାନ? ଜଙ୍ଗଲ ବିଭାଗ କହେ ଗୋଟିଏ ଗଛ କାଟିଲେ ୧୦ ଟି ଗଛ ଲାଗିବ। କିନ୍ତୁ ଗୋଟେ ମହାଦ୍ରୁମ ବଦଳରେ ଯେଉଁ ଗଛ ଲାଗୁଛି ତାହା ଫଳ ପୁଷ୍ପ ଧାରଣ କରିବ କେତେ ବର୍ଷ ପରେ?

ଏ ସବୁ ସତ୍ତ୍ୱେ ବି ପରିବେଶକୁ ପୁନଃ ସବୁଜିମାରେ ଭରିଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜକୁ ଜଣେ ଜଣେ ସବୁଜ ସୈନିକ ଭାବି ଜଙ୍ଗଲ ସୁରକ୍ଷା ତଥା ଗଛ ଲଗେଇବା ଦିଗରେ ତତ୍ପର ହେବା ଉଚିତ୍। ଏ କ୍ଷେତ୍ରରେ ପରିବେଶ ବିଜ୍ଞାନୀ ଓ ସାହିତ୍ୟିକଙ୍କର ଭୂମିକା ଅଧିକ। ବିଜ୍ଞାନ ତଥ୍ୟ ଦିଏ ଏବଂ ତା'କୁ ଆଧାର କରି ସାହିତ୍ୟ ସୃଷ୍ଟି କରେ ଆବେଗ। ତେଣୁ ପରିବେଶ ବିଜ୍ଞାନୀମାନେ ଯେଉଁ ତଥ୍ୟ ଓ ସତ୍ୟ ଉଦ୍‌ଘାଟନ କରୁଛନ୍ତି, ସାହିତ୍ୟିକମାନେ ତା'କୁ ହୃଦୟସ୍ପର୍ଶୀ ଭାଷାରେ ପରିବେଷଣ କରିବା ଆବଶ୍ୟକ। ସେମାନେ ମନେରଖିବା ଦରକାର ସାହିତ୍ୟକୁ ଚିତ୍ତାକର୍ଷକ କରିଛି ପ୍ରାକୃତିକ ଶୋଭା। ସବୁଜ ସୁନ୍ଦର ପରିବେଶ ବିନା ମଣିଷ ହୃଦୟରୁ ଝରେନି କବିତାର ଧାରା। ତେଣୁ ସେମାନଙ୍କ ପାଇଁ ଏବେ ଏକ ବଡ଼ ଆହ୍ୱାନ ହୋଇ ଉଭା ହୋଇଛି ପରିବେଶ ସୁରକ୍ଷା। ମାତ୍ର ବିଡ଼ମ୍ବନାର ବିଷୟ ଏବେ ଯେମିତି ଥୋକେ ନକଲି ପରିବେଶବିତ୍ ଗଛ ଲଗେଇବା ଆଳରେ ଫଟୋ ଉଠେଇ ଆତ୍ମପ୍ରଚାର କରୁଛନ୍ତି, ସେମିତି ଦଳେ ତଥାକଥିତ ସାହିତ୍ୟିକ ମାତିଛନ୍ତି। ସେମାନେ ବୁଝନ୍ତନି ପରିବେଶ ସୁରକ୍ଷାର ତାତ୍ପର୍ଯ୍ୟ। ତେଣୁ ଅସଲ ଦାୟିତ୍ୱ ତାଙ୍କରି କାନ୍ଧରେ ରହିଛି, ଯେଉଁମାନଙ୍କ ଲେଖିବା ପଛରେ ରହିଛି ଜନମଙ୍ଗଳ ଭାବନା। ●

ଭଦ୍ରକ, ମୋ: ୬୩୭୧୬୪୨୪୬୪

## ଶିକ୍ଷିତ ଦାଦନ: ଏକ ବେଦନା

**ଆର୍. ରାହୁଲ୍ କୁମାର୍**

ବର୍ତ୍ତମାନ ସମୟର ଏକ ମାର୍ମିକ ସତ୍ୟ ଶିକ୍ଷିତ ଦାଦନ। ଯେଉଁଠି ଶିକ୍ଷା ହେଉଛି ଉନ୍ନତିର ପଥ, ତାହା ଆଜି ଦୁଃଖର ଅନ୍ୟ ଏକ ଅନୁଭବ ପାଲଟିଛି। ଓଡ଼ିଶାର ଅନେକ ଯୁବକଯୁବତୀ, ଯେଉଁମାନେ ଉଚ୍ଚଶିକ୍ଷା ଗ୍ରହଣ କରି ଆଶା ଓ ସ୍ୱପ୍ନ ସହ ଆଗକୁ ବଢ଼ିଛନ୍ତି, ସେମାନେ ଆଜି ଅନ୍ୟ ରାଜ୍ୟରେ ଦାଦନ ଶ୍ରମିକ ଭଳି କାମ କରିବାକୁ ବାଧ୍ୟ ହେଉଛନ୍ତି। ଏହି ଦୁଃଖଦ ଅବସ୍ଥା କେବଳ ରୋଜଗାର ଅଭାବ ନୁହେଁ, ବରଂ ଶିକ୍ଷା ବ୍ୟବସ୍ଥା, ନୀତି ଓ ବୃହତ୍ତର ସାମାଜିକ ଦୃଷ୍ଟିଭଙ୍ଗୀର ଏକ ଅନୁପାତ ଛିଡ଼ା ହୋଇଛି। ଏହି ଲେଖା ମାଧ୍ୟମରେ ଆମେ ଏହି ନୂଆ ବେଦନାର ଗଭୀରତାକୁ ଅନୁଭବ କରିବାକୁ ଚେଷ୍ଟା କରିଛୁ, ଯେଉଁଠି ଶିକ୍ଷିତ ହେବା ସତ୍ତ୍ୱେ ମେହନତିଆ ଜୀବନ ହେଉଛି ଗତିର ସମାପ୍ତି।

ସେହିମାନଙ୍କୁ ଶିକ୍ଷିତ ଦାଦନ କୁହାଯାଇପାରେ, ଯେଉଁମାନେ ପାଠ ତ ଅନେକ ପଢ଼ିଛନ୍ତି, କିନ୍ତୁ ଓଡ଼ିଶା ବାହାର ରାଜ୍ୟରେ ଯାଇ କେଇ ହଜାର ଟଙ୍କାରେ ଖଟୁଛନ୍ତି। କୁହାଯାଉଥିଲା ଓଡ଼ିଶାରେ ନିଯୁକ୍ତି ନାହିଁ ବୋଲି ଲୋକେ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯାଉଥିଲେ। କିନ୍ତୁ ବର୍ତ୍ତମାନ ପାଠ ପଢ଼ି ସାରିଲେ ମଧ୍ୟ ପିଲାଙ୍କ ବାସ୍ତବ ଚକ୍ଷୁ ଖୋଲୁ ନାହିଁ। ଏମାନଙ୍କ ଡିଗ୍ରୀର ଅନ୍ତିମ ବର୍ଷରେ ପ୍ଲେସମେଣ୍ଟ ଚାକିରି କରିଦେବା ନାଁରେ ସୁଟ୍ ବୁଟ୍ ଟାଇ ପିନ୍ଧାଇ ଏମାନଙ୍କୁ ଛୋଟିଆ ମୋଟିଆ କାମ ଧରେଇ ଦେଇ ବିଦା କରି ଦିଆଯାଉଛି ସୁରତ, ପୁନା, ଚେନ୍ନାଇ, ମୁମ୍ବାଇ ଭଳିଆ ସହରକୁ! ସେଠାରେ ଏମାନେ ପାଠ ପଢ଼ି ମଧ୍ୟ ବେଠି ଖଟିଲା ପରି କୋଉ କମ୍ପାନୀକୁ ନିଜର ବହୁମୂଲ୍ୟ ସମୟ ଦେଉଛନ୍ତି ଆଉ ପ୍ରତିବଦଳରେ ସେମାନେ ଧରେଇ ଦିଅନ୍ତି କେଇ ହଜାରେ ଟଙ୍କା।

ଘରର ସ୍ୱପ୍ନକୁ ସାକାର କରିବା ପାଇଁ ଯାଉଥିବା ଛାତ୍ରଟିଏ ବୁଢ଼ୀଆଣି ଜାଲରେ ଛନ୍ଦି ହେଲା ପରି ବିଭିନ୍ନ ରାଜିନାମା ସ୍ୱାକ୍ଷର ମାଧ୍ୟମରେ ଜୀବନ ତମାମ ଶଢ଼ି ହୁଏ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ। ସବୁଠାରୁ ବଡ଼କଥା ହେଲା ସରକାରୀଠାରୁ ଆରମ୍ଭ କରି ବିଭିନ୍ନ ବେସରକାରୀ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନମାନଙ୍କରେ ତାଲିମ୍ ଓ ନିଯୁକ୍ତି ନାଁ ରେ ବସିଥିବା କିଛି ବାବୁଙ୍କ ସହ କମ୍ପାନୀ ଅଧିକାରୀଙ୍କ ସଲାସୁତୁରା ହୋଇଯିବା ପରେ ଶ୍ରମିକ କାମ କରେଇବା ପାଇଁ ଧରି ନିଅନ୍ତି ଆମ ଓଡ଼ିଶାର ବହୁ ମେଧାବୀଙ୍କୁ। ଛାତ୍ରମାନଙ୍କୁ ମାନବଧିକାର ଆଉ ବିଭିନ୍ନ ସାମାଜିକ ବିଷୟରେ ଜ୍ଞାନ ପ୍ରଦାନ କରାଯାଉ ନଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହେଉଛି। ସେମାନେ ଯନ୍ତ୍ର ପରି ଖଟି ମଧ୍ୟ ସେଥିରୁ ଓହରି ପାରୁନାହାନ୍ତି।

ଏକଦା ଡ. ବି ଆର ଆମ୍ବେଦକର କହିଥିଲେ ଯେ ଜଣେ ଶିକ୍ଷିତ ହିଁ ଏକ ଶିକ୍ଷିତ ସମାଜ ଗଢ଼ିପାରେ। ଏଇଠି କିନ୍ତୁ ଦେଖିବାକୁ ମିଳେ କିଛି ଓଲଟା। ଏଇଠି ଶିକ୍ଷିତ ହିଁ ଷଡ଼ଯନ୍ତ୍ର ରଚନା କରନ୍ତି ଆଉ ସେଥିରେ ଫସି ଯାଆନ୍ତି ନିରୀହ ଛାତ୍ରଛାତ୍ରୀମାନେ। ଏମାନଙ୍କୁ ବାସ୍ତବ ଶିକ୍ଷାରୁ ଦୂରେଇ ରଖିବା ଆଉ ନିଯୁକ୍ତିର ଲୋଭ ଦେଖାଇବା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ରର ଅଂଶବିଶେଷ ପାଲଟିଯାଏ। ଜଣାଇ ଦିଆଯାଏନି ତୁମେ ପାଠ ପଢ଼ି ଆଇ ଏ ଏସ ହୁଅ, ପୁଲିସ୍ ହୁଅ, ସେନାବାହିନୀରେ ଯୋଗ ଦେଇ ଦେଶର ସେବା କର କି ନେତୃତ୍ୱ ନେଇ ରାଜ୍ୟରେ ବିକାଶ କର। ସେମାନଙ୍କୁ ମଧ୍ୟ କୁହାଯାଏନି ବିଭିନ୍ନ ପରୀକ୍ଷା ପାଇଁ ପ୍ରସ୍ତୁତି କରି ଆମ ରାଷ୍ଟ୍ର ନିର୍ମାଣରେ ଭାଗିଦାର ହୁଅ। କେବଳ ଏମାନଙ୍କୁ ଶିଖାଇ ଦିଆଯାଏ ତୁମେ ବେଠି ଖଟ ଓ ଚାକିରି କର। ଉଦ୍ୟୋଗୀ ହେବା ତ ଦୂରର କଥା ସେମାନଙ୍କୁ ଏତେ ଦୁର୍ବଳ କରେଇ ଦିଆ ଯାଇଥାଏ ଯେ ସେମାନେ ନିଜର ସକ୍ଷମତା ପାଇଁ ମଧ୍ୟ କଥା କହି ପାରନ୍ତି ନାହିଁ। ଶିକ୍ଷାର ବାସ୍ତବ ଅର୍ଥ ବୁଝିଲା ବେଳକୁ ହେଇ ଯାଇଥାଏ ଅନେକ ବିଳମ୍ବ। କିଛିଜଣ ବାଧ୍ୟ ହୁଅନ୍ତି ଦାଦନ ହେବାକୁ। ଘରର ଦାୟିତ୍ୱ, ଭଉଣୀର ବାହାଘର, ପରିବାରର ବୟସ୍କଙ୍କ ଔଷଧ - ଏମିତି ଅନେକ ଖର୍ଚ୍ଚରେ ବୁଡ଼ି ଶିକ୍ଷିତ ଯୁବକଟିଏ ଜାଣିଶୁଣି ବାଛିନିଏ ଦାଦନ ଖଟିବାକୁ। ଆମ ଓଡ଼ିଶାରେ ଖଣି ପାଣିର ଅଭାବ ନାହିଁ। ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଗଣ୍ଡାକୁ ଗଣ୍ଡା। କିନ୍ତୁ ଶିଳ୍ପ ଖୋଲୁ ନାହିଁ। ଯଦି ଗୋଟେ କମ୍ପାନୀ ଆସିଲା ତେବେ ତା'କୁ ନେଇ ମଧ୍ୟ ରାଜନୀତିର ଅଙ୍କକଷା ଥମୁନି। ତେଣୁ ଏହି ବ୍ୟବସ୍ଥାରେ ଅନେକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସାମିଲ୍ ଅଛନ୍ତି।

ଶିକ୍ଷିତ ଦାଦନର ଏହି ଯନ୍ତ୍ରଣା ତଳେ ଚିତ୍କାର କରୁଛି ଯୁବପିଢ଼ି, ଯାହା ଶିକ୍ଷା ନାଁରେ କେବଳ ଶୂନ୍ୟସମ୍ମାନ ଓ ନିରାଶା ସୃଷ୍ଟି କରୁଛି। ଏହାର ସମାଧାନ ପାଇଁ ଦରକାର ଏକ ବାସ୍ତବିକ ନୀତି, ଶକ୍ତିଶାଳୀ ଶିକ୍ଷା ଏବଂ ଉଦ୍ୟୋଗ ସୃଷ୍ଟି ପ୍ରତି ପ୍ରାମାଣିକ ପଦକ୍ଷେପ। ଯାହାକୁ ଚାହିଁ ବସିଛନ୍ତି ଅନେକ ଓଡ଼ିଆ ପୁଅଝିଅ, ଯେଉଁମାନେ ଏବେ ବି ଶିକୁଳିରେ ବେଡ଼ି ପକେଇ ଶିକ୍ଷିତ ଦାଦନର ସଂଜ୍ଞା ନିଭାଉଛନ୍ତି। ●

ଭୁବନେଶ୍ୱର, ମୋ: ୬୩୭୨୮୨୪୭୬୯

## ଆମ ବୃକ୍ଷଲତା ଆମ ଜୀବନ

### ନରକୋଳି

### ପ୍ରକୃତି-ପରିବେଶ

**ସୌଭାଗ୍ୟସୁନ୍ଦର**

ଆମ୍ଳିକ ଅମ୍ଳୀୟ ସ୍ୱାଦ ପାଇଁ ନରକୋଳି ଭାରତରେ ବହୁଳ ଆଦୃତ। ଏହା ସମଗ୍ର ଏସିଆ, କ୍ୟୁବା, ହାଇତି, ତ୍ରିନିଦାଦ ଆଦି କାରିବିଆନ ଅଞ୍ଚଳ, ମଧ୍ୟ ଓ ଦକ୍ଷିଣ ଆମେରିକାରେ ଦେଖାଯାଉଥିବା ଏକ ଉଷ୍ଣମଣ୍ଡଳୀୟ ଓ ଉପଉଷ୍ଣମଣ୍ଡଳୀୟ ଜାତୀୟ ଉଦ୍ଭିଦ। ଏହାକୁ ମଳୟ ଦ୍ୱୀପପୁଞ୍ଜ ଓ ମାଡାଗାସ୍କରର ମୂଳଜାତ ଉଦ୍ଭିଦ ବୋଲି ମଧ୍ୟ କୁହାଯାଏ।

୨ ରୁ ୯ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରୁଥିବା ଏହି କ୍ଷୁଦ୍ର ଗଛ ବହୁଶାଖା ବିଶିଷ୍ଟ। ଶାଖାଗୁଡ଼ିକର ଅଗ୍ରଭାଗରେ ଅନେକ ଡିମ୍ବାକାର ପତ୍ର ଥାଏ, ଯାହାର ଲମ୍ବା ୨ ରୁ-୮ ସେମି। ଏହାର ଉପର ପାର୍ଶ୍ୱ ସବୁଜ-ମସୃଣ ଏବଂ ତଳପାର୍ଶ୍ୱ ନୀଳ-ସବୁଜ। ପେଣ୍ଟା ହୋଇ ଫୁଟୁଥିବା ଗୋଲାପୀ ରଙ୍ଗର ଫୁଲଗୁଡ଼ିକ ୫ ରୁ ୧୨ ସେମି ଲମ୍ବା। ସାଧାରଣତଃ ଏପ୍ରିଲ-ମେ' ମାସ ମଧ୍ୟରେ ଫୁଲ ଫୁଟିଥାଏ। ଫଳଗୁଡ଼ିକ ଅଁଳାକୋଳି ଭଳି ଗୋଲାକାର, ଆକାରରେ ଛୋଟ ଏବଂ ପୃଷ୍ଠରେ ଅଙ୍ଗାବଙ୍ଗା ବା ଭଙ୍ଗା ଥାଏ। ଏଗୁଡ଼ିକ ଫିକା ହଳଦିଆ କିମ୍ବା ଧଳା, ଚିକ୍କଣ ମହମ ଭଳି, ରସାଳ ଏବଂ ଖଟା। ଫଳର ଚୋପା ମାଂସଳ, ଦୃଢ଼, କେନ୍ଦ୍ରସ୍ଥଳରେ ଏକ କଠିନ ପଥର ଭଳି ଟାଣ ବିହନ ରହିଥାଏ।

ସୌନ୍ଦର୍ଯ୍ୟତା ଏବଂ ଖାଦ୍ୟ, ଔଷଧୀୟ ଗୁଣ ଯୋଗୁଁ ନରକୋଳି ଗଛର ଚାଷ ମଧ୍ୟ କରାଯାଏ। ଗଛଟି ବିଭିନ୍ନ ପ୍ରକାରର ମାଟିରେ ବଢୁଥିଲେ ମଧ୍ୟ ଆର୍ଦ୍ର, ଉତ୍ତମ ଜଳ ନିଷ୍କାସନ ହୋଇଥିବା, ଉର୍ବର ଦୋରସା ମାଟିରେ ଭଲ ବଢ଼େ। କାଣ୍ଡରୁ କଲମି ଏବଂ ବିହନ ମାଧ୍ୟମରେ ସହଜରେ ଏହାର ବିସ୍ତାର କରାଯାଇପାରିବ, ଯାହା ଚାରି ବର୍ଷ ମଧ୍ୟରେ ଫଳ ଦେଇପାରେ। ଏଫିଡ୍ସ, ସ୍ପାଇଡର ମାଇଟ୍ସ ଓ ମିଲିବଗ୍ସ ପ୍ରତି ନଜର ରଖାଯିବା ଉଚିତ। ମୁଖ୍ୟତଃ ଜାନୁଆରୀ ମାସରେ ଫଳ ଅମଳ କରାଯାଏ।

ପତ୍ରକୁ ବାଟି ସାଇଟିକା, ଲମ୍ବାଗୋ, ବାତ, କର୍କଟ ରୋଗର ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ପତ୍ରର ରସାଳ ପ୍ରକୃତି ହେତୁ, ଗନୋରିଆ କ୍ଷେତ୍ରରେ ଏହାକୁ ମାଲିସ ଭାବରେ ଗ୍ରହଣ କରାଯାଏ। ଭାରତରେ ଫଳକୁ ରକ୍ତବର୍ଦ୍ଧକ ଭାବରେ ଖିଆଯାଏ ଏବଂ ପିଲାମାନଙ୍କୁ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଦିଆଯାଇଥାଏ। କୋଷ୍ଠକାଠିନ୍ୟ, ଚର୍ମ ରୋଗ, ଅଜୀର୍ଣ୍ଣ, ଶ୍ୱାସରୋଗ, ହାଡ଼ ଓ ମୁଣ୍ଡବିନ୍ଧା ଏବଂ ଫୁସଫୁସ୍ ରୋଗ ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ରସକୁ ଇମେଟିକ୍ ବା ବାନ୍ତିକାରକ, ଯକୃତ ଟନିକ ଏବଂ ଶୁଦ୍ଧକାରୀ କାର୍ଯ୍ୟକଳାପ ସହିତ ଚିହ୍ନିତ କରାଯାଏ। ଏହାର ଛାଲିକୁ ନଡ଼ିଆ ତେଲ ସହିତ ଗରମ କରି ପାଦ ଏବଂ ହାତ ଫାଟିବା ସ୍ଥାନରେ ଲେପନ କରାଯାଏ।

ନରକୋଳିରେ ୪-ହାଇଡ୍ରୋକ୍ସିବେଞ୍ଜୋଇକ୍ ଏସିଡ୍, କାଫିକ୍ ଏସିଡ୍, ଆଡେନୋସାଇନ୍, କ୍ୟାମ୍ପଫେରୋଲ୍ ଏବଂ ହାଇପୋଗାଲିକ୍ ଏସିଡ୍, କ୍ୟାଲସିୟମ୍, ଲୌହ ଧାତୁ, ପ୍ରଚୁର ପରିମାଣରେ ଭିଟାମିନ୍ ସି ରହିଥାଏ। ତେବେ ବେଳେ ବେଳେ ସତର୍କ ରହିବା ଉଚିତ, କାରଣ ଏହାର ମୂଳର ଛାଲିର ରସରେ ସାପୋନିନ୍, ଗାଲିକ୍ ଏସିଡ୍, ଟାନିନ୍ ଏବଂ ଏକ ସ୍ଫଟିକ ପଦାର୍ଥ ଥାଏ, ଯାହା ଅପରାଧିକ ବିଷକ୍ରିୟାରେ ବ୍ୟବହୃତ ହୋଇଥିବା ଜଣାପଡେ। ବାଂଲାଦେଶ, ଭାରତ ଓ ଇଣ୍ଡୋନେସିଆରେ ଏହାର ରନ୍ଧା ପତ୍ର ଖିଆଯାଏ। ଫଳକୁ ତାଜା ଖିଆଯାଉଥିବା ବେଳେ ଏହାକୁ ଚିନିରେ ମିଠା କିମ୍ବା ଲୁଣରେ ଆଚାର କରାଯାଇ ଚଟଣି, ସ୍ୱାଦ କିମ୍ବା ସଂରକ୍ଷଣରେ ବ୍ୟବହାର କରାଯାଏ। ଫିଲିପାଇନ୍ସ, ମାଲେସିଆ ଓ ଥାଇଲ୍ୟାଣ୍ଡରେ ଏହାକୁ ଥଣ୍ଡାପାନୀୟ ଭାବେ ଏବଂ ଏଥିରୁ ଭିନେଗାର ତିଆରି କରିବା ସହିତ କଞ୍ଚା ଖିଆଯାଏ। ଏଥିରୁ ସିରପ୍, ଜାମ୍, ରସ ପ୍ରସ୍ତୁ କରି ସଂରକ୍ଷିତ ରଖାଯାଏ। ଏହାର କାଠ ଦୃଢ଼ ଓ ସ୍ଥାୟୀ। ଯଦି ସଠିକ୍ ଭାବରେ ପ୍ରକ୍ରିୟାକରଣ କରାଯାଏ ତେବେ ଏଥିରୁ ବାସନକୁସନ ଭଳି ଛୋଟ ଛୋଟ ଜିନିଷ ତିଆରି କରିବା ପାଇଁ ବ୍ୟବହାର କରାଯାଇପାରିବ। ଭାରତରେ ମୂଳର ଛାଲି କେତେକ ସମୟରେ ରଙ୍ଗ କରିବା ଉପାଦାନ ଭାବରେ ବ୍ୟବହୃତ ହୁଏ।

ନରକୋଳି, ଯାହା ପୂର୍ବରୁ ଗାଁ ମାନଙ୍କରେ ପ୍ରଚୁର ପରିମାଣରେ ଦେଖାଯାଉଥିଲା, ଏବେ କିଛି ଅନାବନା ସ୍ଥାନ ଏବଂ ଚାଷ କରାଯାଇଥିବା ଔଷଧୀୟ ଉଦ୍ୟାନରେ ସୀମିତ। ତେଣୁ ଏହା ଏକ ବିରଳ ଅଣ-ବର୍ଣ୍ଣିତ ଉଦ୍ଭିଦ ପାଲଟିଛି। ସମୟ ଆସିଛି ଯେ ନରକୋଳି ଭଳି ବିଭିନ୍ନ ଉଦ୍ଭିଦ ଜାତିକୁ ବ୍ୟକ୍ତିଗତ ଉଦ୍ୟାନ, ସହରାଞ୍ଚଳ ପାର୍କ ଏବଂ ଗ୍ରାମ୍ୟ ଗୋଷ୍ଠୀ ଜଙ୍ଗଲ ସହିତ ଗ୍ରାମାଞ୍ଚଳ ମନ୍ଦିର ପ୍ରାଙ୍ଗଣରେ ଲଗାଯିବା ଉଚିତ। ●

ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ; ୨ ଗିରଫ

ଖୋର୍ଦ୍ଧା/ବାଲୁଗାଁ,୧୮।୫(ସମିସ): ରବିବାର ୧୬ନଂ ଜାତୀୟ ରାଜପଥ ସୁନାଖଳା ଓଭରବ୍ରିଜ୍ ନିକଟରେ ବାଲୁଗାଁ ଅବକାରୀ ପୁଲିସ ଚଢ଼ଉ କରି ୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମେତ ଦୁଇଜଣଙ୍କୁ ଗିରଫ କରାଯାଇଛି। ଗିରଫଦ୍ୱୟ ହେଲେ,



କେନ୍ଦୁଝରର ବାଂଶପାଣିରେ ରହୁଥିବା ବିହାର ରସାଲପୁରର ଫିରୋଜ୍ ଖାନ୍ (୩୩) ଏବଂ ବୌଦ୍ଧର ସୁଶାନ୍ତ ମେଣ୍ଡଲି (୨୪)। ଅନ୍ୟ ଦୁଇ ଅଭିଯୁକ୍ତ ଗଞ୍ଜେଇ ଫୋପାଡ଼ି ଗାଡ଼ି ସହ ଫେରାର୍ ହୋଇଯାଇଥିବା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ବୌଦ୍ଧରୁ ଭୁବନେଶ୍ୱର ଅଭିମୁଖେ ଗଞ୍ଜେଇ ଚାଲାଣହେଉଥିବା ଖବରପାଇ ଅବକାରୀ ଟିମ୍ ଜାତୀୟରାଜପଥର ବିଭିନ୍ନ ସ୍ଥାନରେ ଛପି ରହିଥିଲେ। ଭୋର୍ ପ୍ରାୟ ୫ଟାରେ ସୁନାଖଳା ଛକ ନିକଟରେ ୩ଟି ଗାଡ଼ି ଅଟକାଇବା ବେଳେ ଘଟଣାସ୍ଥଳରୁ ଦୁଇଟି କାର୍‌ର ଡ୍ରାଇଭର ୨୫ କେଜି ଲେଖାଏଁ ହୋଇଥିବା ପ୍ୟାକେଟ୍ ଫିଙ୍ଗି ଫେରାର୍ ହୋଇଯାଇଥିଲେ। କିନ୍ତୁ ପଛରେ ଆସୁଥିବା ଆଉ ଏକ ପିକ୍-ଅପ୍ ଭ୍ୟାନ୍‌କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୧୫୦ପ୍ୟାକେଟ୍ ଗଞ୍ଜେଇ ଜବତ ହୋଇଥିଲା। ଏହି

■ ବୌଦ୍ଧରୁ ଭୁବନେଶ୍ୱର ଚାଲାଣ ହେଉଥିଲା
■ ଗାଡ଼ି ସହ ଖସିଗଲେ ଆଉ ୨

ଘଟଣାରେ ଫିରୋଜ ଓ ସୁଶାନ୍ତଙ୍କୁ ଗିରଫ କରିଥିଲା ଅବକାରୀ ଟିମ୍। ଫିରୋଜ୍ ମୁଖ୍ୟ ଅଭିଯୁକ୍ତ ହୋଇଥିବା ବେଳେ ସୁଶାନ୍ତ ବୌଦ୍ଧର ବିଭିନ୍ନ ସ୍ଥାନରୁ ଚାଷୀଙ୍କଠାରୁ ଗଞ୍ଜେଇ ସଂଗ୍ରହ କରି ଆଣୁଥିଲା। ଉଭୟ ଗଞ୍ଜେଇ ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ସମୁଦାୟ ୨କ୍ୱିଣ୍ଟାଲ ଗଞ୍ଜେଇ ଜବତ ହୋଇଥିବା ବେଳେ ଏହାର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଶ୍ରୀମତୀ ତ୍ରିପାଠୀ ସୂଚନା ଦେଇଛନ୍ତି। ଅନ୍ୟ ଦୁଇ ଫେରାର୍ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି। ଏନେଇ ବାଲୁଗାଁ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଶ୍ରୀମତୀ ତ୍ରିପାଠୀ କହିଛନ୍ତି।

# ନିଯୁକ୍ତିଭିତ୍ତିକ ଶିକ୍ଷା ପ୍ରତି ବଢୁଛି ଆଗ୍ରହ

ଭୁବନେଶ୍ୱର,୧୮।୫(ସମିସ): ବିଏଡ୍ ପଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ। ମୋଟ୍ ସିଟ୍ ତୁଳନାରେ ପ୍ରାୟ ୩୦ରୁ ୫୦ ଗୁଣ ଆବେଦନ ହେଉଛି। ପ୍ରତିବର୍ଷ ପ୍ରବେଶିକା ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀଙ୍କ ସଂଖ୍ୟା ମଧ୍ୟ ବଢ଼ୁଛି। ଅପରପକ୍ଷରେ ଉଚ୍ଚଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ ପରିମାଣରେ ଉତ୍ସାହ ଦେଖାଯାଉନାହିଁ। ସ୍ନାତକୋତ୍ତର ପଢ଼ିବା ପାଇଁ ସିପିଇଟି ପରୀକ୍ଷା ଦେବାକୁ ପୂର୍ବାପେକ୍ଷା ଆବେଦନ କମୁଛି। ବିଇଡି ପରି ନିଯୁକ୍ତିଭିତ୍ତିକ ଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢ଼ୁଥିବାବେଳେ ଉଚ୍ଚଶିକ୍ଷା ପାଇଁ ଆବେଦନ କମୁଛି।

ବିଏଡ୍ ନାମଲେଖା ପାଇଁ ସମୁଦାୟ ୩୧ଟି ଶିକ୍ଷାନୁଷ୍ଠାନରେ ୨୭୫୦ସିଟ୍ ରହିଛି। ଚଳିତ ଶିକ୍ଷା ବର୍ଷରେ ୧ଲକ୍ଷ ୨୯ହଜାର ୭୧୨ ଜଣ ବିଇଡି ପ୍ରବେଶିକା ପରୀକ୍ଷା ଦେବାକୁ ଆବେଦନ କରିଛନ୍ତି। ଅର୍ଥାତ୍ ସମୁଦାୟ ସିଟ୍‌ର ପ୍ରାୟ ୪୭ ଗୁଣାରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଆବେଦନକାରୀଙ୍କ ମଧ୍ୟରେ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ସଂଖ୍ୟା ଢେର ଅଧିକ। ଚଳିତ ଥର ୪୩ ହଜାର ୬୧୨ ଜଣ ଛାତ୍ର ଆବେଦନ କରିଥିବାବେଳେ ଏହାର ପ୍ରାୟ ଦୁଇଗୁଣା ଅର୍ଥାତ୍ ୮୬ ହଜାର ୯୩ଜଣ ଛାତ୍ରୀ ପରୀକ୍ଷା ଦେବାକୁ ପଞ୍ଜୀକରଣ କରିଛନ୍ତି। ସେହିପରି କେବଳ ବିଇଡି ପାଇଁ ୧ଲକ୍ଷ ୨୬ ହଜାର ୧୨୫ ଜଣ ଆବେଦନ କରିଥିବା ବେଳେ ବିଏଚ୍ଇଡି ପାଇଁ ୧୯୩୬ ଓ ଏମ୍ଇଡି ପାଇଁ ୧୬୫୧ ଜଣ ଆବେଦନ କରିଛନ୍ତି। ଗତ ଶିକ୍ଷାବର୍ଷ ତୁଳନାରେ ମଧ୍ୟ ଚଳିତବର୍ଷ ଆବେଦନ ସଂଖ୍ୟା ବହୁ ଅଧିକ। ୨୦୨୪-୨୫ ଶିକ୍ଷାବର୍ଷରେ ସମୁଦାୟ ୯୫ ହଜାର ୧୧୨ ପିଲା ଆବେଦନ

■ ବିଏଡ୍ ପାଇଁ ୪୭ ଗୁଣା ଆବେଦନ
■ ସ୍ନାତକୋତ୍ତର ପାଇଁ କ୍ରମାଗତ କମୁଛି ଆବେଦନ ସଂଖ୍ୟା

କରିଥିଲେ; ଯାହା ସମୁଦାୟ ସିଟ୍‌ର ପ୍ରାୟ ୩୪ ଗୁଣ। ଚଳିତଥର ପ୍ରାୟ ୩୪ହଜାର ୬୦୦ ଅଧିକ ପିଲା ଆବେଦନ କରିବାରୁ ଏହା ୪୭ଗୁଣାରେ ପହଞ୍ଚିଛି।

ଅନୁରୂପ ଭାବେ ସ୍ନାତକୋତ୍ତର ପଢ଼ିବା ପାଇଁ ପିଲାଙ୍କ ମଧ୍ୟରେ ସମ ପରିମାଣରେ ଆଗ୍ରହ ନାହିଁ। ଗତବର୍ଷ ୧୧୩ଟି ଶିକ୍ଷାନୁଷ୍ଠାନରେ ୨୮ ହଜାର ୯୨୬ଟି ସିଟ୍ ଥିବାବେଳେ ଚଳିତ ବର୍ଷ ୮୦୬ଟି ସିଟ୍ ବଢ଼ି ସମୁଦାୟ ସିଟ୍ ସଂଖ୍ୟା ୨୯ହଜାର ୭୩୨ରେ ପହଞ୍ଚିଛି। ହେଲେ ପୂର୍ବାପେକ୍ଷା ଆବେଦନ ସଂଖ୍ୟା କମିଛି। ୨୦୨୩ରେ ୬୯ହଜାର ୭୦୫ଜଣ ଆବେଦନ କରିଥିଲେ। ୨୦୨୪ରେ ପ୍ରାୟ ୬ହଜାର ଆବେଦନ କମି ୬୩ହଜାର ୧୫୦ରେ ପହଞ୍ଚିଥିଲା। ଚଳିତଥର ଏଥିରେ ଆଉ ହଜାରେ ଆବେଦନ କମି ଆବେଦନ ସଂଖ୍ୟା ୬୨ହଜାର ୩୨୧ରେ ପହଞ୍ଚିଛି। ଚଳିତ ବର୍ଷ ଆବେଦନକାରୀଙ୍କ ମଧ୍ୟରେ ୪୩ହଜାର ୧୪୭ଜଣ ଛାତ୍ରୀ ଥିବାବେଳେ ୧୯ ହଜାର ୧୧୯ ଜଣ ଛାତ୍ର ରହିଛନ୍ତି।

ଗୋଟିଏ ପଟେ ବିଇଡି ପରି ନିଯୁକ୍ତି ଭିତ୍ତିକ ଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ବଢ଼ୁଥିବାବେଳେ ଉଚ୍ଚଶିକ୍ଷା ପାଇଁ ଉତ୍ସାହ କମୁଛି। ଶିକ୍ଷାବିତଙ୍କ କହିବା କଥା, ବିଇଡି ପାଠ୍ୟକ୍ରମ ସାରିବା ପରେ ଶିକ୍ଷକ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି ହେଉଛି। ରାଜ୍ୟରେ ବହୁ ଶିକ୍ଷକ ପଦ ଖାଲି ପଡ଼ିଥିବାରୁ ନିଯୁକ୍ତି ସୁଯୋଗ ମଧ୍ୟ ଅଧିକ ରହୁଛି। ଅପରପକ୍ଷରେ ସ୍ନାତକୋତ୍ତର ପରେ ଅଧ୍ୟାପକ ହେବାକୁ ଅଧିକ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ୁଛି। ପୁଣି ଯେଉଁ ପିଲାମାନେ ନିଯୁକ୍ତି ପରୀକ୍ଷା ଦେବେ ସେମାନେ ସ୍ନାତକ ପରେ ପ୍ରସ୍ତୁତି କରିବାକୁ ପସନ୍ଦ କରୁଥିବାରୁ ସ୍ନାତକୋତ୍ତରରେ ଆବେଦନ ସଂଖ୍ୟା କ୍ରମାଗତ ଭାବେ କମୁଛି।

■ ମୁଦୁଲି ଦ୍ୱାର ନିକଟକରେ ଖଙ୍କାର

# ମହାପ୍ରଭୁଙ୍କ ହେଲା ବଡ଼ ମହାସ୍ନାନ

ପୁରୀ,୧୮।୫(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ମୁଦୁଲି ଦ୍ୱାର ନିକଟରେ ଖଙ୍କାର ପଡ଼ିଥିବାରୁ ଏହି ବଡ଼ ମହାସ୍ନାନ କରାଯାଇଛି। ତେବେ ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତି ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ରବିବାର ଭୋର୍ ୫ଟା ୪୫ରେ ଦ୍ୱାର ଫିଟାଯାଇଥିଲା। ୬ଟା ୩୫ରେ ମଙ୍ଗଳଆଳତି ହୋଇଥିଲା। ମଇଲମ, ତଡ଼ପଲାଗି ପରେ ସକାଳ ୭ଟା ୫୦ରେ ଅବକାଶ ପୂଜା ବଢ଼ିଥିଲା। ଏହି ସମୟରେ ମୁଦୁଲି ଦ୍ୱାର ନିକଟରେ ଖଙ୍କାର ପଡ଼ିଥିବା ଦେଖିବାକୁ ମିଳିଥିଲା। ସେହିଠାରେ ନୀତି ଅଟକା ଯାଇ ମହାସ୍ନାନ ବିଧି ଆରମ୍ଭ ହୋଇଥିଲା। ରତ୍ନ ସିଂହାସନଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଧୁଆ ହୋଇ ଚୁନପାଣି ପଡ଼ିଥିଲା। ପୂଜାପଣ୍ଡା ସେବକମାନେ ସକାଳ ୯ଟାରେ ମହାସ୍ନାନ ପୂଜା କରିଥିଲେ। ୯ଟା ୫ରେ ମହାସ୍ନାନ ପୂଜା ବଢ଼ିବା ପରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ଏହି ମହାସ୍ନାନ ପାଇଁ ପ୍ରାୟ ଦେଢ଼ଘଣ୍ଟାରୁ ଊର୍ଦ୍ଧ୍ୱ ନୀତିକାନ୍ତି ବିଳମ୍ବ ହୋଇଥିଲା। ଏହି ବିଳମ୍ବ ଅନ୍ୟାନ୍ୟ ନୀତିକୁ ମଧ୍ୟ ପ୍ରଭାବିତ କରିଥିଲା।

# ଧରା ହେଲା ନକଲି ସବ୍‌ଇନ୍ସପେକ୍ଟର୍

ଅନୁଗୋଳ/ବଆଁରପାଳ,୧୮।୫(ସମିସ): ଅନୁଗୋଳ ଜିଲ୍ଲା ସଦର ଥାନା ଅଞ୍ଚଳରୁ ପୁଲିସ ଜଣେ ନକଲି ସବଇନ୍ସପେକ୍ଟରଙ୍କୁ ଗିରଫ କରିଛି। ସେ ହେଲେ, ଛେଳିଆପଡ଼ା ଗ୍ରାମର ବ୍ରଜବନ୍ଧୁ ନାଥଙ୍କ ପୁଅ ଅରକ୍ଷିତ ନାଥ(୩୮)। ତେବେ ତାଙ୍କ ସହଯୋଗୀ ତଥା ନକଲି କନଷ୍ଟେବଳ କାଙ୍ଗୁଲା ନୂଆଡିଅର ସାହିର ଅରକ୍ଷିତ ସେଠୀଙ୍କ ପୁଅ ଅମର ସେଠୀ (୨୦) ଫେରାର ହୋଇଯାଇଛନ୍ତି। ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛି।



ଏ ଦୁହେଁ ମିଶି ମହୀଧରପୁର ଫାଣ୍ଡି ଅଧୀନରେ

■ ମଦ ଦୋକାନରୁ ବଟି ମାଗୁଥିଲେ
■ ହେଲମେଟ୍ ଯାଞ୍ଚ ଆଳରେ ଟଙ୍କା ନେଉଥିଲେ
■ ଖସିଗଲେ ନକଲି କନଷ୍ଟେବଳ

ଥିବା ଏକ ମଦ ଦୋକନରୁ ପ୍ରଥମେ ୫ ହଜାର ଟଙ୍କା ବଟି ମାଗିଥିଲେ। ମଦ ଦୋକାନ କର୍ମଚାରୀ ତାଙ୍କୁ ପ୍ରଥମେ ୩ହଜାର ଟଙ୍କା ଦେଇଥିଲେ ଓ ପରେ ବାକି ୨ ହଜାର ଟଙ୍କା ଦେବେ ବୋଲି କହିଥିଲେ। ପରେ ଦୁହେଁ ମହୀଧରପୁର-ଛେଳିଆପଡ଼ା ରାସ୍ତାର ବିଭିନ୍ନ ନିଛାଟିଆ ସ୍ଥାନରେ ଦୁଇଚକିଆ ଯାନ ଅଟକାଇ ହେଲମେଟ୍, ଡ୍ରାଇଭିଂ ଲାଇସେନ୍ସ, ଇନ୍ସ୍ୟୁରାନ୍ସ ଇତ୍ୟାଦି ଯାଞ୍ଚ କରିଥିଲେ। ଲୋକେ ହେଲମେଟ୍ ପିନ୍ଧି ନ ଥିବାରୁ ସେମାନଙ୍କଠାରୁ ୫୦୦ ଓ ୧୦୦୦ ଲେଖାଏଁ ଆଦାୟ କରିଥିଲେ। ତେବେ ଏହି ଅଞ୍ଚଳର କେତେକ ସଚେତନ ନାଗରିକଙ୍କ ମନରେ ଏ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ସେମାନେ ଅନୁଗୋଳ ସଦର ଥାନା ଓ ବଆଁରପାଳ ଥାନାକୁ ଖବର ଦେଇଥିଲେ। ଉଭୟ ଥାନା ପୁଲିସ ଘଟଣାସ୍ଥଳକୁ ଆସିଥିଲେ। ପୁଲିସ ଗାଡ଼ି ଦେଖି ନକଲି କନଷ୍ଟେବଳ ଅମର ଫେରାର ହୋଇଯାଇଥିଲେ। କିନ୍ତୁ ଅରକ୍ଷିତଙ୍କୁ ପୁଲିସ ମାଡ଼ିବସିଥିଲା। ଉଭୟଙ୍କୁ ପଚରାଉଚରା କରାଯାଉଥିବା ମହୀଧରପୁର ଫାଣ୍ଡି ଅଧିକାରୀ ମାନସ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ପୋଖରୀରେ ବୁଡ଼ି ଜଣେ ମୃତ

କାମାକ୍ଷାନଗର, ୧୮।୫ (ସମିସ): କଙ୍କଡ଼ାହାଡ଼ ବ୍ଲକ୍ ମହାବିରୋଡ୍ ଥାନା ଅନ୍ତର୍ଗତ ଗଡ଼ପଳାଶୁଣି ଗାଁରେ ଆଜି ଏକ ଅଭାବନୀୟ ଘଟଣା ଘଟିଛି। ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଗ୍ରାମର ଯୁଧିଷ୍ଠିର ବେହେରା (୪୮)। ରବିବାର ସକାଳେ ଯୁଧିଷ୍ଠିର ଗ୍ରାମ ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ନ ଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ପରିବାରଲୋକ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କ ପତ୍ତା ପାଇନଥିଲେ। ତେବେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। କଙ୍କଡ଼ାହାଡ଼ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ ହେଁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଥାନା ଅଧିକାରୀ କାଶୀନାଥ ହାଁସଦା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ୍ ତଦନ୍ତ କରୁଛି।

■ କାଳ ହେଲା ସେଲ୍‌ଫି

# ନଦୀକୁ ଖସି ଛାତ୍ର ମୃତ

ରାଉରକେଲା,୧୮।୫(ସମିସ): ସେଲ୍‌ଫି ନେବା ଜଣେ ଛାତ୍ରଙ୍କ ପାଇଁ କାଳ ହୋଇଛି। ସେଲ୍‌ଫି ନେବା ବେଳେ କୋଏଲ ନଦୀକୁ ଖସି ଜୀବନ ଯାଇଛି। ରବିବାର ଏଭଳି ଘଟଣା ଛେଣ୍ଡ ଥାନା ଅନ୍ତର୍ଗତ ପ୍ରଧାନପାଲି ଓଭରବ୍ରିଜଠାରେ ଘଟିଛି। ମୃତକ ହେଲେ, ସ୍ୱାଧୀନ ଓରାମ (୧୯)। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୁଲିସ୍ ସୂଚନାନୁଯାୟୀ, ସ୍ୱାଧୀନ ୩ଜଣ ସାଙ୍ଗ ପିଣ୍ଟୁ ବଞ୍ଛଲ୍ (୧୯), ମଧୁସୂଦନପାଲିର ତରୁଣ ଦାସ (୧୮) ଓ ସେକ୍ଟର -୨୧ ଅଞ୍ଚଳର ରୁଦ୍ରାକ୍ଷ ଛୁରା (୧୭)ଙ୍କ ସହ ପ୍ରଧାନପାଲି ବ୍ରିଜ୍‌ରେ ଥିବା ସେଲ୍‌ଫି ପଏଣ୍ଟକୁ ଯାଇଥିଲେ। ସେଠାରେ ସେଲ୍‌ଫି ନେବା ବେଳେ ଅସାବଧାନତାବଶତଃ ସ୍ୱାଧୀନ ତଳକୁ ଖସି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ୪ଜଣ ସାଙ୍ଗ ସହରର ଏକ ଆଇଟିଆଇର ଛାତ୍ର ହୋଇଥିବା ବେଳେ ସ୍ୱାଧୀନ ଓ ପିଣ୍ଟୁ ଉକ୍ତ ଅନୁଷ୍ଠାନର ହଷ୍ଟେଲରେ ରହୁଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

# କାଠଯୋଡ଼ିରେ ବୁଡ଼ିଗଲେ ୨ ଇଞ୍ଜିନିୟର୍

କଟକ, ୧୮।୫ (ସମିସ): ମର୍କତନଗର ଫେଜ୍-୨ ଥାନା ସେକ୍ଟର-୧୧ଅନ୍ତର୍ଗତ କାଠଯୋଡ଼ି ନଦୀରେ ଆଜି ୨ଜଣ ଇଞ୍ଜିନିୟର୍ ବୁଡ଼ି ଯାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତଦେହ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ଜଣେ ନିଖୋଜ ରହିଛନ୍ତି। ତାଙ୍କୁ ଉଦ୍ଧାର କରିବାକୁ ବିଡ଼ାନାସୀ ଅଗ୍ନିଶମ କର୍ମଚାରୀ ଅପରେସନ୍ ଚଳାଇଛି। ତେବେ, ରାତି ହୋଇଯିବାରୁ ଆଜି ଅପରେସନ୍‌କୁ ବନ୍ଦ କରାଯାଇଛି। ଆସନ୍ତାକାଲି ପୁଣି ତାଙ୍କୁ ଖୋଜାଯିବ ବୋଲି ଜଣାଯାଇଛି। ମୃତ ଇଞ୍ଜିନିୟରଙ୍କ ଘର ମହାରାଷ୍ଟ୍ର ଏବଂ ତାଙ୍କ ନାଁ

## ଜଣେ ମୃତ: ଜଣେ ନିଖୋଜ

ରୁତିକେଶ ମଟଲ୍(୨୫)। ସେହିପରି ନିଖୋଜ ରହିଥିବା ଇଞ୍ଜିନିୟରଙ୍କ ନାଁ ରତିକ୍ ବ୍ରିଜିନୀ(୨୮)। ଦୁହେଁ ଏଲ୍‌ଆଣ୍ଡଟି କମ୍ପାନୀର କର୍ମଚାରୀ। ସେମାନେ ଏସ୍‌ସିବି ମେଡିକାଲରେ ନବନିର୍ମିତ କୋଠାର ନିର୍ମାଣ ଦାୟିତ୍ୱରେ ରହିଥିଲେ।

ସୂଚନାନୁଯାୟୀ, ସିଡିଏ ସେକ୍ଟର୍-୧୧ରେ ଏଲ୍‌ଆଣ୍ଡଟି କମ୍ପାନୀର ଇଞ୍ଜିନିୟର୍ ଏବଂ ଉଚ୍ଚପଦସ୍ଥ କର୍ମଚାରୀ ରହିବା ନିମନ୍ତେ ମେସ୍ ବ୍ୟବସ୍ଥା ରହିଛି। ଆଜି ରବିବାର ଉପଲକ୍ଷେ ଏସ୍‌ସିବିରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ଏଣୁ, ମେସ୍‌ରେ ରହୁଥିବା ଇଞ୍ଜିନିୟର ରୁତିକେଶ, ରତିକ୍‌ଙ୍କ ସମେତ ଅନ୍ୟ ୨ କର୍ମଚାରୀ ଭୋଜିଭାତ କରିଥିଲେ। ଭୋଜି ଶେଷ ହେବା ପରେ କାଠଯୋଡ଼ି ନଦୀକୂଳକୁ ଗୋଧାଇବାକୁ ଯାଇଥିଲେ। ସେଠାରେ ପହଞ୍ଚି ନିଜନିଜ ଭିତରେ ସନ୍ତରଣ ପ୍ରତିଯୋଗିତା କରିଥିଲେ। କିନ୍ତୁ ୪ ସାଙ୍ଗଙ୍କ ମଧ୍ୟରୁ କାହାରିକୁ ପହଁରା ଜଣାନଥିଲା। ପ୍ରଥମେ ରୁତିକେଶ ନଦୀ ମଧ୍ୟକୁ ଡେଇଁ କୂଳରେ ପହଁରିବାକୁ ଚେଷ୍ଟା କରିଥିଲେ। ତାଙ୍କ ସହ ରତିକ୍ ମଧ୍ୟ କୂଳକୁ ଯାଇ ପହଁରିଥିଲେ। ତେବେ କିଛି ସମୟମଧ୍ୟରେ ୨ବନ୍ଧୁ କୂଳରୁ ମଝିକୁ ଚାଲି ଯାଇଥିଲେ। ପହଁରା ଜଣାନଥିବାରୁ ରତିକ୍ ପାଣିର ପ୍ରଖର ସୁଅରେ ଭାସି ଯାଇଥିଲେ। ପରେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ରୁତିକେଶ ନଦୀ ମଝିକୁ ଚାଲିଯାଇଥିଲେ। କିନ୍ତୁ, ଦୁର୍ଭାଗ୍ୟକୁ ୨ଜଣ ନଦୀରେ ବୁଡ଼ି ଯାଇଥିଲେ। କୂଳରେ ଥିବା ୨ବନ୍ଧୁ ପ୍ରଥମେ ଫେଜ୍-୨ ଥାନା ଓ ପରେ ବିଡ଼ାନାସୀ ଫାୟାର୍ ଷ୍ଟେସନ୍‌କୁ ଫୋନ୍ କରି ଘଟଣା ବିଷୟରେ ଅବଗତ କରାଇଥିଲେ। ଘଟଣାସ୍ଥଳରେ ପୁଲିସ୍ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଅଧଘଣ୍ଟା ଭିତରେ ରୁତିକେଶଙ୍କ ମୃତଦେହ ଠାବ କରାଯାଇଥିଲା। ପରେ ତାଙ୍କ ଶବକୁ ବ୍ୟବଚ୍ଛେଦ ନିମନ୍ତେ ଏସ୍‌ସିବି ମେଡିକାଲ ପଠାଯାଇଥିଲା। ଅନ୍ୟପକ୍ଷରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରତିକ୍‌ଙ୍କ ପତ୍ତା ମିଳିନଥିଲା। ଅନ୍ଧାର ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରଖାଯାଇଛି।

ଏ ସମ୍ପର୍କରେ ବିଡ଼ାନାସୀ ଅଗ୍ନିଶମ କେନ୍ଦ୍ରର ଫାୟାର୍ ଅଫିସର୍ ପୁଲକ୍ ଲେଙ୍କାଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣାସ୍ଥଳରେ ପାଣିର ପ୍ରଖର ସ୍ରୋତ ରହିଥିଲା। ୨ଇଞ୍ଜିନିୟର୍ ଆଦୌ ପହଁରା ନଜାଣି ନଦୀଗର୍ଭକୁ ଲମ୍ଫ ମାରିଥିଲେ। ତେଣୁ, ଏହି ଅଘଟଣ ଘଟିଛି।

ତୁର୍କୀ, ଚୀନ୍ ଓ ଅଜରବୈଜାନ୍ ସାମଗ୍ରୀକୁ ଓଡ଼ିଶାରେ ବର୍ଜନ

# ବ୍ୟବସାୟୀ ମହାସଂଘର ବିକ୍ରି କଟକଣା

ଭୁବନେଶ୍ୱର, ୧୮।୫(ସମିସ): ଭାରତ-ପାକ୍ ଯୁଦ୍ଧ ସମୟରେ ପାକିସ୍ତାନକୁ ଖୋଲାଖୋଲି ସମର୍ଥନ ଜଣାଇଥିଲା ତୁର୍କୀ। ସେହିଭଳି ଚୀନ୍ ଓ ଅଜରବୈଜାନ୍ ଭିତିରିଆ ପାକିସ୍ତାନ ସପକ୍ଷରେ ଥିଲେ। ତେଣୁ, ଏସବୁ ଦେଶର ସାମଗ୍ରୀକୁ ଭାରତରେ ସଂପୂର୍ଣ୍ଣ ରୂପେ ବର୍ଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ମଧ୍ୟ ଏହି ଦେଶର ସାମଗ୍ରୀ ବିକ୍ରି ଉପରେ ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ରୋକ୍ ଲଗାଇଛି। ତୁର୍କୀରୁ ଆସୁଥିବା ଡାଲି ଜାତୀୟ ସାମଗ୍ରୀ, ସେଓ, ସିମେଣ୍ଟ ଆଦି ସାମଗ୍ରୀ ବନ୍ଦ କରିବାକୁ ବ୍ୟବସାୟୀ ମହାସଂଘ ନିଷ୍ପତ୍ତି ନେଇଛି। ସେହିପରି ଚୀନ୍‌ର ସାମଗ୍ରୀକୁ ମଧ୍ୟ ଓଡ଼ିଶାରେ ବ୍ୟାନ୍ କରିବାକୁ ନିଷ୍ପତ୍ତି ନିଆଯାଇଛି। ଦିଲ୍ଲୀରେ ମହାସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଏପରି ନିଷ୍ପତ୍ତି ନିଆଯାଇଛି।

**ଅନ୍‌ଲାଇନ୍ ଓ କର୍ପୋରେଟ୍ ସଂସ୍ଥା ଜିନିଷରେ ବି ରୋକ୍**

ସେହିଭଳି ଅନଲାଇନ୍ ଓ କର୍ପୋରେଟ୍ ହାଉସ୍‌କୁ ସରକାରଙ୍କ ସମର୍ଥନ ବିରୋଧରେ କଠୋର୍ ହୋଇଛି ମହାସଂଘ। ସ୍ୱଦେଶୀ ଜାଗରଣ ମଞ୍ଚ ସହ ମିଶି ଅନଲାଇନ୍ ସାମଗ୍ରୀ ବିକ୍ରିକୁ ବିରୋଧ କରିବାକୁ ନିଷ୍ପତ୍ତି ହୋଇଛି। ଅନଲାଇନ୍‌ରେ ଯେଉଁ କମ୍ପାନୀ ନିଜ ସାମଗ୍ରୀକୁ କମ ଦରରେ ବିକ୍ରି କରୁଛନ୍ତି, ଖୋଲା ବଜାରରେ ବ୍ୟବସାୟୀଙ୍କଠାରୁ ଅଧିକ ଦର ନେଉଛନ୍ତି, ସେମାନଙ୍କ ସାମଗ୍ରୀକୁ ବ୍ୟାନ୍ କରାଯିବ। କୌଣସି ଅଫଲାଇନ୍ ଦୋକାନରେ ସଂପୃକ୍ତ କମ୍ପାନୀର ସାମଗ୍ରୀ ବିକ୍ରି କରିପାରିବେନି ବ୍ୟବସାୟୀ। ଏପରିକି, ଅନଲାଇନ୍‌ରେ ବିଭିନ୍ନ ବ୍ୟାଙ୍କଗୁଡ଼ିକ ବିଭିନ୍ନ ସମଗ୍ରୀଗୁଡ଼ିକରେ ଅତିରିକ୍ତ ଲାଭ ଅଫର୍ ମାଧ୍ୟମରେ ଦେଉଛନ୍ତି। ତେଣୁ ସମ୍ପୃକ୍ତ ବ୍ୟାଙ୍କଗୁଡ଼ିକୁ ମଧ୍ୟ ବୟକଟ୍ କରିବାକୁ ନିଷ୍ପତ୍ତି ନେଇଛି ବ୍ୟବସାୟୀ ମହାସଂଘ। ସାମଗ୍ରୀ ବିକ୍ରିର ୧୪ ପ୍ରତିଶତ ଅନଲାଇନ୍ ବ୍ୟବସାୟ ମାଧ୍ୟମରେ ହେଉଥିବା ବେଳେ ଅଫଲାଇନ୍‌ରେ ୮୬ପ୍ରତିଶତ ବିକ୍ରି ହେଉଛି। କର୍ପୋରେଟ୍ ହାଉସ୍ ଓ ଅନଲାଇନ୍ ବ୍ୟବସ୍ଥାକୁ ସମର୍ଥନ ଜଣାଇ ସରକାର ରାଜ୍ୟର ବ୍ୟବସାୟୀଙ୍କୁ ହଇରାଣ କରୁଥିବାରୁ ବ୍ୟବସାୟୀମାନେ ଏଭଳି କଠୋର୍ ନିଷ୍ପତ୍ତି ନେଉଛନ୍ତି ବୋଲି ମହାସଂଘର ମହାସଚିବ ସୁଧାକର ପଣ୍ଡା ଗଣମାଧ୍ୟମକୁ ବିବୃତ୍ତି ଦେଇ କହିଛନ୍ତି।


**SALE**
Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

**AFFIDAVIT**
By affidavit I, Pratima Sahoo aged about 42 years, W/o - Chakradhar Sahoo, Vill: Dudurkote Manapur, P.O.: Dudurkote, P.S.: Balimi, Dist.: Dhenkanal, ODISHA, 759020 declare that my real name is Pratima Sahoo which is mentioned in my Aadhar but I had opened a LIC policy at Angul Branch bearing the Policy No - 588457061 in where my name is wrongly mentioned as "Sasmita Sahu" instead of "Pratima Sahoo". Both are one and same person.

**AFFIDAVIT**
By virtue of an affidavit sworn before the Executive Magistrate, Tangi, Dist: Khordha CF No: 739 dated 15/05/2025, I **Puspalata Pradhan**, W/o Manas Ranjan Pradhan resident of Village At - Balipatpur, Po- Bhusandpur, Ps- Tangi, Dist- Khordha, Odisha, Pin- 752021 declare that I have changed my name from **PUSPALATA PANSINGHA** to **PUSPALATA PRADHAN**. Henceforth, she shall be known as **PUSPALATA PRADHAN** for all purposes.
Sd- PUSPALATA PRADHAN

**NOTICE**
By virtue of an affidavit sworn before In the Court Of Sri Kabiraj Sethi (ORS) Executive Magistrate,Nuagaon,dated 17.05.2025 I Golakha Bihari Jani, Address At-Ambajhari, PO/PS- Nuagaon, Dist-Nayagarh, Odisha, Pin-752083 declare that I have changed my name from Golak Bihari Jani to Golakha Bihari Jani. Henceforth, I shall be known as Golakha Bihari Jani for all purposes.

**AFFIDAVIT**
I, Rakesh Agarwalla, S/O Gobind Prasad Agarwalla, R/O Ward No-11, At/po: Karanjia, Dist: Mayurbhanj, Odisha- 757037 shall henceforth be known as Rakesh Kumar Agarwalla vide an affidavit sworn before The Notary Public at Karanjia court on 20/01/2025. That Rakesh Kumar Agarwalla and Rakesh Agarwalla all are the same and one identical person.

**AFFIDAVIT**
By virtue of an affidavit before the Executive Magistrate, Titilagarh, on dated 16/05/2025. I, **Harit Suman S Nag**, formerly known as Harit Suman Nag, S/O Suresh Nag, permanent resident of At- Brahmani Tarang, P.O. Jhartarang, P.S. Brahmani Tarang, Dist- Sundargarh, Odisha, Pin No. 769004 affirm that I have changed my name from **Harit Suman Nag To Harit Suman S Nag.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Harit Suman S Nag.**
Harit Suman S Nag


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୮ ଶିଶୁଙ୍କ ସମେତ...

ହରାଇ ଥିଲେ। ଦମକଳ ବିଭାଗ ଅନୁଯାୟୀ ୬ଟା୩୦ରେ ନିଆଁ ଲାଗିଥିବା ସୂଚନା ମିଳିଥିଲା। ଏହା ପରେ ୧୧ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। ଅନେକ ଲୋକଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ୧୦ ଜଣଙ୍କୁ ଡାକ୍ତରଖାନା ନିଆ ଯାଇଥିଲା। ଦୀର୍ଘ ଦୁଇ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ କରାଯାଇଥିଲା। ଏହି ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାର ପ୍ରତି ୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଦେବାକୁ ଘୋଷଣା କରିଛନ୍ତି।

## କେନ୍ଦ୍ରକୁ 'ସୁପ୍ରିମ'...

ଅଧିସୂଚନା ଜାରି କରିଥିଲେ। ପରବର୍ତ୍ତୀ ସମୟରେ ୨୦୨୧ ମସିହାରେ ଏଥିପାଇଁ ଏକ ମେମୋରାଣ୍ଡମ୍ ଅଣାଯାଇଥିଲା। ମାତ୍ର ୨୦୦୬ରେ ପରିବେଶ ପ୍ରଭାବ ଆକଳନ ବିଜ୍ଞପ୍ତି ଉଲ୍ଲଂଘନ କରିଥିବା ସଂସ୍ଥାକୁ ଆଶ୍ୱସ୍ତି ଦେବା ପାଇଁ ୧୫ ବର୍ଷ ପରେ ସ୍ମାରକପତ୍ର ଜାରି କରାଯିବା ଆଦୌ ଗ୍ରହଣୀୟ ନୁହେଁ। ଯେହେତୁ ଏହି ସଂସ୍ଥାଗୁଡ଼ିକ ପରିବେଶ ପ୍ରଭାବ ଆକଳନ ସଂକ୍ରାନ୍ତ ବିଜ୍ଞପ୍ତି ସମ୍ପର୍କରେ ଜ୍ଞାତ ଥିବା ସତ୍ତ୍ୱେ ଏହାକୁ ଅବଜ୍ଞା କରିଛନ୍ତି, ତେଣୁ ସେମାନେ ଆଶ୍ୱସ୍ତି ପାଇବା ନିମନ୍ତେ ହକଦାର ନୁହନ୍ତି। ଏହି ଆଇନ ଉଲ୍ଲଂଘନ କରି ସେମାନେ କେବଳ ଘୋର ବେଆଇନ କାର୍ଯ୍ୟ କରିନାହାନ୍ତି, ବରଂ ସମାଜ ବିରୋଧୀ କାର୍ଯ୍ୟ କରିଛନ୍ତି। ତେଣୁ ପୂର୍ବ ପରିବେଶ ମଞ୍ଜୁରୀ ସର୍ତ୍ତକୁ କଠୋରଭାବରେ ମୁକାବିଲ କରାଯିବା ଉଚିତ୍। ପରିବେଶ ସଂକ୍ରାନ୍ତ ଓ ପରିବେଶ ଆଇନ ଉଲ୍ଲଂଘନ ସଂକ୍ରାନ୍ତ ମାମଲାଗୁଡ଼ିକରେ ଅଦାଲତ ଆଦୌ ନରମ ମନୋଭାବ ପୋଷଣ କରିପାରିବେ ନାହିଁ। ଏହା ସାମ୍ବିଧାନିକ ଅଦାଲତଗୁଡ଼ିକର ଦାୟିତ୍ୱ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପରିବେଶ ମଞ୍ଜୁରୀ ଆଇନ ଉଲ୍ଲଂଘନ କରି ଦୀର୍ଘବର୍ଷ ଧରି କାର୍ଯ୍ୟ ଚଳାଇଥିବା ଖଣି ଓ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକୁ କ୍ଷମା ନ କରିବା ପାଇଁ 'ବନ ଶକ୍ତି' ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ସରକାରଙ୍କ ନିର୍ଦ୍ଦେଶ ଓ ସରକାରୀ ଆଇନକୁ ଜାଣିଶୁଣି ଉଲ୍ଲଂଘନ କରିଥିବା ଏହି କମ୍ପାନୀ ଓ ସଂସ୍ଥାଗୁଡ଼ିକୁ କ୍ଷମା କରିବା ପାଇଁ କେନ୍ଦ୍ର ସରକାରଙ୍କ ଯୋଜନାକୁ ସମ୍ପୃକ୍ତ ସଂସ୍ଥା ଅଦାଲତରେ ଚ୍ୟାଲେଞ୍ଜ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୭ ମାର୍ଚ୍ଚ ମାସରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଏହି କ୍ଷମା ଯୋଜନା ୬ ମାସ ପାଇଁ ବଳବତ୍ତର ରହିବ ବୋଲି କୁହାଯାଇଥିଲା। ମାତ୍ର ଏହି ଅବଧି ପରେ ମଧ୍ୟ ଅନେକ ଖଣି ଓ ପ୍ରକଳ୍ପକୁ ମଧ୍ୟ ଅନୁଗୃହୀତ କରାଯାଇଥିବା ଅଭିଯୋଗ ହୋଇଥିଲା।

ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ଯଥାର୍ଥ ବୋଲି ସରକାରୀ ଓକିଲ ଯୁକ୍ତି ବାଢ଼ିଥିଲେ ହେଁ ଅଦାଲତ ତାହାକୁ ଗ୍ରହଣ କରିନାହାନ୍ତି। ୨୦୧୭ରେ କେନ୍ଦ୍ର ସରକାରଙ୍କ ଅଧିସୂଚନା କେବଳ ୧୪ ମାର୍ଚ୍ଚ ୨୦୧୭ ସୁଦ୍ଧା ଉଲ୍ଲଂଘନ ମାମଲାଗୁଡ଼ିକ ଉପରେ ପର୍ଯ୍ୟବେଶିତ ଥିଲା। ଏହା ପରେ ଯେଉଁ ସଂସ୍ଥାଗୁଡ଼ିକ ଆଇନ ଉଲ୍ଲଂଘନ କରିଛନ୍ତି, ସେମାନଙ୍କୁ କ୍ଷମା କରାଯାଇ ପାରିବ ନାହିଁ କିମ୍ବା ଏକ୍ସ ଫ୍ୟାକ୍ଟୋ ବା ପୂର୍ବୋବ୍ୟାପୀ ପରିବେଶ ମଞ୍ଜୁରୀ ଦିଆଯିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

## କୁଖ୍ୟାତ ଆତଙ୍କୀ...

ସାମିଲ ଥିଲା। ସେ ନେପାଳରେ ରହି ଲସ୍କର-ଇ-ତୋଏବା ମଡ୍ୟୁଲ ପରିଚାଳନା କରୁଥିଲା। ଏହାର ମୁଖ୍ୟ କାମ ଥିଲା ଲସ୍କରର ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ କ୍ୟାଡର ଏବଂ ଆର୍ଥିକ ସହାୟତା ଯୋଗାଇବା। ସେ ନେପାଳ ଦେଇ ଲସ୍କର ଆତଙ୍କବାଦୀଙ୍କୁ ଭାରତ ପଠାଉଥିଲା ବୋଲି ଜଣାପଡ଼ିଛି।

## ଉତ୍ତେଜନା ବଢାଇଲେ...

କୌଣସି ସମୟରେ କିଛି ଘଟିବାର ଆଶଙ୍କାକୁ ଦୃଷ୍ଟିରେ ରଖି ଆଇଏମଏଫ ପାକିସ୍ତାନ ପାଇଁ ୧୧ଟି ନୂତନ ସର୍ତ୍ତ ଲାଗୁ କରିଥିବା ବିଭିନ୍ନ ଗଣମାଧ୍ୟମ ରିପୋର୍ଟରେ ଖବର ପ୍ରକାଶ ପାଇଛି। ପାକିସ୍ତାନ ଉପରେ ଲାଗୁ ହୋଇଥିବା ନୂତନ ସର୍ତ୍ତଗୁଡ଼ିକ ମଧ୍ୟରେ ଶେହବାଜ ସରକାରଙ୍କ ଦ୍ୱାରା ଅନୁମୋଦନ କରାଯାଇଥିବା ୧୭,୬୦୦ ଟ୍ରିଲିୟନ ଟଙ୍କାର ବଜେଟ,ବିଦ୍ୟୁତ୍ ବିଲ୍ ଉପରେ ଋଣ ପରିଶୋଧ ସରଚାର୍ଜ ବୃଦ୍ଧି ଏବଂ ତିନି ବର୍ଷରୁ ପୁରୁଣା କାର ଆମଦାନୀ ଉପରେ ପ୍ରତିବନ୍ଧକ ଉଠାଇବା ଅନ୍ତର୍ଭୁକ୍ତ ରହିଛି। ପାକିସ୍ତାନ ସରକାର ତାଙ୍କ ବଜେଟରେ ପ୍ରତିରକ୍ଷା ବିଭାଗ ପାଇଁ ଅହେତୁକ ଭାବେ ବ୍ୟୟ ବରାଦ ବୃଦ୍ଧି କରିଛନ୍ତି। ଆସନ୍ତାବର୍ଷ ପାଇଁ ପ୍ରତିରକ୍ଷା ବଜେଟ୍ ୨.୪୧୪ ଟ୍ରିଲିୟନ ଟଙ୍କା ରଖାଯାଇଥିଲା ବେଳେ ଗତ ବଜେଟ ତୁଳନାରେ ଏହା ୨୫୨ ବିଲିୟନ ଡଲାର ଅଧିକ ରହିଛି। ଭାରତ ସହ ଉତ୍ତେଜନା ବୃଦ୍ଧି ପାଉଥିବାରୁ ପାକିସ୍ତାନ ସରକାର ଜାଣିଶୁଣି ପ୍ରତିରକ୍ଷା ବଜେଟ୍ ବୃଦ୍ଧି କରିଛନ୍ତି। କିନ୍ତୁ ଏହାଦ୍ୱାରା ପାକିସ୍ତାନର ସ୍ଥିତି ଆହୁରି ଖରାପ ହେବ ବୋଲି ଆଇଏମଏଫ ସୁଚାଇ ଦେଇଛି। ପାକିସ୍ତାନ ନିଜର ଆର୍ଥିକ ସ୍ଥିତିରେ ଆଣିବା ଲାଗି ଆଇଏମଏଫ ଠାରୁ ଋଣ ଗ୍ରହଣ କରୁଛି। କିନ୍ତୁ ଆର୍ଥିକ ଏବଂ ବଜାର ସ୍ଥିତିକୁ ଦୃଷ୍ଟି ନଦେଇ ସରକାର ବଜେଟ୍ ପ୍ରସ୍ତୁତ କରିବା ଏବଂ ଅନ୍ୟ କ୍ଷେତ୍ରଗୁଡିକରେ ରିଆତି ହ୍ରାସ ନ କରିଲେ ସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିବ ବୋଲି ଆଇଏମଏଫ କହିଛି।

## ପୁଅକୁ ହତ୍ୟାକରି...

କଳହରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ୍ ସନ୍ଦେହ କରୁଛି। ସ୍ଥାନୀୟ ଲୋକଙ୍କ ସୂଚନାନୁଯାୟୀ, ପାଖାପାଖି ୩ଦିନ ତଳେ କୌଣସି କଥାକୁ କେନ୍ଦ୍ର କରି ଶେଷଦେବଙ୍କ ପରିବାରରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପରିବାରଲୋକ ବଡ଼ପୁଅ ବାଦଲକୁ ପିଟିପିଟି ହତ୍ୟା କରିଦେଇଥିଲେ। ତେବେ ଧରାପଡ଼ିଯିବା ଭୟରେ ସେମାନେ ରାତାରାତି ବାଡ଼ିପଟେ ଗାତ ଖୋଳି ବାଦଲଙ୍କ ଶବ ପୋତି ଦେଇଥିଲେ। ହଠାତ୍ ବାଦଲ ଗାୟବ ହୋଇଯିବାରୁ ଗାଁ ଲୋକଙ୍କ ସନ୍ଦେହ ହୋଇଥିଲା। ଏ ସଂପର୍କରେ ସେ ପରିବାରଲୋକଙ୍କୁ ପଚରାଉଚରା କରିଥିଲେ ହେଁ ସନ୍ତୋଷଜନକ ଉତ୍ତର ପାଇନଥିଲେ। ତେବେ କିଛି ଗ୍ରାମବାସୀ ଏନେଇ ରେଢ଼ାଖୋଲ ପୁଲିସ୍‌କୁ ଜଣାଇବା ପରେ ପୁଲିସ୍ ଆଜି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ତେବେ ଶେଷଦେବଙ୍କ ବାଡ଼ିପଟେ ଏକ ବଡ଼ ଗାତ ପୋତା ହୋଇଥିବା ଦେଖି ପୁଲିସ୍‌ର ସନ୍ଦେହ ହୋଇଥିଲା। ତେଣୁ ଜେସିବି ସାହାଯ୍ୟରେ ପୁଲିସ୍ ସେଠାରେ ଖୋଳିବାରୁ ବାଦଲଙ୍କ ଗଳିତ ଶବ ମିଳିଥିଲା। ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ଥାନାଧିକାରୀ ଚନ୍ଦ୍ରମୋହନ ସିଂ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

## ଦୁଇଶହ ପରିବାରର...

ସଦର ମୁଖ୍ୟ ଚିକିତ୍ସାଳୟକୁ ଯାଇ ରୋଗ ଦେଖାଇ ଔଷଧ ଆଣି ଖାଇଲେ। କିଛି ଘଣ୍ଟା ଯନ୍ତ୍ରଣାରୁ ମୁକ୍ତି ମିଳିଲା। କିନ୍ତୁ ପରେ ଅବସ୍ଥା ଯାହାକୁ ସେୟା। ମେଷାକ ରବି ମାଦ୍ରୀ, ନାଗଲୁ ସେନ୍ତାଆମ୍ମା, ନାଗଲୁ ମଞ୍ଜୁ, ସୁଧାଲ ଜୟ ରାଜୁ, ବତୀନ ଜୟରାଜୁ, ବତୀନ ଦୈବ କୁମାରୀ, ବେଦି ଧନ ଲକ୍ଷ୍ମୀ, ଚିନାମ ମିନତୀ, ମାଦ୍ରୀ ସାଲବମ, ମାଦ୍ରୀ କୃପାବତୀ, ମାଦ୍ରୀ ପଦ୍ମା ମଣି, ବାତିମ ସୀମା, ତୋକଲ ରାଜୁ, ବନ୍ତାଲ ୱାରା ଲକ୍ଷ୍ମୀ, କୋଡ଼ି ଶକୁନ୍ତଳା, ନାଗଲୁ ସୁନୀଲ, ସୁଧାଲ ଜୟ ଆମ୍ମା, ଚିନାମ ରୁପା ରାଣୀଙ୍କ ପରିବାର ଭଳି ୨ଶହ ପରିବାରର ୫ ଶହ ଲୋକେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଯନ୍ତ୍ରଣା ଅଧିକ ହେବାରୁ କିଛି ରୋଗୀ ପଡ଼ୋଶୀ ରାଜ୍ୟର ଘରୋଇ ଡାକ୍ତରଖାନାକୁ ଯାଉଥିବା ଜଣାଯାଇଛି।

୩ ମାସ ତଳେ ଲୋକଙ୍କ ଶରୀରରେ ଏଭଳି ଲକ୍ଷଣ ଦେଖାଦେଇଥିଲା। ସେତେବେଳେ ଚିକିତ୍ସା ଦ୍ୱାରା ଏହା ଠିକ୍ ହୋଇଯାଇଥିଲା। ଏବେ ଲୋକଙ୍କ ମଧ୍ୟରେ ପୂର୍ବାପେକ୍ଷା ଭିନ୍ନ ଲକ୍ଷଣ ଦେଖିବାକୁ ମିଳିଛି। ଦାୟିତ୍ୱରେ ଥିବା ଡାକ୍ତର ରାଜନାରାୟଣ ସିଂଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ରକ୍ତ ନମୁନା ସଂଗ୍ରହ କରିବା ପାଇଁ ସ୍ୱତନ୍ତ୍ର ଲବ୍ରୋରେଟୋରିରୁ ଟିମ୍ ଆସି ସାରିଲେଣି। ଚିକିତ୍ସା ପାଇଁ ଟିମ୍ ପହଞ୍ଚି ଆରମ୍ଭ କରିବେ। କେତେ ଲୋକ ଆକ୍ରାନ୍ତ ଜଣାପଡ଼ିବ। ରୋଗ ଚିହ୍ନଟ କରାଯାଇ ଚିକିତ୍ସା କରାଯାଇ ସମସ୍ତଙ୍କୁ ଆରୋଗ୍ୟ କରାଯିବ। ତେବେ ଏ ସମ୍ପର୍କରେ ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୌମ୍ୟକାନ୍ତ ବେହେରା ପରୀକ୍ଷା ଏବଂ ଟ୍ରେନିଂ ପାଇଁ ବାହାରକୁ ଯାଇଥିବାରୁ ତାଙ୍କ ସହ ଫୋନ ଯୋଗେ ଯୋଗାଯୋଗ ହୋଇପାରିନାହିଁ।

# ବିନା କାଗଜପତ୍ରରେ କେନ୍ଦୁପତ୍ର ଚାଲାଣ

ମାଥିଲି,୧୮।୫ (ସମିସ): ସରକାର ଫଡ଼ି ମାଧ୍ୟମରେ କେନ୍ଦୁପତ୍ର କ୍ରୟ କରୁଛନ୍ତି। କିନ୍ତୁ ବିଭାଗ ପାଖରେ ହିସାବ ନାହିଁ ଚଳିତ ବର୍ଷ କେତେ ପରିମାଣରେ କେନ୍ଦୁପତ୍ର ବାହାରିଛି। ସେଥିପାଇଁ ବିଭାଗ ଚଳିତ ବର୍ଷ କେତେ କ୍ରୟ କରିବ ତାହାର ନିର୍ଦ୍ଧାରଣ କରି ପାରୁନାହିଁ। ସରକାରଙ୍କ ଲକ୍ଷ୍ୟ ଧାର୍ଯ୍ୟ ଠାରୁ ଢେର ଅଧିକ କେନ୍ଦୁପତ୍ର ବାହାରୁଛି। ଯାହା ଫଳରେ ବାହାର ଦଲାଲ ମାନଙ୍କୁ କେନ୍ଦୁପତ୍ରକୁ ଶାଗ ମାଛ ଦରରେ କ୍ରୟ କରିବା ପାଇଁ ସୁଯୋଗ ମିଳି ଯାଉଛି। ବାହାର ଦଲାଲମାନେ ପଞ୍ଚାୟତ ମାନଙ୍କରେ ଗୋଟିଏ ଗୋଟିଏ ରସିଦ କାଟି କେନ୍ଦୁପତ୍ର ତ କ୍ରୟ କରୁଛନ୍ତି। କିନ୍ତୁ ଫଡ଼ିରୁ କେନ୍ଦୁପତ୍ର ଗୋଦାମ ଗୃହକୁ ଆଣିବା ପାଇଁ କୌଣସି କାଗଜପତ୍ର ଦେଉନାହାନ୍ତି ପଞ୍ଚାୟତ ଅଧିକାରୀ ମାନେ। ଫଳରେ କେଉଁ ପଞ୍ଚାୟତରେ କେତେ କେନ୍ଦୁପତ୍ର



କ୍ରୟ ହୋଇଛି ତାହାର ହିସାବ ରହୁ ନାହିଁ। ଏଣୁ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛି ପଞ୍ଚାୟତ। ଚଳିତ ବର୍ଷ କେନ୍ଦୁପତ୍ର ବିଭାଗ, ବନ ବିଭାଗ ଓ ସ୍ଥାନୀୟ ପୁଲିସ କର୍ମଚାରୀ ମିଳିତ ଭାବରେ ପଞ୍ଚାୟତରେ ରସିଦ କାଟି କ୍ରୟ କରୁଥିବା ବ୍ୟବସାୟୀଙ୍କୁ ବେଆଇନ କହି ଚଢ଼ଉ କରି ବହୁ କେନ୍ଦୁପତ୍ର ଜବତ କରିଥିଲେ। କିନ୍ତୁ ସେହି ଚଢ଼ଉ କ୍ଷଣିକ ଥିଲା। କିନ୍ତୁ ଏବେ କେନ୍ଦୁପତ୍ର ବେପାରୀମାନେ ବିନା ଚାଲାଣରେ ଫଡ଼ିରୁ ଗୋଦାମଗୃହକୁ ବେଧଡ଼କ ଭାବେ ଚାଲାଣ କରୁଛନ୍ତି। ସବୁ ଜାଣି ନିରବଦ୍ରଷ୍ଟା ସାଜିଛି ପ୍ରଶାସନ। ବାହାର ରାଜ୍ୟର କେନ୍ଦୁପତ୍ର ବ୍ୟବସାୟୀ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ମାନଙ୍କୁ ପ୍ରଲୋଭିତ କରି ନିଜେ ନଆସି ସେହି ସ୍ଥାନୀୟ ଯୁବକ ମାନଙ୍କ ଦ୍ୱାରା ବେଆଇନ ଭାବେ ଲକ୍ଷ ଲକ୍ଷ ଟଙ୍କାର କେନ୍ଦୁପତ୍ର କ୍ରୟ କରୁଥିବା ଅଭିଯୋଗ ହେଉଛି। ଏପରି ଏକ ଚିତ୍ର ସାମ୍ନାକୁ ଆସିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ୨୦ଟି ପଞ୍ଚାୟତରୁ। ଯେଉଁଠି ଦେଖିବାକୁ ମିଳିଛି ବେଧଡ଼କ ଭାବେ କେନ୍ଦୁପତ୍ର ଚୋରା ଚାଲାଣ। ଏନେଇ ପ୍ରଶାସନ କିପରି ଖବର ପାଉନି ନା ସବୁ ଜାଣି ନିରବ ଦ୍ରଷ୍ଟା ସାଜିଛି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ବିଷୟରେ ମାଥିଲି ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକଙ୍କ ସହ ଆଲୋଚନା କରିବାରୁ ସେ ଆମକୁ ଏକ ଲିଷ୍ଟ ଦେଇଥିଲେ। ଛତିଶଗଡ଼ ରାଜ୍ୟ ରାଜ ନନ୍ଦଗାଁର ଚେତନ ପଟେଲ, ପଶ୍ଚିମବଙ୍ଗ କୋଲକାତାର ଅନିରୁଦ୍ଧ ଏଣ୍ଟରପ୍ରାଇଜ୍, ଅଶୋକ ଏଣ୍ଟରପ୍ରାଇଜ ଓ ପଶ୍ଚିମବଙ୍ଗ ଧୂଳିଆନର ହିନ୍ଦ ଟ୍ରେଡର ଚାରୋଟି ବ୍ୟବସାୟୀ ମାଥିଲି ଅଞ୍ଚଳରେ କେନ୍ଦୁପତ୍ର କ୍ରୟ କରି ପାରିବେ। ବାକି ଯେଉଁମାନେ ପଞ୍ଚାୟତରେ ରସିଦ କାଟିଛନ୍ତି ସେମାନେ କ୍ରୟ କରି ପାରିବେ ନାହିଁ। ମାଥିଲି ବ୍ଲକ ଅଞ୍ଚଳରେ ମାତ୍ର ଚାରି ଜଣ ବ୍ୟବସାୟୀଙ୍କ ଛଡା ଅନ୍ୟ ବ୍ୟବସାୟୀ ମାନେ କ୍ରୟ କରୁଥିବା ଫଡ଼ି ମାନଙ୍କରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମିଳିତ ଭାବରେ ଚଢ଼ଉ କରାଯିବ ବୋଲି ଶ୍ରୀ ନାୟକ ପ୍ରକାଶ କରିଥିଲେ। ସେଥିପାଇଁ ଗତ ବୁଧବାର ଦିନ ମାଥିଲି ବ୍ଲକ ଅନ୍ତର୍ଗତ ନାୟକ ଗୁଡା ପଞ୍ଚାୟତଠାରେ ବିଭାଗ ତରଫରୁ ବିନା କାଗଜପତ୍ରରେ ଯାଉଥିବା କେନ୍ଦୁପତ୍ର ବୋଝେଇ ଟ୍ରକ ଜବତ କରାଯାଇ ଏକ ଲକ୍ଷାଧିକ ଟଙ୍କା ଜୋରିମାନା ଆଦାୟ କରିଥିବା ସୂଚନା ମିଳିଛି। ବ୍ୟବସାୟୀ ମାନେ ଫଡ଼ିରୁ ବିନା କାଗଜପତ୍ରରେ ବେଧଡ଼କ ଭାବେ କେନ୍ଦୁପତ୍ର କରୁଛନ୍ତି। ଗତ ବୁଧବାର ନାୟକଗୁଡା ଠାରେ ଯେପରି ଚଢ଼ଉ ହୋଇଛି, ସେହିପରି ପ୍ରତି ପଞ୍ଚାୟତରେ ଚଢ଼ଉ କରିବା ପାଇଁ ଦାବି ହେଉଛି।

# ରାୟଗଡ଼ାରେ ପୁଣି ମାତିଲେ ଚୋର

ରାୟଗଡ଼ା,୧୮।୫(ସମିସ):

ରାୟଗଡ଼ାରେ ପୁଣି ମାତିଲେ ଚୋର। ଘରେ କେହି ନ ଥିବାର ସୁଯୋଗ ନେଇ ଘର କବାଟ ଭାଙ୍ଗି କଳା କନା ବୁଲାଇଲେ ଦୁର୍ବୃତ୍ତ। ୧୨ ହଳ ରୁପା ପାଉଁଜି ସହ ନଗଦ ୬୦ ହଜାର ଟଙ୍କା ଲୁଟିନେଲେ ଦୁର୍ବୃତ୍ତ। ଏପରି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ରାଣୀଗୁଡା ଫାର୍ମ ଡିଏଫଓ ଅଫିସ ଦ୍ୱିତୀୟ ଗଳିରେ ରହୁଥିବା ବସନ୍ତ କୁମାର ସ୍ୱାଇଁ ରହୁଥିବା ଭଡା ଘରେ। ଅଭିଯୋଗ ପାଇବା ପରେ ଘଟଣା ସ୍ଥଳରେ ରାୟଗଡ଼ା ଥାନା ପୁଲିସ, ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାର୍ଡ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ମୁତାବକ ବସନ୍ତ ନିଜ ଭାଇର ଦଶାହ କାର୍ଯ୍ୟରେ ଏକ ସପ୍ତାହ ପୂର୍ବରୁ କଟକ ଯାଇଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଏହି ଖବର ଜାଣିବା ପରେ ଘର ମାଲିକ ଗୌର ଶଙ୍କର ପାତ୍ର ପୁଲିସକୁ ଲିଖିତ ଅଭିଯୋଗ ଦେଲା ପରେ ରାୟଗଡ଼ା ଟାଉନ ଥାନା ପୁଲିସ

**● ତାଲା ବନ୍ଦ ଘରୁ ଚୋରି**

ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗତ କିଛି ଦିନ ବ୍ୟବଧାନ ପରେ ପୁଣି ଦୁର୍ବୃତ୍ତ ମାନେ ତାଲା ବନ୍ଦ ଘରକୁ ଟାର୍ଗେଟ କରି ସବୁ ଚୋରି କରି ନେଉଛନ୍ତି। ପୁଲିସ ପକ୍ଷରୁ ରାୟଗଡ଼ା ସହରରେ ସିସିଟିଭି ସ୍ଥାପନା କରାଯାଇ ଚୋରି ଡକାୟତି ଭଳି ମାମଲାକୁ ହ୍ରାସ ପାଇଁ ଚେଷ୍ଟା କରାଯାଉଥିଲେ ମଧ୍ୟ ପୋଲିସ ର ଏହି ବ୍ୟବସ୍ଥା ଏବଂ ପାଟ୍ରୋଲିଂକୁ ଖୋଲା ଚାଲେଞ୍ଜ ଦେଉଛନ୍ତି।

# ସେମିଳିଗୁଡ଼ା ଥାନାରେ ପୂଜା ପାଇଲେ ଅଗ୍ନି ଗଙ୍ଗା ମା’

ସେମିଳିଗୁଡ଼ା, ୧୮।୫ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଓ ଆଖପାଖ ଅଞ୍ଚଳର ଆରାଧ୍ୟ ଦେବୀ ଅଗ୍ନି ଗଙ୍ଗା ମା’ଙ୍କ ବାର୍ଷିକ ଉତ୍ସବ ଯାତ୍ରା ରବିବାର ସପ୍ତମ ଦିନରେ ପହଞ୍ଚିଛି। ପରମ୍ପରା ଅନୁଯାୟୀ, ସେମିଳିଗୁଡ଼ା ଥାନାରେ ମା’ ପୂଜା ପାଇଥିଲେ। ସକାଳେ ମଣ୍ଡପରୁ ମା’ ଙ୍କ ଘଟକୁ ଥାନା ପରିବାର ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା। ମା’ ଥାନାରେ ପହଞ୍ଚିବା ପରେ ପୁଲିସ ପରିବାର ପକ୍ଷରୁ ଭକ୍ତିର ସହ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଥାନା ପକ୍ଷରୁ ଆୟୋଜନ କରାଯାଇଥିବା ନିଆଁ ଝୁଲରେ ମା’ଙ୍କ ଘଟ ଧରିଥିବା ସେବକ ଚାଲିଥିଲେ। ସେଠାରେ ପୂଜାପାଠ ସହ ଥାନା ପକ୍ଷରୁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା। ଥାନା ଅଧିକାରୀ ଅନୀତା



କୁଜୁରଙ୍କ ନେତୃତ୍ୱରେ ପୂଜା କାର୍ଯ୍ୟକ୍ରମ ଆୟୋଜନ ହୋଇଥିବାବେଳେ କମିଟି ସଭ୍ୟ, ପୂଜାରୀମାନେ, ଗ୍ରାମବାସୀ ଯୋଗେ ଦଇଥିଲେ। ଅଗ୍ନି ଗଙ୍ଗା ମା’ଙ୍କୁ ଥାନାରେ ପୂଜା କରିବା ପରମ୍ପରା ବହୁତ ବର୍ଷରୁ ହୋଇଆସୁଛି। ସନ୍ଧ୍ୟାରେ ଘଟ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ପୂଜା ପାଇଥିଲେ। ସପ୍ତମ ଦିନରେ ମୁଖ୍ୟଆକର୍ଷଣ ଭାବେ ଆନ୍ଧ୍ରର କାନ୍ତର ନୃତ୍ୟ ଆୟୋଜନ କରାଯାଇଥିଲା। ଏକ ରୋଡ ଶୋ’ ମଧ ଆୟୋଜନ କରାଯାଉଛି। ରାତିରେ ସମ୍ବଲପୁରର ମେଲୋଡିର ଆୟୋଜନ ହୋଇଥିଲା। ପୁଲିସ ଦଳ ଆଇନ ଶୃଙ୍ଖଳା ଦାୟିତ୍ୱ ତୁଲାଇଥିଲେ। ପ୍ରକାଶ ଥାଉ କି, ଆସନ୍ତା ୨୧ ତାରିଖ ଯାଏଁ ଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ସୋମବାର ଓ ମଙ୍ଗଳବାର ମୁଖ୍ୟ ଯାତ୍ରା ହେବ। କମିଟି ପକ୍ଷରୁ ସବୁ ପ୍ରସ୍ତୁତି କରାଯାଉଥିବା କୁହାଯାଇଛି।

# ଆମ୍ବୁଲାନ୍ସରେ ନାହିଁ ଏସି, ଫ୍ୟାନ୍; ରୋଗୀ ହନ୍ତସନ୍ତ

ମାଲକାନଗିରି,୧୮।୫ (ସମିସ): ପୁଣି ସାମ୍ନାକୁ ଆସିଲା ୧୦୮ ଆମ୍ବୁଲାନ୍ସର ବିକଳ ଚିତ୍ର। ଆମ୍ବୁଲାନ୍ସ ଭିତରେ ନା ଅଛି ଫ୍ୟାନ୍ ନା ଅଛି ଏସି। ଆଉ ପ୍ରବଳ ଗରମରେ ଏମିତି ଆଉଟୁ ପାଉଟୁ ହୋଉଛନ୍ତି ରୋଗୀ ଓ ସମ୍ପର୍କୀୟ। ଏ ଚିତ୍ର ଆସିଛି ମାଲକାନଗିରି ଜିଲ୍ଲାରୁ। ଗତକାଲି ରାତିରେ ବଦଲି ଗାଁରୁ ଜଣେ ୬୦ ବର୍ଷୀୟ ବୃଦ୍ଧାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇ ପଡିବାରୁ ତାଙ୍କୁ ମାଲକାନଗିରି ଡାକ୍ତରଖାନାକୁ ନେବା ଲାଗି ୧୦୮ ଆମ୍ବୁଲାନ୍ସ ଡାକିଥିଲେ ପରିବାର ଲୋକେ। ମହିଳା ଜଣକ ଅଂଶୁଘାତରେ ପୀଡ଼ିତ ଥିବା ଜଣା ପଡିଥିବା ବେଳେ ଆମ୍ବୁଲାନ୍ସରେ କିନ୍ତୁ ଫ୍ୟାନ୍ କିମ୍ବା ଏସି ନଥିବାରୁ ରୋଗୀଙ୍କ ଅବସ୍ଥା ଅଧିକ ସଙ୍କଟାପନ୍ନ ହୋଇ ପଡିଥିବା ଅଭିଯୋଗ ହୋଇଛି। ଆଉ ଏମିତି ପରିସ୍ଥିତିରେ ବିଞ୍ଚଣାରେ ବିଞ୍ଚି ବିଞ୍ଚି ରୋଗୀଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ ସମ୍ପର୍କୀୟ। ଯାହାକୁ ନେଇ ପରିବାରଲୋକେ କ୍ଷୋଭ ପ୍ରକାଶ କରିବା ସହ ଏହି ଘଟଣାର ଭିଡିଓ ମଧ ସାମାଜିକ ଗଣ ମଧମରେ ଘୁରି ବୁଲୁଥିବା ଦେଖିବାକୁ ମିଳିଛି।

■ ଦାନରେ ଯିବ କି ପାଡୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଜମି!

# ଜବରଦଖଲ ଉଚ୍ଛେଦ ପରିବର୍ତ୍ତେ ନୂଆ ସ୍ଥାନ ନିରୂପଣ କାହା ସ୍ୱାର୍ଥରେ ?

ନନ୍ଦପୁର,୧୮।୫ (ସମିସ): ପାଡୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ପ୍ରଶାସନ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପରିବର୍ତ୍ତେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅନ୍ୟତ୍ର ନେବା ପାଇଁ ଚେଷ୍ଟା ଚଳାଇଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ପାଞ୍ଚ ଏକର ଜମି ଜବଦଖଲ ହୋଇଥିବା ବେଳେ ନିରବଦ୍ରଷ୍ଟା ସାଜିଛି ପ୍ରଶାସନ। ଦୀର୍ଘ ବର୍ଷ ଧରି ସ୍ୱାସ୍ଥ୍ୟକେନ୍ଦ୍ରର ନିଜସ୍ୱ ଜମିରେ ପ୍ରାୟ ୨୩ ପରିବାର ବାସଗୃହ ନିର୍ମାଣ କରିଛନ୍ତି। ଲୋକେ ଘର ତିଆରି କରି ରହୁଥିବା ବେଳେ ଏ ନେଇ ପ୍ରଶାସନ କିଭଳି ଜାଣି ପାରିଲେ ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୂତନ ମେଡିକାଲ ନିର୍ମାଣ ନିମେନ୍ତ ଅନୁଦାନ ଆସିବା ପରେ ରବିବାର ଛୁଟି ଦିନରେ ମଧ ନନ୍ଦପୁର ତହସିଲଦାର ପ୍ରଭାତୀ ଝୋଡିଆ ପାଡୁଆ ଉପ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ନୂତନ କୋଠା ନିର୍ମାଣ ନିମନ୍ତେ ତହସିଲଦାର ଜମି ଚିହ୍ନଟ ପକ୍ରିୟା ଆରମ୍ଭ କରିଥିବା ବେଳେ ଉପକେନ୍ଦ୍ରର ପାଞ୍ଚ ଏକର ଜମିରେ ବସତି ସ୍ଥାପନ କରିଥିବା ଲୋକେ ଉପସ୍ଥିତ ରହିଥିଲେ। ତେବେ ଜବରଦଖଲକାରୀଙ୍କୁ କିଛି ନ କହି ମେଡିକାଲ ନୂତନ କୋଠା ନିର୍ମାଣ ନେଇ ତହସିଲଦାର ପ୍ରଭାତୀ ଝୋଡିଆ ନୂତନ ସ୍ଥାନ ନିରୂପଣ ନେଇ ଅଞ୍ଚଳ ପରିକ୍ରମା କରିଥିଲେ। ଉପସ୍ୱାସ୍ଥ୍ୟ କେନ୍ଦ୍ରର ନିଜସ୍ୱ ପାଞ୍ଚ ଏକର ଜମି ରହିଥିବା ବେଳେ ନୂତନ କୋଠା ନିର୍ମାଣ ନେଇ ଅନ୍ୟ ସ୍ଥାନ ନିରୂପଣ ଆବଶ୍ୟକତା କାହିଁକି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜମି ଜବରଦଖଲ ଉଚ୍ଛେଦ ପରିବର୍ତ୍ତେ ନୂତନ ଜମି ଚିହ୍ନଟ ପକ୍ରିୟାକୁ ନିନ୍ଦା କରାଯାଇଛି। ସୂଚିତ ଯେ କୋରାପୁଟ ଜିଲ୍ଲାର ଦ୍ୱିତୀୟ



ବ୍ଲକ ନନ୍ଦପୁର। ନନ୍ଦପୁର ଜିଲ୍ଲା ପରିଷଦ ଦୁଇ ନମ୍ବର୍ ଜୋନରେ ୧୩ରୁ ଅଧିକ ଗ୍ରାମପଞ୍ଚାୟତର ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ପାଡୁଆ ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ସ୍ୱାସ୍ଥ୍ୟସେବା ନିମନ୍ତେ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ସୁଦୃଢ ନିମନ୍ତେ ସରକାର ନୂତନ କୋଠା ନିମନ୍ତେ ମଞ୍ଜୁରୀ ପ୍ରଦାନ କରିଥିବା ବେଳେ କୋଠା ନିର୍ମାଣରେ ବାଧକ ସାଜିଛି ଜବରଦଖଲ। ପାଡୁଆ ଉପ ସ୍ୱାସ୍ଥ୍ୟକେନ୍ଦ୍ର ରାସ୍ତା କଡରେ ରହିଥିବା ବେଳେ ରୋଗୀ ସେବା ନିମନ୍ତେ ଓ ଯିବା ଆସିବା ପାଇଁ ସୁବିଧା ରହିଛି। ଅନ୍ୟତ୍ର ହେଲେ ଲୋକଙ୍କ ପାଇଁ ଅସୁବିଧା ହେବ। ନୂତନ କୋଠା ନିର୍ମାଣ ପାଇଁ ଜମିକୁ ଯାଇଥିବା ତହସିଲଦାରଙ୍କ ସହ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଦୃବରାଜ ମୁର୍ମୁ ଉପସ୍ଥିତ ରହିଥିଲେ।

# ରାୟଗଡ଼ାରେ ଆଇନ ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼ା,୧୮।୫(ସମିସ): ରାୟଗଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଶନିବାର ଅପରାହ୍ନରେ ସ୍ଥାନୀୟ ରାୟଗଡ଼ା ମ୍ୟୁନିସିପାଲିଟି ପରିସରରେ ଥିବା ଶ୍ରୀରାମନଗରରେ ଜାତୀୟ ଆଇନ ସେବା ପ୍ରାଧିକରଣର ଟୋଲଫ୍ରି ନମ୍ବର, ଅନଲାଇନ ଠିକଣା ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ସହାୟତା ଉପରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାୟଗଡା ବାର ଆସୋସିଏସନର ଆଇନଜୀବୀ ସାମୁଏଲ ତାଣ୍ଡି, ଦେବରାଜ ନାୟକ, ଶ୍ରୀରାମନଗରର ସଭାପତି ଧନିରାମ ନାଏକ, ଉପସଭାପତି ବୃନ୍ଦାବନ ନାଏକ ଓ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟ ନିଜର ବକ୍ତବ୍ୟରେ ଜାତୀୟ ଆଇନ ସେବା ପ୍ରାଧିକରଣର ଟୋଲଫ୍ରି ନମ୍ବର, ଅନଲାଇନରେ କେମିତି ନିଜର ଅଭିଯୋଗ ଦାଖଲ କରିବା ତାହା ଜନସାଧାରଣ ଙ୍କୁ ଜଣାଇଥିଲେ ଓ ବିଭିନ୍ନ ଅସୁବିଧା ସମୟରେ ଏହାର ସୁବିଧା ନେବା ପାଇ କହିଥିଲେ। ସାମୁଏଲ ତାଣ୍ଡି ନିଜର ବକ୍ତବ୍ୟରେ ସରକାରଙ୍କ ତରଫରୁ ଉପଲବ୍ଧ ଥିବା ବିଭିନ୍ନ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମ ପରିଶେଷରେ ଏକ ଖୋଲା ଆଲୋଚନାରେ ଉପସ୍ଥିତ ଅତିଥିମାନେ ଅଂଶଗ୍ରହଣକାରୀ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ପରିଶେଷରେ ଦେବରାଜ ନାୟକ ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ସବୁଠି ଆର୍ଟ ଅଫ୍ ଗିଭିଙ୍ଗର ବାର୍ତ୍ତା

ରାୟଗଡ଼ା,୧୮।୫(ସମିସ): ରାୟଗଡ଼ା ସହରରେ ଆର୍ଟ ଅଫ୍ ଗିଭିଙ୍ଗ ଦିବସ ପାଳିତ ହୋଇଯାଇଛି। ରାୟଗଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ ଆର୍ଟ ଅଫ ଗିଭିଙ୍ଗ କାର୍ଯ୍ୟକ୍ରମର ସଂଯୋଜକ ରାୟଗଡ଼ା କଳିଙ୍ଗ ଟିଭି ବ୍ୟୁରୋ ହେଡ୍ ଅମୂଲ୍ୟ ରତ୍ନ ସାହୁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନିହାର ରଂଜନ କହଁର ଯୋଗଦେଇ ଆର୍ଟ ଅଫ୍ ଗିଭିଙ୍ଗର ମହତ୍ୱ ଉପରେ କହିଥିଲେ। କିସ ଅଭିଭାବକ ସଂଘ ର ସଭାପତି ମାଝି ପିଡିକାକା ସମ୍ମାନୀତ ଅତିଥି , ଅନ୍ୟତମ ଅତିଥି ଭାବେ ବୁଦ୍ଧୁ କୋଣ୍ଡାଗିରି ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନିହାର ରଂଜନ କହଁର ଓ ଉତ୍କଳ ଆଲୁମିନାର ମାନବସମ୍ବଳ ବିକାଶର ସାଧାରଣ ପରିଚାଳକ ପୀତାମ୍ବର ବେହେରାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଡଃ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଲିଖିତ ପୁସ୍ତକ ଆର୍ଟ ଅଫ ଗିଭିଙ୍ଗର ଶୁଭ ଉନ୍ମୋଚନ ମଧ କରାଯାଇଥିଲା । ରାୟଗଡା ସ୍ୱାଙ୍ଗ ।ସିତ ମହାବିଦ୍ୟାଳୟ ପରିସରରେ ହେଉଥିବା ଏନ୍‌ସିସି କ୍ୟାମ୍ପରେ ଆର୍ଟ ଅଫ୍ ଗିଭିଙ୍ଗର ବାର୍ତା ପହଞ୍ଚାଇବା ପାଇଁ ସଚେତନତା କରାଯାଇଥିଲା। ଏନ୍‌ସିସି କ୍ୟାପଟେନ ରୀତାରାଣୀ ମିଶ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସେବା ସମାଜ ବାଳିକା ଅନାଥ ଆଶ୍ରମ ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଛାତ୍ରୀମାନଙ୍କୁ କିସ ଅନୁଷ୍ଠାର ପୂର୍ବତନ ଛାତ୍ରୀ ଅମରାବତୀ ଉଲାକା, କଲ୍ୟାଣସିଂପୁର ବ୍ଲକର କନିଷ୍ଠ ଯନ୍ତ୍ରୀ ଗିରିଜା ଶଙ୍କର ପତି ଓ କଳିଙ୍ଗ ଟିଭିର ବ୍ୟୁରୋହେଡ୍‌ଙ୍କ ତରଫରୁ ଅନ୍ତେବାସୀଙ୍କୁ ଉପହାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜେସ୍ୱରୀ ଦଳାଇ, ଦିପ୍ତିମୟୀ ପ୍ରଧାନ ଓ ସବିତା ଶବରର ସହଯୋଗ କରିଥିଲେ। କିସ୍ ଅନୁଷ୍ଠାନର ଜିଲ୍ଲା ସଂଯୋଜକ ରୋନୀତ ସବର ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।




■ ଶ୍ରୀଚୈତନ୍ୟ ଟେକ୍ନୋ ସ୍କୁଲ

# ଦଶମରେ କେ.ଦିକ୍ସିତା ଓ ଦ୍ୱାଦଶରେ ପଦ୍ମାଳୟା ଟପ୍ପର

▶ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଶତ ପ୍ରତିଶତ ସଫଳତା

ରାୟଗଡ଼ା,୧୮।୫(ସମିସ): ଚଳିତ ବର୍ଷ ସିବିଏସଇ ଦ୍ୱାଦଶ ଓ ଦଶମ ପରୀକ୍ଷାରେ ରାୟଗଡା ଜିଲ୍ଲାର ଶ୍ରୀ ଚୈତନ୍ୟ ସ୍କୁଲ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଦଶମ ଶ୍ରେଣୀରେ କେ.ଦିକ୍ସିତା ମୋଟ ୯୭ ପ୍ରତିଶତ ରଖିବା ବେଳେ ଦ୍ୱାଦଶରେ ପଦ୍ମାଳୟା ମହାପାତ୍ର ୯୩ ପ୍ରତିଶତ ରଖି ସ୍କୁଲ ପାଇଁ ଗୌରବ ଆଣିଛନ୍ତି। ଦଶମ ଓ ଦ୍ୱାଦଶରେ ୧୦୦ ପ୍ରତିଶତ ସୁଫଳ ମିଳିଥିବା ଯୋଗୁଁ ଅଭିଭାବକମାନେ ସ୍କୁଲ କର୍ତ୍ତୃପକ୍ଷ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଟପ୍ପର ହୋଇଥିବା ପଦ୍ମାଳୟାଙ୍କ ବାପା ପ୍ରବୀର କୁମାର ମହାପାତ୍ର ବିଦ୍ୟାଳୟରେ ପିଲାଙ୍କୁ ଉଚିତ ଓ ଉନ୍ନତମାନର ଶିକ୍ଷା ଦିଆଯାଉଥିବା କହିଛନ୍ତି। ଲଗାତାର ୨ବର୍ଷ ଧରି ୧୦୦ପ୍ରତିଶତ ପାସ୍ ରେଜଲ୍ଟ ଦେବାରେ ଶ୍ରୀଚୈତନ୍ୟ ଜିଲ୍ଲାର ଏକ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ବୋଲି କୁହାଯାଉଛି। ଦ୍ୱିତୀୟ ବର୍ଷର ଫଳାଫଳ ଦେଖିବା ପରେ ଓଡ଼ିଶା ଦାୟିତ୍ୱରେ ଥିବା ଏଜିଏମ୍ ବିଦ୍ୟାସାଗର କହିଛନ୍ତି ଯେ ଚିଳିତ ବର୍ଷ ୨୦୨୫-୨୬ରେ ମଧ ଆମ ସ୍କୁଲ ତୃତୀୟଥର ପାଇଁ ୧୦୦ ପ୍ରତିଶତ ଭଲ ପରୀକ୍ଷା ଫଳ ଆଣିବା ପାଇଁ ଚେଷ୍ଟା କରାଯାଉଛି ବୋଲି କୁହାଯାଉଛି।

# ଆର୍ଟ ଅଫ ଗିଭିଂ ଦିବସ ପାଳିତ

କୋରାପୁଟ,୧୮।୫(ସମିସ): କିଟ୍ ଓ କିସ୍ ପକ୍ଷରୁ କୋରାପୁଟର କୋଟସ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସଂଯୋଜକ କୀର୍ତ୍ତିଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲା ଡ୍ରୁଡ଼ାର




ପ୍ରକଳ୍ପ ନିର୍ଦ୍ଦେଶକ ତପନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଡ. ଜଗବନ୍ଧୁ ସାମଲ, ସମ୍ମାନିତ ଅତିଥି ଭାବେ କୋରାପୁଟ ପୌର ପରିଷଦର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଯୋଗ ଦେଇଥିଲେ। ସହରର ବ୍ୟବସାୟି ସଂଘ, ନାପିତ, ଆଟୋ ଓ ମୋଟର କର୍ମଚାରୀ ସଂଘ , ପୁରୋହିତ ସଂଘର ସଦସ୍ୟମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କିସ୍ ଅଭିଭାବକ ସଂଘର ସଭାପତି ସୁନିତା ମୁଦୁଲି ଓ କିସ୍ କୋର୍ଡିନେଟର ମାନସ ମହାନ୍ତି ଅତିଥିମାନଙ୍କୁ ସମ୍ମାନିତ କରିଥିଲେ।

# ବନ ବିଭାଗର ଜଳଛତ୍ର ଲୋକ ଦେଖାଣିଆ

କଲ୍ୟାଣସିଂହପୁର,୧୭।୫(ସମିସ): ଗ୍ରୀଷ୍ମ କାଳରେ ଲୋକଙ୍କୁ ଶୋଷ ମେଣ୍ଟାଇବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଜଳଛତ୍ର ଖୋଲାଯାଇଛି। ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ବନାଞ୍ଚଳ ପକ୍ଷରୁ ନିଜ କାର୍ଯ୍ୟାଳୟ ନିକଟରେ ଏକ ଜଳଛତ୍ର ଖୋଲା ଯାଇଛି। ଉକ୍ତ ଜଳଛତ୍ର ବିଭାଗ ଦ୍ୱାରା ପରିଚଳିତ ହେଉଥିଲେ ମଧ୍ୟ କେବେ ହେଲେ ଉକ୍ତ ମାଠିଆରେ ପାଣି ରହୁନଥିବାରୁ ବାଟୋଇ ନିରାଶ ହୋଇ ଫେରୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ପରିଚାଳନାଗତ ତ୍ରୁଟି ଯୋଗୁଁ ଖାଲି ମାଠିଆ ପଡିରହୁଛି। ଉକ୍ତ କାର୍ଯ୍ୟାଳୟ ଦେଇ ପାରସଲି ପଞ୍ଚାୟତର ନିୟମଗିରି ଡଙ୍ଗରିଆ , ବଦଦ୍ୱାରସାହି, ପୁରୁଣା ଭଟ୍ଟା, ପାଟବନ୍ଧ, ଘାଗୁଡିମାଲ,ରାଉତ ପରଡିଗୁଡା ଓ ବିଭିନ୍ନ ଗ୍ରାମର ଲୋକମାନେ ଯାତାୟାତ କରିଥାନ୍ତି। ତଣ୍ଟି ଶୁଖିଯାଉଥିବା ବେଳେ ପାଣି ମୁନ୍ଦାଏ ମିଳୁନଥିବାରୁ ଜଳଛତ୍ର କେବଳ ନାମକୁ ମାତ୍ର ବୋଲି ବାଟୋଇ ମାନେ କହୁଛନ୍ତି।

# ପିଲାଙ୍କୁ ଶିକ୍ଷା ସାମଗ୍ରୀ ବଣ୍ଟନ




ଗୁଣୁପୁର, ୧୮।୫(ସମିସ): ରାୟଗଡା ଜିଲ୍ଲା ଗୁଣୁପୁର ବାଳ ନିକେତନ ଶିଶୁଯତ୍ନ ଅନୁଷ୍ଠାନ ପରିସରରେ ଆଜି ଆର୍ଟ ଅଫ୍ ଗୀଭିଙ୍ଗ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ପରାମର୍ଶଦାତା ଅଜିତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ବଂଶଧାରା ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମହାକୁଡ଼, ଯୁବ ଶିକ୍ଷାବିତ୍ ଅଶୋକ କୁମାର କର ଓ କଳିଙ୍ଗ ଟିଭିର ଯୁବ ସାମ୍ବାଦିକ ରାଜେଶ କୁମାର ପାଢୀ ଯୋଗଦେଇ ଦେବାର ବିଭିନ୍ନ କଳା ଓ କୌଶଳ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଅଖିଳ ମହାନ୍ତି, କୈଳାସ ଶବର, ବଳରାମ ପଣ୍ଡା, ଶୁଭ୍ରଜିତ ମହାନ୍ତି, ସାଇରାମ ପଣ୍ଡା ପ୍ରମୁଖ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ପିଲାଙ୍କୁ ଶିକ୍ଷଣୀୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। କଳିଙ୍ଗ ଟିଭିର ଯୁବ ସାମ୍ବାଦିକ ସତୀଶ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସେବା ସମାଜ ଠାରେ ମଧ ଆର୍ଟ ଅଫ ଗିଭିଙ୍ଗ ଡେ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବଂଶଧାରା କଲେଜର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମହାକୁଡ, ସେବା ସମାଜ ସମ୍ପାଦକ ରାଜେଶ୍ୱରି ଦଳେଇ ଯୋଗ ଦେଇ ଅନୁଷ୍ଠାନର ଛାତ୍ରୀମାନଙ୍କୁ ଆର୍ଟ ଅଫ୍ ଗିଭିଙ୍ଗ ଡେ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ବି ସତିଶ କୁମାର ଓ ରାଜେଶ ପାଢ଼ୀ ପରିଚାଳନା କରିଥିଲେ।

# ଅବ୍ୟବସ୍ଥା ଘେରରେ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ର

କୋରୁକୋଣ୍ଡା,୧୮।୫(ସମିସ):

ଲକ୍ଷାଧିକ ଲୋକଙ୍କ ଆଶା ଭରସା ପାଲଟିଥିବା ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ଦିନକୁ ଦିନ ବଢ଼ି ଚାଲିଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଏ ସମ୍ପର୍କରେ ସବୁ ଜାଣି ନିରବଦ୍ରଷ୍ଟା ସାଜିଛନ୍ତି। ସୂଚନା ମୁତାବକ ୧୯୬୨ ମସିହାରେ ଚିତ୍ରକୋଣ୍ଡା ଡ୍ୟାମ ପ୍ରକଳ୍ପ ପକ୍ଷରୁ ୧୦ ବର୍ଷିଆ ଯୋଜନାରେ ଏହି ଚିକିତ୍ସାଳୟ ଗୃହ ନିର୍ମାଣ କରାଯାଇଥିଲା। ବାଲିମେଳା ପ୍ରୋଜେକ୍ଟ ଏହାର ପରିଚାଳନା କରୁଥିଲା। ଗତ ୧୯୮୭ ମସିହାରେ ସ୍ୱାସ୍ଥ୍ୟ ବିଭାଗ ଏହି ଚିକିତ୍ସାଳୟର ଦାୟିତ୍ୱ ଗ୍ରହଣ କରିଥିଲା। ଏହା ପରେ ସ୍ୱାସ୍ଥ୍ୟ ବିଭାଗ କେତେକ ପଦବୀ ଉଚ୍ଛେଦ କରି ଏଠାରେ ଆବଶ୍ୟକ ଥିବା ଡାକ୍ତରଙ୍କ ସମେତ ଅନ୍ୟାନ୍ୟ ପଦବୀ ଗୁଡିକୁ ପୂରଣ କରିବା ସହିତ ରୋଗୀଙ୍କ ପାଇଁ ଆବଶ୍ୟକ ହେଉଥିବା ସମସ୍ତ ପ୍ରକାର ଔଷଧ ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯୋଗାଇ ଦେଇଥିଲେ। କିନ୍ତୁ ବର୍ତ୍ତମାନ ବାଲିମେଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଛନ୍ତି ୫ ଜଣ ଡାକ୍ତର। ସେମାନଙ୍କ ମଧ୍ୟରୁ ଜଣେ ହୋମିଓପ୍ୟାଥିକ ଡାକ୍ତର ରହିଛନ୍ତି। ବିଡମ୍ବନାର ବିଷୟ ଏଠାରେ କୌଣସି ବିଶେଷଜ୍ଞ ଡାକ୍ତର ନାହାନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା



ପାଇଁ ବାଲିମେଳା ସହର ସମେତ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଗୁରୁତର ଏବଂ ଅଧିକାଂଶ ସାଧାରଣ ରୋଗୀଙ୍କୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ଅନ୍ୟାନ୍ୟ ଅଞ୍ଚଳରେ ଥିବା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିବା ଅଭିଯୋଗ ହୋଇଛି। ଫଳରେ ରୋଗୀଙ୍କୁ ବହୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ମେଡିକାଲରେ ଦୁଇଜଣ ଫର୍ମାସିଷ୍ଟ, ଦୁଇଜଣ ଷ୍ଟାଫନର୍ସ, ତିନି ଜଣ ଏଏନ୍‌ଏମ, ଜଣେ ପୁରୁଷ ଆଉ ଜଣେ ମହିଳାଙ୍କ ସହ ମୋଟ ୨ ଜଣ ଆଟେନାଣ୍ଟ, ଜଣେ ରୋଷେୟା, ୩ ଜଣ ସଫେଇ କର୍ମଚାରୀ, ୩ ଜଣ ସୁରକ୍ଷା କର୍ମୀଙ୍କ ସମେତ ଜଣେ ଅସ୍ଥାୟୀ କର୍ମଚାରୀ ଲାବ୍ରୋଟୋରୀ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଛନ୍ତି। ରୋଗୀଙ୍କର ମଳ, ପରିସ୍ରା, ରକ୍ତ ସମେତ ଅନ୍ୟାନ୍ୟ ପରୀକ୍ଷା ଗୁଡିକୁ ମେଡିକାଲରେ କରିବା ପାଇଁ ଆବଶ୍ୟକୀୟ ଯନ୍ତ୍ରାଂଶ ଗୁଡିକ ନଥିବାରୁ ପ୍ରାଇଭେଟ କ୍ଲିନିକକୁ ପଠା ଯାଉଥିବା ଅଭିଯୋଗ ହେଉଛି। ମେଡିକାଲରେ ଟିଟି ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଔଷଧ ମହଜୁଦ ଥିଲେ ମଧ୍ୟ ବାହାର ଦୋକାନରୁ ଔଷଧ କିଣିବାକୁ ପଠା ଯାଉଛି ବୋଲି ଅଭିଯୋଗ ହୋଇଛି। ସେହିପରି ମେଡିକାଲରେ ଆଣ୍ଟିବାଇଟିକ ଔଷଧ ଓ ଇଞ୍ଜେକ୍ସନ ମହଜୁଦ ଥାଇ ମଧ୍ୟ ବାହାରୁ ଅଧିକ ଦର ଦେଇ ଔଷଧ କିଣିବାକୁ ବାଧ

**➤ ନାହାନ୍ତି ବିଶେଷଜ୍ଞ ଡାକ୍ତର**
**➤ ସାଧାରଣ ରୋଗୀଙ୍କୁ ମଧ ସ୍ଥାନାନ୍ତର**

ହେଉଛନ୍ତି ଲୋକେ। ଗତ କିଛିଦିନ ହେଲା ରୋଗୀଙ୍କୁ ବାହାରୁ ସିରିଞ୍ଜ କିଣି ଆଣିବାକୁ ମଧ୍ୟ କୁହାଯାଉଛି ବୋଲି ଅଭିଯୋଗ ହେଉଛି। ସନ୍ଧ୍ୟା ୮ ଟା ପରେ ମେଡିକାଲରେ କୌଣସି ଡାକ୍ତର କିମ୍ବା କର୍ମଚାରୀ ରହୁନାହାନ୍ତି ବୋଲି ରୋଗୀ ମାନେ ପ୍ରକାଶ କରିଛନ୍ତି। ଗୁରୁତର କିମ୍ବା ସାଧାରଣ ରୋଗୀ ରାତିରେ ଚିକିତ୍ସା ପାଇଁ ମେଡିକାଲ ଆସିଲେ ବହୁତ ହଇରାଣ ହେଉଥିବା ଲୋକେ ପ୍ରକାଶ କରିଛନ୍ତି। ଫୋନ୍ କରି ଡାକିଲେ ଡାକ୍ତର ଏବଂ ଅନ୍ୟ କର୍ମଚାରୀମାନେ ଆସି ରୋଗୀଙ୍କ ସମସ୍ୟା ବୁଝୁଛନ୍ତି ବୋଲି ଅଭିଯୋଗ ହୋଇଛି। ମେଡିଲାଲରେ ଆଜି ପର୍ଯ୍ୟନ୍ତ ସିସିଟିଭି କ୍ୟାମେରା ଲଗାଯାଇନାହିଁ। ମେଡିକାଲରେ ଆଡ଼ମିସନ ହେଉଥିବା ରୋଗୀଙ୍କୁ ରୋଗୀ କଲ୍ୟାଣ ସମିତି ପକ୍ଷରୁ ଖାଦ୍ୟ ଦିଆଯାଉନାହିଁ ବୋଲି ମଧ୍ୟ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବାଲିମେଳା ହସ୍ପିଟାଲର ମେଡିକାଲ ଅଫିସର ଡାକ୍ତର ହୁସେନ ଖାନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ମେଡିକାଲରେ ସିରିଞ୍ଜ ନଥିବାରୁ ବାହାରୁ ଆଣିବାକୁ କୁହାଯାଇଛି। ବିଭିନ୍ନ ପରୀକ୍ଷା ପାଇଁ ଏଠାରେ ସୁବିଧା ନଥିବାରୁ ବାହାରକୁ ପଠା ଯାଉଥିଲା। ଔଷଧ କିଣିବା ପାଇଁ ପୂର୍ବରୁ ବାହାର ଦୋକାନକୁ ପଠା ଯାଉଥିଲା। କିନ୍ତୁ ଆଉ ନ ପଠାଇବା ପାଇଁ ସେ ସମସ୍ତଙ୍କୁ ତାଗିଦ କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ବ୍ରଜ ବନ୍ଧୁ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ସମ୍ପର୍କରେ ତାଙ୍କ ପାଖକୁ ବହୁତ ଜଣ ଫୋନ କରି ବିଭିନ୍ନ ଅଭିଯୋଗ ଜଣାଇଛନ୍ତି। ସୋମବାର ଦିନ କାଲିମେଳାରେ ଗ୍ରୀଭେନ୍ସ ସରିବା ପରେ ସେ ନିଜେ ବାଲିମେଳା ମେଡିକାଲକୁ ଯାଇ ଘଟଣାର ତଦନ୍ତ କରିବେ। ଖୁବ୍‌ଶୀଘ୍ର ସେଠାର ଆଉ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ ବୋଲି ମଧ୍ୟ ସେ ପ୍ରକାଶ କରିଛନ୍ତି।

# ‘ସକାଳ’ ଏବଂ ‘ନନ୍ଦିଘୋଷ’ର ମାଟ୍ରିକ୍ ଉତ୍କର୍ଷ ସମ୍ମାନ














































## ଇସ୍ରୋର ୧୦୧ତମ ଉତ୍କ୍ଷେପଣ ବିଫଳ



**ପିଏସ୍‌ଏଲ୍‌ଭି ସି-୬୧ ଅଭିଯାନର ତୃତୀୟ ପର୍ଯ୍ୟାୟରେ ତ୍ରୁଟି**

ଶ୍ରୀହରିକୋଟା, ୧୮।୫ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ରବିବାର ସକାଳ ୫ଟା ୫୯ରେ ନିଜର ୧୦୧ ତମ ଅଭିଯାନ ଉତ୍କ୍ଷେପଣ କରିଛି। ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ସ୍ପେସ ସେଣ୍ଟରରୁ ପିଏସଏଲ୍‌ଭି-ସି୬୧ ଉପଗ୍ରହ ଇଓଏସ-୦୯ ଆର୍ଥ ଅବଜରଭେସନ ରକେଟକୁ ନେଇ ମହାକାଶକୁ ଯାଇଛି। କିନ୍ତୁ ଏହା ତୃତୀୟ ପର୍ଯ୍ୟାୟରେ ପ୍ରବେଶ କରିବା ପରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ଏଥିଯୋଗୁଁ ଇଓଏସ୍-୦୯ ଉପଗ୍ରହ ନିର୍ଦ୍ଧାରିତ କକ୍ଷପଥରେ ପହଞ୍ଚି ପାରିନାହିଁ। ଏହା ପଥଚ୍ୟୁତ ହେବାରୁ ୧୦୧ ତମ ଅଭିଯାନ ବିଫଳ ହୋଇଯାଇଛି। ଇସ୍ରୋ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହାର ଯାଞ୍ଚ କରିବା ପାଇଁ ଏକ କମିଟି ଗଠନ କରାଯାଇଛି।

ଅଭିଯାନର ବିଫଳତା ସମ୍ପର୍କରେ ଇସ୍ରୋ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇ ନାହିଁ। ଇସ୍ରୋ ମୁଖ୍ୟ ଭି ନାରାୟଣଙ୍କ ଅନୁଯାୟୀ ଦ୍ୱିତୀୟ ପର୍ଯ୍ୟାୟ ପର୍ଯ୍ୟନ୍ତ ସବୁ କିଛି ଠିକ୍ ଥିଲା। ତୃତୀୟ ପର୍ଯ୍ୟାୟରେ ମୋଟର ମଧ୍ୟ ଭଲ ଭାବେ ଷ୍ଟାର୍ଟ ହୋଇଥିଲା। କିନ୍ତୁ ଏହା କାର୍ଯ୍ୟାରମ୍ଭ କରିବା ପରେ ଯାନ୍ତ୍ରିକ ତ୍ରୁଟି ଥିବା ଦେଖିବାକୁ ମିଳିଥିଲା। ଟେଲିମିଟ୍ରି ତଥ୍ୟ ଭୁଲ୍ ଥିବା ଜଣା ପଡ଼ିଥିଲା। ଏହି ଉପଗ୍ରହକୁ ସନ୍ ସିଙ୍କ୍ରୋନସ ପୋଲାର ଅର୍ବିଟ (ଏସଏସ୍‌ପିଓ)ରେ ଅବସ୍ଥାପିତ କରାଯିବାର ଥିଲା। ଇସ୍ରୋର ଭରସାଯୋଗ୍ୟ ପିଏସ୍‌ଏଲ୍‌ଭି ରକେଟରେ ପଠା ଯାଇଥିବା ୧୬୯୬.୨୪ କେଜିର ଉପଗ୍ରହ ଇସ୍ରୋର ପୃଥିବୀ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମର ପ୍ରମୁଖ ଅଂଶ ଥିଲା। କୃଷି, ଜଙ୍ଗଲ ଏବଂ ବିପର୍ଯ୍ୟୟ ପରିଚାଳନା ପାଇଁ ଏହା ହାଇ-ରିଜୋଲ୍ୟୁସନ ବିଶିଷ୍ଟ ଫଟୋ ପଠାଇ ଥାଆନ୍ତା।

**ଅଣ-ବିଜେପି ଶାସିତ ୮ ମୁଖ୍ୟମନ୍ତ୍ରୀଙ୍କୁ ଷ୍ଟାଲିନଙ୍କ ଚିଠି**

## ରାଷ୍ଟ୍ରପତିଙ୍କ ପ୍ରସ୍ତାବ ବିରୋଧରେ ଏକାଠି ହେବାକୁ ଆହ୍ୱାନ

ଚେନ୍ନଇ, ୧୮।୫ (ଏଜେନ୍ସି): ରାଜ୍ୟପାଳ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ମାମଲା ଥମିବାର ନା ଧରୁନି। ତାମିଲନାଡୁ ମାମଲାରେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇ ବିଲ୍ ଉପରେ ନିଷ୍ପତ୍ତି ନେବା ପାଇଁ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ନିମନ୍ତେ ସୁପ୍ରିମକୋର୍ଟ ସମୟସୀମା ଧାର୍ଯ୍ୟ କରିଥିଲେ। ତାମିଲନାଡୁ ବିଧାନସଭା ଦ୍ୱାରା ପାରିତ ସମସ୍ତ ବିଲ୍‌କୁ ରାଜ୍ୟପାଳଙ୍କ ବିନା ଅନୁମତିରେ ମଞ୍ଜୁରୀ ଦେଇଥିଲେ। ତେବେ ସୁପ୍ରିମକୋର୍ଟଙ୍କ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରୁ ବିରୋଧ କରାଯାଇଥିଲା। ଏହା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କୁ ଚିଠି ଲେଖିଥିଲେ ଏବଂ ସମୟସୀମା ଧାର୍ଯ୍ୟ କରିବା ନେଇ ପ୍ରଶ୍ନ ଉଠାଇ ଥିଲେ। ସୁପ୍ରିମକୋର୍ଟଙ୍କୁ ୧୪ଟି ପ୍ରଶ୍ନ ପଚାରି ଥିଲେ। ଆଉ ଏବେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଅଣ-ବିଜେପି ଶାସିତ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ସେ ରବିବାର ପଶ୍ଚିମବଙ୍ଗ, କର୍ଣ୍ଣାଟକ, ହିମାଚଳ ପ୍ରଦେଶ, ତେଲଙ୍ଗାନା, କେରଳ, ଝାଡ଼ଖଣ୍ଡ, ପଞ୍ଜାବ ଏବଂ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ରାଷ୍ଟ୍ରପତିଙ୍କ ଆଭିମୁଖ୍ୟ ବିରୋଧରେ ଏକାଠି ହେବାକୁ ଆହ୍ୱାନ ଦେଇଛନ୍ତି।



ଷ୍ଟାଲିନ କହିଛନ୍ତି ଯେ ବିଜେପି ନେତୃତ୍ୱାଧୀନ ସୁପ୍ରିମକୋର୍ଟଙ୍କ ରାୟକୁ ଅକାମୀ କରିବାକୁ ଚାହୁଁଛି। କାରଣ ଏହାକୁ ଅନ୍ୟ ରାଜ୍ୟ ପାଇଁ ଉଦାହରଣ ଭାବେ ନିଆଯାଇପାରେ। ଏହାକୁ ରୋକିବାକୁ ବିଜେପି ଷଡ଼ଯନ୍ତ୍ର କରୁଛି। ଏଥିପାଇଁ ପ୍ରଥମେ ରାଷ୍ଟ୍ରପତିଙ୍କ ଦ୍ୱାରା ସୁପ୍ରିମକୋର୍ଟଙ୍କୁ ଜବାବ ମଗାଯାଇଛି। ଏହା ବିଜେପିର ଭୟାନକ ରୂପକୁ ଦର୍ଶାଉଛି। ଯେଉଁ ମାମଲାରେ କୋର୍ଟ ନିଷ୍ପତ୍ତି ଦେଇସାରିଛନ୍ତି ସେହି ମାମଲାରେ ପରାମର୍ଶ ଦେବାର ଅଧିକାରକୁ ବ୍ୟବହାର କରାଯାଇପାରିବ ନାହିଁ। ତେଣୁ ରାଷ୍ଟ୍ରପତିଙ୍କ ଦ୍ୱାରା ସୁପ୍ରିମକୋର୍ଟଙ୍କୁ ମଗା ଯାଇଥିବା ଜବାବକୁ ବିରୋଧ କରିବା ପାଇଁ ମୁଖ୍ୟମନ୍ତ୍ରୀମାନଙ୍କୁ ଷ୍ଟାଲିନ ଅନୁରୋଧ କରିଛନ୍ତି। ଏହି ପ୍ରସ୍ତାବରେ କୋର୍ଟରେ ନିଜ ପକ୍ଷ ରଖିବା ଉଚିତ ବୋଲି କହିଛନ୍ତି। ସମ୍ବିଧାନର ମୂଳଢ଼ାଞ୍ଚାର ରକ୍ଷା କରିବା ପାଇଁ ଏକ ମୋର୍ଚ୍ଚା ଗଠନ ହେବା ଉଚିତ। ତେଣୁ ଏହି ପ୍ରସଙ୍ଗରେ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ମୁଖ୍ୟମନ୍ତ୍ରୀମାନଙ୍କୁ ଷ୍ଟାଲିନ ନିବେଦନ କରିଛନ୍ତି।

● ୟୁକ୍ରେନ ବିରୋଧରେ ରୁଷିଆର ଷ୍ଟାରୱାର୍

## ବିଭିନ୍ନ ସହର ଉପରେ ୨୭୩ ଡ୍ରୋନ୍ ଆକ୍ରମଣ

କିଭ୍ ,୧୮।୫(ଏଜେନ୍ସି): ଗୋଟିଏ ପଟେ ଯୁଦ୍ଧ ବନ୍ଦ ପାଇଁ ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ବିଭିନ୍ନ ସ୍ତରରେ ଆଲୋଚନା ଚାଲିଛି। କିନ୍ତୁ ଅନ୍ୟପଟେ ଉଭୟ ଦେଶ ମଧ୍ୟରେ ଆକ୍ରମଣ-ପ୍ରତି ଆକ୍ରମଣ ବନ୍ଦ ହୋଇ ନାହିଁ। ଦୁଇ ଦିନ ତଳେ ପ୍ରଥମଥର ପାଇଁ ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ପ୍ରତ୍ୟକ୍ଷ ଆଲୋଚନା ହୋଇଥିଲା। ଏହାବ୍ୟତୀତ ଖୁବଶୀଘ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଟିନଙ୍କ ସହ ଫୋନରେ ଆଲୋଚନା କରିବାକୁ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। କିନ୍ତୁ ଏହା ମଧ୍ୟରେ ରୁଷିଆ ରବିବାର ପ୍ରତ୍ୟୁଷରେ ୟୁକ୍ରେନ ଉପରେ ଜୋରଦାର ଆକ୍ରମଣ କରିଛି। ୟୁକ୍ରେନର ବିଭିନ୍ନ ସହର ଉପରେ ରୁଷ ସେନା ଏକାସଙ୍ଗରେ ୨୭୩ ଡ୍ରୋନ ଆକ୍ରମଣ କରିଛି। ଯାହାକି ଉଭୟ ଦେଶ ମଧ୍ୟରେ ଗତ ଯୁଦ୍ଧ ଇତିହାସରେ ସବୁଠାରୁ ବଡ଼ ଆକ୍ରମଣ ବୋଲି କୁହାଯାଇଛି। ଏହି ଆକ୍ରମଣରେ ଦୋନେସ୍କ ଅଞ୍ଚଳ ସମେତ ବହୁ ସହର ଦୋହଲି ଯାଇଛି। ରୁଷର ଏଭଳି ଘନ ଘନ ଆକ୍ରମଣ ୟୁକ୍ରେନର ପ୍ରତିରକ୍ଷା ବ୍ୟବସ୍ଥା ପାଇଁ ସମସ୍ୟା ସୃଷ୍ଟି କରିଥିଲା ବେଳେ ସାଧାରଣ ନାଗରିକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ୟୁକ୍ରେନର ବାୟୁସେନା ପକ୍ଷରୁ କୁହାଯାଇଛି ଯେ ରୁଷ ରାତାରାତି ମୋଟ ୨୭୩ଟି ବିସ୍ଫୋରକ ଡ୍ରୋନ୍ ଏବଂ ଅନ୍ୟ ଅସ୍ତ୍ର ମାଡ଼ କରିଛି, ଯାହା ଯୁଦ୍ଧ ଆରମ୍ଭ ହେବା ପରଠାରୁ ଗୋଟିଏ ରାତିରେ ସବୁଠାରୁ ବଡ଼ ଡ୍ରୋନ୍ ଆକ୍ରମଣ।

## ପୋଲ ସହ ଜାହାଜ ଧକ୍କା; ୨ ମୃତ


ୱାଶିଂଟନ, ୧୮।୫ (ଏଜେନ୍ସି): ଆମେରିକାର ଇଷ୍ଟ ନଦୀରେ ବଡ଼ ଅଘଟଣ ଘଟିଛି। ଶନିବାର ରାତି ୮ଟା୩୦ରେ ମେକ୍ସିକୋ ନୌସେନାର ପ୍ରଶିକ୍ଷଣ ଜାହାଜ କୁଆଉତେମୋକ ଏହି ନଦୀ ଉପରେ ନିର୍ମିତ ବ୍ରୁକଲିନ ବ୍ରିଜ ସହ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ୧୯ ଜଣ ଆହତ ହୋଇଛନ୍ତି। ଜାହାଜଟି ଯିବାକୁ ପ୍ରୟାସ କରୁଥିବା ବେଳେ ଏହାର ୨ଟି ଟାୱାର ପୋଲ ସହ ମାଡ଼ ହୋଇଥିଲା। ଏହା ଭାଙ୍ଗି ତଳେ ଥିବା ଯାତ୍ରୀଙ୍କ ଉପରେ ପଡ଼ିଥିଲା। ଏଥିଯୋଗୁଁ ବିଦ୍ୟୁତ ଯୋଗାଣ ମଧ୍ୟ ବନ୍ଦ ହୋଇ ଯାଇଥିଲା। ଅନ୍ଧାରରେ ଲୋକେ ଜୀବନ ବିକଳରେ ଏଣେତେଣେ ଦୌଡିବାରେ ଲାଗିଥିଲେ। ଏହି ଜାହାଜରେ କ୍ରୁ ସଦସ୍ୟଙ୍କ ସମେତ ୨୭୭ ଯାତ୍ରୀ ଥିଲେ। ବ୍ରୋକଲିନ ପୋଲର ଉଚ୍ଚତା ୧୨୭ ଫୁଟ ଥିଲା। କିନ୍ତୁ ଜାହାଜରେ ଥିବା ଟାୱାରର ଉଚ୍ଚତା ୧୫୮ ରହିଥିଲା। ଏଥିପାଇଁ ଦୁର୍ଘଟଣା ଘଟିଥିଲା।

## ଟ୍ରମ୍ପଙ୍କ ପରାମର୍ଶଦାତା ବୋର୍ଡରେ ଦୁଇ ପୂର୍ବତନ ଆତଙ୍କବାଦୀ !

ନୂଆଦିଲ୍ଲୀ,୧୮।୫(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରାମର୍ଶଦାତା ବୋର୍ଡରେ ଦୁଇ ପୂର୍ବତନ ଆତଙ୍କବାଦୀ ସଦସ୍ୟ ରହିଥିବା ଖବର ଏବେ ସାମ୍ନାକୁ ଆସିବା ପରେ ବିଭିନ୍ନ ମହଲରେ ଉଦବେଗ ସୃଷ୍ଟି ହୋଇଛି। ହ୍ୱାଇଟ୍ ହାଉସ ପରାମର୍ଶଦାତା ବୋର୍ଡରେ ଏମିତି ଦୁଇ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଛି, ଯେଉଁମାନଙ୍କର ଅତୀତରେ ଆତଙ୍କବାଦ ସହିତ ସମ୍ପର୍କ ରହିଥିବା କଥା ଏକ ଆମେରିକୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ଏହି ଦୁଇ ଜଣଙ୍କ ମଧ୍ୟରୁ ଜଣେ ପାଲେଷ୍ଟାଇନ ହମାସ ସଂଗଠନ ସହିତ ପୂର୍ବରୁ ସଂପୃକ୍ତ ରହିଥିଲା ବେଳେ ଅନ୍ୟ ଜଣେ ଲସ୍କର ଆତଙ୍କବାଦୀ ସଂଗଠନରେ ତାଲିମ ନେଇଥିବା ଉଲ୍ଲେଖ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଆତଙ୍କବାଦ ମାମଲାରେ ପୂର୍ବରୁ ଅଭିଯୁକ୍ତ ରହିଥିବା ଇସମାଇଲ୍ ରୋୟର ଏବଂ କାଲିଫର୍ନିଆର ଜାୟତୁନା କଲେଜର ସହ-ପ୍ରତିଷ୍ଠାତା ଶେଖ୍ ହମଜା ୟୁସୁଫ୍‌ଙ୍କୁ ହ୍ୱାଇଟ୍ ହାଉସ୍ ପରାମର୍ଶଦାତା ବୋର୍ଡରେ ସାମିଲ କରାଯାଇଛି। ଟ୍ରମ୍ପ ପ୍ରଶାସନର ଏଭଳି ନିଯୁକ୍ତି ପ୍ରକ୍ରିୟା ଗଭୀର ଚିନ୍ତା ସୃଷ୍ଟି କରିଛି ବୋଲି ସାମ୍ବାଦିକ ଲୌରା ଲୁମର ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ରୋୟରଙ୍କ ବିରୋଧରେ ୨୦୦୮ ମୁମ୍ବାଇ ଆକ୍ରମଣ ସହିତ କାଶ୍ମୀରରେ ଭାରତୀୟ ସେନା ଠିକଣା ଉପରେ ଗୁଳିମାଡ଼ ଏବଂ ଆତଙ୍କବାଦ ପ୍ରଚାର କରିବା ନେଇ ଅଭିଯୋଗ ରହିଛି। ସେହିପରି ୟୁସୁଫ ହମାସ ସମେତ ଅନ୍ୟ କିଛି ଆତଙ୍କବାଦୀ ସଂଗଠନ ସହିତ ଲିଙ୍କରେ ରହିଥିବା ଅଭିଯୋଗ ରହିଛି। ଭାରତର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଦ୍ୱାରା ତାଙ୍କୁ ଅଭିଯୁକ୍ତ କରାଯାଇଛି।

## ହସିନାଙ୍କ ଭୂମିକାରେ ଅଭିନୟ କରି ନୁସ୍‌ରତ୍ ଗିରଫ

ଢାକା,୧୮।୫(ଏଜେନ୍ସି): ବାଂଲାଦେଶର ଲୋକପ୍ରିୟ ଅଭିନେତ୍ରୀ ନୁସ୍‌ରତ୍ ଫରିହାଙ୍କୁ ଢାକା ପୁଲିସ ରବିବାର ବିମାନ ବନ୍ଦରରୁ ଗିରଫ କରିଛି। ଗତବର୍ଷ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ଶାସନକାଳରେ ସାରା ଦେଶରେ ଚାଲିଥିବା ବିକ୍ଷୋଭ ସମୟରେ ଏକ ହତ୍ୟା ଉଦ୍ୟମ ଘଟଣାରେ ନୁସରତଙ୍କ ସଂପୃକ୍ତିକୁ ନେଇ ପୁଲିସ ତାଙ୍କୁ ଗିରଫ କରିଛି ବୋଲି ଢାକା ଟ୍ରିବ୍ୟୁନ ପକ୍ଷରୁ କୁହାଯାଇଛି। କିନ୍ତୁ ତାଙ୍କୁ ଗିରଫ କରାଯିବାର ପ୍ରକୃତ କାରଣ ଅନ୍ୟ କିଛି ରହିଛି ବୋଲି ବିଭିନ୍ନ ମହଲରେ ଅନ୍ୟ କେତେକ ଗଣମାଧ୍ୟମ ପ୍ରକାଶ କରିଛନ୍ତି। ଶେଖ ମୁଜିବୁର ରହମନଙ୍କ ଜୀବନ ଚରିତ୍ରକୁ ନେଇ ପ୍ରସ୍ତୁତ କରାଯାଇଥିବା 'ମୁଜିବ : ଦି ମେକିଂ ଅଫ୍ ଏ ନେସନ୍' ଚଳଚିତ୍ରରେ ନୁସରତ୍ ଶେଖ ହସିନାଙ୍କ ଭୂମିକାରେ ଅଭିନୟ କରିଥିବାରୁ ତାଙ୍କୁ ପୁଲିସ ଗିରଫ କରିଥିବା କୁହାଯାଇଛି।



# ୟୁଟ୍ୟୁବର୍ ଜ୍ୟୋତି ମାଲ୍‌ହୋତ୍ରାଙ୍କ ଖୋଲୁଛି ଗୁମର



ହିସାର, ୧୮।୫ (ଏଜେନ୍ସି): ନାମ ଜ୍ୟୋତି ପାଇଥିଲେ, କିନ୍ତୁ ଦେଶକୁ ଅନ୍ଧକାରରେ ରଖି ଶତ୍ରୁ ପାଇଁ କାମ କରୁଥିଲେ। ବାରମ୍ବାର ପାକିସ୍ତାନ, ଚୀନ ଆଦି ଗସ୍ତରେ ଯାଇ ଗୁପ୍ତ ସୂଚନା ଦେଉଥିଲେ। ଏଭଳି ଦେଶ ବିରୋଧୀ କାର୍ଯ୍ୟ କରି ଧରା ପଡ଼ିଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି। ପହଲଗାମ ଆକ୍ରମଣ ପୂର୍ବରୁ ସେ ପାକିସ୍ତାନ ଯାଇଥିଲେ। ତାଙ୍କୁ ପାକିସ୍ତାନ ନିଜ ସମ୍ପତ୍ତି ଭଳି ବ୍ୟବହାର କରୁଥିଲା। ଜ୍ୟୋତି ପାଇଁ ପାକିସ୍ତାନ ପ୍ରାୟୋଜିତ କାର୍ଯ୍ୟକ୍ରମ ଧାର୍ଯ୍ୟ କରୁଥିଲା ବୋଲି ହରିଆଣା ହିସାରର ଏସ୍‌ପି ଶଶାଙ୍କ କୁମାର ସାୱନ କହିଛନ୍ତି। ଭାରତରୁ ବାହାର କରାଯାଇଥିବା ପାକିସ୍ତାନ ଅଧିକାରୀ ଦାନିଶ ସହ ଜ୍ୟୋତିଙ୍କ ଘନିଷ୍ଠ ସମ୍ବନ୍ଧ ଥିଲା। ସେ ନିଜ ୟୁଟ୍ୟୁବ ଚ୍ୟାନେଲ 'ଟ୍ରାଭେଲ ୱିଥ ଜୋ'ରେ ଅପଲୋଡ କରିଥିବା ଭିଡିଓରୁ ଏହି ସୂଚନା ମିଳିଛି। ଜେରା ସମୟରେ ଜ୍ୟୋତି ମଧ୍ୟ ଏହା ସ୍ୱଷ୍ଟ କରିଛି।

ଶଶାଙ୍କ କୁମାର କହିଛନ୍ତି ଯେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକରୁ ମିଳିଥିବା ସୂଚନା ଆଧାରରେ ଜ୍ୟୋତିଙ୍କୁ ଗିରଫ କରାଯାଇଛି। ସେ ପାକିସ୍ତାନର ଗୁଇନ୍ଦା ଏଜେନ୍ସି ଆଇଏସଆଇ ସହିତ ଯୋଗାଯୋଗରେ ଥିଲେ। ଏବେ ପୁଲିସ ତାଙ୍କ ବ୍ୟାଙ୍କ ଆକାଉଣ୍ଟ, ମୋବାଇଲ୍ ଏବଂ ଲାପଟପ୍ ଯାଞ୍ଚ କରୁଛି। ସେ ନିଜ ଆୟ ତୁଳନାରେ ଅଧିକ ବ୍ୟୟ କରୁଥିଲେ। ଏହି ମାମଲାରେ ସୋସିଆଲ ମିଡିଆରେ ସକ୍ରିୟ ଥିବା ଅନ୍ୟ କିଛି ଲୋକଙ୍କୁ ମଧ୍ୟ ତଦନ୍ତ କରାଯାଉଛି। ଏହା ମଧ୍ୟରେ ଜ୍ୟୋତି ଏବଂ ଓଡ଼ିଶାର ୟୁଟ୍ୟୁବର ପ୍ରିୟଙ୍କା ସେନାପତିଙ୍କ ମଧ୍ୟରେ ଲିଙ୍କ୍ ଥିବା ଜଣାପଡ଼ିଛି। ଏହା ପରେ ପୁଲିସ ପ୍ରିୟଙ୍କାଙ୍କ ଘରକୁ ଯାଇ ତାଙ୍କୁ ପଚରାଉଚରା କରିଥିଲା। ୨୦୨୪ ସେପ୍ଟେମ୍ବରରେ ପ୍ରିୟଙ୍କାଙ୍କୁ ଭେଟିବା ପାଇଁ ଜ୍ୟୋତି ପୁରୀ ଆସିଥିଲେ। ଉଭୟଙ୍କ ମଧ୍ୟରେ ବହୁତ ଭଲ ସମ୍ବନ୍ଧ ଥିଲା। ଭିଡିଓରେ ଉଭୟ ପରସ୍ପରକୁ ଅତି ନିବିଡ ଭାବେ ଜାଣିଥିବା ଭଳି କଥା ହେଉଛନ୍ତି। ଏହି ପାର୍ଟିରେ ଦାନିଶ ନିଜ ସ୍ତ୍ରୀ ସହ ଜ୍ୟୋତିର ପରିଚୟ କରାଇଥିଲେ। ଏହା ବ୍ୟତୀତ, ସେଠାରେ ଉପସ୍ଥିତ ଅଧିକାରୀଙ୍କ ସହ କଥାବାର୍ତ୍ତା ମଧ୍ୟ କରାଇଥିଲେ। ଏଠାରେ ମାସ ମଧ୍ୟରେ ସେ ପାକିସ୍ତାନ ଏବଂ ଚୀନ୍ ଗସ୍ତ କରିଥିଲେ। ଏହାକୁ ନେଇ ସେ ସୁରକ୍ଷା ଏଜେନ୍ସିଗୁଡ଼ିକର ନଜରକୁ ଆସିଥିଲେ।

ଗତ ବର୍ଷ ଏପ୍ରିଲ ୧୭ରେ ଜ୍ୟୋତି ମାସେ ପାଇଁ ପାକିସ୍ତାନ ଗସ୍ତରେ ଯାଇଥିଲେ। ସେ ମେ' ୧୫ ପର୍ଯ୍ୟନ୍ତ ପାକିସ୍ତାନରେ ରହି ଭାରତ ଫେରି ଆସିଥିଲେ।

### ପହଲଗାମ ଆକ୍ରମଣ ପୂର୍ବରୁ ଯାଇଥିଲେ ପାକିସ୍ତାନ

### ଭାରତ ତଡ଼ିଥିବା ପାକିସ୍ତାନୀ ଅଧିକାରୀଙ୍କ ସହ ସମ୍ପର୍କ

ତେବେ ପ୍ରିୟଙ୍କାଙ୍କ ବାପା କହିଛନ୍ତି ଯେ ତାଙ୍କ ଝିଅ ୟୁଟ୍ୟୁବ୍ ମାଧ୍ୟମରେ ଜ୍ୟୋତି ସହ ବନ୍ଧୁତା କରିଥିଲା।

ସେହିପରି ଗତ ବର୍ଷ ମାର୍ଚ୍ଚ ୨୩ ତାରିଖରେ ଜ୍ୟୋତି ପାକିସ୍ତାନ ଯାଇଥିଲେ। ସେଠାରେ ପାକିସ୍ତାନର ଜାତୀୟ ଦିବସରେ ଦୂତାବାସରେ ଅନୁଷ୍ଠିତ ଇଫତାର ପାର୍ଟିରେ ଯୋଗ ଦେଇଥିଲେ। ସେ ଏହାର ଭିଡିଓ ନିଜ ଚ୍ୟାନେଲରେ ଅପଲୋଡ୍ କରିଥିଲେ। ପାକିସ୍ତାନୀ ଦୂତାବାସର ଅଧିକାରୀ ଦାନିଶ ଜ୍ୟୋତିଙ୍କୁ ଏଠାକୁ ସ୍ୱାଗତ କରିଥିଲେ। ଜ୍ୟୋତି କିଛି ଚୀନ୍ ଅଧିକାରୀଙ୍କୁ ମଧ୍ୟ ଭେଟିଥିଲେ। ସେ ଭିଡିଓରେ ପାକିସ୍ତାନୀ ଦୂତାବାସରେ ହୋଇଥିବା ବ୍ୟବସ୍ଥାର ପ୍ରଶଂସା କରିଥିଲେ। ସେ ଦାନିଶଙ୍କ ସ୍ତ୍ରୀଙ୍କୁ ହରିୟାଣାର ହିସାରରେ ଥିବା ତାଙ୍କ ଘରକୁ ଆସିବାକୁ ମଧ୍ୟ ନିମନ୍ତ୍ରଣ କରିଥିଲେ।

ଅପରେସନ ସିନ୍ଦୂର ପରେ ଦାନିଶକୁ ଭାରତ ଅବାଞ୍ଛିତ ବ୍ୟକ୍ତି ଘୋଷଣା କରିଥିଲା। ଭାରତ ସରକାର ଗତ ୧୩ ତାରିଖରେ ତାକୁ ଦେଶରୁ ବହିଷ୍କାର କରିଥିଲେ। ତେବେ ପାକିସ୍ତାନ ଏବଂ ଚୀନ ଗସ୍ତ ଯୋଗୁଁ ଜ୍ୟୋତି ସନ୍ଦେହ ଘେରକୁ ଆସିଥିଲେ। ଗତ ବର୍ଷ ୨ ପାକିସ୍ତାନରୁ ଫେରିବାର ମାତ୍ର ୨୫ ଦିନ ପରେ ଜୁନ୍ ୧୦ରେ ସେ ଚୀନ୍ ଯାଇଥିଲେ। ଜୁଲାଇ ୯ ପର୍ଯ୍ୟନ୍ତ ଚୀନରେ ରହିଥିଲେ ଏବଂ ସେଠାରୁ ଜୁଲାଇ ୧୦ରେ ନେପାଳର କାଠମାଣ୍ଡୁରେ ପହଞ୍ଚିଥିଲେ।

ଏହା ପୂର୍ବରୁ ଜ୍ୟୋତି କରତାରପୁର କରିଡର ଦେଇ ପାକିସ୍ତାନ ଯାଇଥିଲେ। ଏହି ସମୟରେ ସେ ପାକିସ୍ତାନ ପଞ୍ଜାବ ପ୍ରଦେଶର ମୁଖ୍ୟମନ୍ତ୍ରୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କ ଝିଅ ମରିୟମ ନୱାଜ ସରିଫଙ୍କୁ ଭେଟିଥିଲେ। ଜ୍ୟୋତି ତାଙ୍କର ସାକ୍ଷାତକାର ମଧ୍ୟ ନେଇଥିଲେ।

**ମହାରାଷ୍ଟ୍ରର ବଡ଼ ଅଧିକାରୀ ପ୍ରୋଟୋକଲ୍ ମାନନ୍ତିନି**

## ପ୍ରଧାନ ବିଚାରପତିଙ୍କ ସ୍ୱାଗତ ପାଇଁ ଗଲେନି ମୁଖ୍ୟ ସଚିବ, ଡିଜିପି

ମୁମ୍ବାଇ, ୧୮।୫ (ଏଜେନ୍ସି): ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇଙ୍କୁ ମହାରାଷ୍ଟ୍ରରେ ଅସମ୍ମାନିତ କରାଯାଇଛି। ରାଜ୍ୟ ସରକାର ପ୍ରୋଟୋକଲକୁ ଭାଙ୍ଗି ଦେଇଛନ୍ତି। ଆଜି ପ୍ରଧାନ ବିଚାରପତି ଓକିଲ ସଂଘର ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ମୁମ୍ବାଇ ଗସ୍ତରେ ଯାଇଥିଲେ। କିନ୍ତୁ ଏଠାରେ ତାଙ୍କୁ ସ୍ୱାଗତ କରିବାକୁ ମହାରାଷ୍ଟ୍ର ସରକାରଙ୍କ ମୁଖ୍ୟ ସଚିବ, ଡିଜିପି ଏବଂ ମୁମ୍ବାଇ ପୁଲିସ କମିଶନର ପହଞ୍ଚି ନ ଥିଲେ। ଓକିଲ ସଂଘର କାର୍ଯ୍ୟକ୍ରମରେ ସିଜେଆଇ ଏହି ପ୍ରସଙ୍ଗ ଉଠାଇ ଥିଲେ। ସେ ଏଭଳି ବ୍ୟବହାରକୁ ନେଇ ନିରାଶ ପ୍ରକଟ କରିଥିଲେ। ସିଜେଆଇ କହିଥିଲେ ଯେ ମହାରାଷ୍ଟ୍ରର ବଡ଼ ଅଧିକାରୀ ପ୍ରୋଟୋକଲ ପାଳନ କରୁନାହାନ୍ତି। ନ୍ୟାୟପାଳିକା, ବ୍ୟବସ୍ଥାପିକା ଏବଂ କାର୍ଯ୍ୟପାଳିକା ହେଉଛି ଗଣତନ୍ତ୍ରର ତିନୋଟି ପ୍ରମୁଖ ସ୍ତମ୍ଭ। ଏ ସବୁ ପରସ୍ପରକୁ ସମ୍ମାନ ଦେବା ଉଚିତ। ଯଦି ଭାରତ ପ୍ରଧାନ ବିଚାରପତି ପ୍ରଥମ ଥର ପାଇଁ ମହାରାଷ୍ଟ୍ର ଆସନ୍ତି ତେବେ ଏଠାକାର ମୁଖ୍ୟ ସଚିବ, ଡିଜିପି ଏବଂ ମୁମ୍ବାଇ ପୁଲିସ କମିଶନର ଉପସ୍ଥିତ ରହିବା ଉଚିତ। ଏପରି ନ ହେବା ଚିନ୍ତାର ବିଷୟ। ପ୍ରୋଟୋକଲ କୌଣସି ନୂଆ କଥା ବି ନୁହେଁ। ଏହା ସାମ୍ବିଧାନିକ ସଂସ୍ଥାଙ୍କ ମଧ୍ୟରେ ସମ୍ମାନର ପ୍ରତୀକ। କୌଣସି ସାମ୍ବିଧାନିକ ସଂସ୍ଥାର ମୁଖ୍ୟଙ୍କ ଗସ୍ତରେ ସ୍ୱାଗତ ସମ୍ବର୍ଦ୍ଧନା ଅନେକ ମହତ୍ତ୍ୱ ରଖିଥାଏ।



**ଅସନ୍ତୋଷ ଜଣାଇଲେ ପ୍ରଧାନ ବିଚାରପତି, ଧାରା ୧୪୨ କଥା ବି ଉଠାଇଲେ**

ସମ୍ବିଧାନର ଧାରା ୧୪୨ ଅନୁସାରେ ସୁପ୍ରିମ୍‌କୋର୍ଟଙ୍କୁ ସ୍ୱତନ୍ତ୍ର କ୍ଷମତା ମିଳିଥିଲା ବେଳେ ଏହାର ପ୍ରୋଟକଲ୍ ଉଲ୍ଲଂଘନ କରାଯାଇଥିଲେ କିଛି ତ୍ରୁଟି ହୋଇଥାନ୍ତା ବୋଲି କାର୍ଯ୍ୟପାଳିକାକୁ ପରୋକ୍ଷରେ ସଂକେତ ଦେଇ ଜଷ୍ଟିସ୍ ଗଭାଇ କହିଥିଲେ।

ସୂଚନା ଅନୁଯାୟୀ ମହାରାଷ୍ଟ୍ର-ଗୋଆ ବାର୍ କାଉନସିଲ ପକ୍ଷରୁ ଆଜି ମୁମ୍ବାଇରେ ସିଜେଆଇଙ୍କ ପାଇଁ ସମ୍ମାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେ ମରାଠୀରେ ଏହି କାର୍ଯ୍ୟକ୍ରମକୁ ସମ୍ବୋଧନ କରିଥିଲେ। ବାପାମାଆ ଏବଂ ବାବା ସାହେବ ଆମ୍ବେଦକରଙ୍କ ଲାଗି ଅମରାବତୀର ଏକ ବସ୍ତିରୁ ସେ ଏ ପର୍ଯ୍ୟନ୍ତ ପହଞ୍ଚି ପାରିଛନ୍ତି ବୋଲି କହିଥିଲେ। ନ୍ୟାୟପାଳିକା, କାର୍ଯ୍ୟପାଳିକା କି ସଂସଦ ନୁହେଁ, ବରଂ ଭାରତର ସମ୍ବିଧାନ ସର୍ବୋଚ୍ଚ। ଏହି ତିନି ଅଙ୍ଗ ସମ୍ବିଧାନ ଅନୁଯାୟୀ କାମ କରିଥାନ୍ତି। ଏହା ପୂର୍ବରୁ ସିଜେଆଇ ଶନିବାର ବାର୍ କାଉନସିଲ ଅଫ ଇଣ୍ଡିଆ (ବିସିଆଇ)କୁ ସମ୍ବୋଧନ କରି କହିଥିଲେ ଯେ ବିଚାରପତି ତୃଣମୂଳସ୍ତରର ସ୍ଥିତିକୁ ଅଣଦେଖା କରିପାରିବେ ନାହିଁ। ନ୍ୟାୟପାଳିକା ଲୋକଙ୍କଠାରୁ ଦୂରରେ ରହିବା ଅନୁଚିତ। ସୁପ୍ରିମକୋର୍ଟ ବିଚାରପତି ଲୋକଙ୍କଠାରୁ ଦୂରେଇ ରହିବା ଧାରଣାକୁ ସିଜେଆଇ ଖାରଜ କରିଦେଇଥିଲେ।

## ଅପରେସନ୍ ସିନ୍ଦୂରର ନୂଆ ଭିଡିଓ ଜାରିକଲା ସେନା

ନୂଆଦିଲ୍ଲୀ, ୧୮।୫ (ଏଜେନ୍ସି): ଭାରତୀୟ ସେନା ରବିବାର ଅପରେସନ ସିନ୍ଦୂରର ନୂଆ ଭିଡିଓ ଜାରି କରିଛି। ଏଥିରେ ପାକିସ୍ତାନ ବିରୋଧରେ ଭାରତୀୟ ସେନାର ଜବାବୀ ସାମରିକ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁଛି। ଗତ ୧୦ ତାରିଖରେ ପାକିସ୍ତାନ ସେନା ଯେଉଁ ପୋଷ୍ଟରୁ ଆକ୍ରମଣ କରୁଥିଲା ତାହାକୁ ଉଡ଼ାଇ ମାଟିରେ ମିଶାଇ ଦିଆଯାଇଛି ବୋଲି ଏହି ଭିଡିଓରେ କୁହାଯାଉଛି। ଏହା ପହଲଗାମ ଆକ୍ରମଣର ପ୍ରତିଶୋଧ ନୁହେଁ, ବରଂ ନ୍ୟାୟ। ଏହା କ୍ରୋଧ ନୁହେଁ, ବରଂ ଶତ୍ରୁକୁ ଭବିଷ୍ୟତ ପାଇଁ ଉଚିତ ଶିକ୍ଷା ଦେବା ନିମନ୍ତେ ଉଦ୍ଦିଷ୍ଟ ବୋଲି କୁହାଯାଇଛି। ସେନାର ୱେଷ୍ଟର୍ଣ୍ଣ କମାଣ୍ଡ ସୋସିଆଲ ମିଡିଆରେ ଏହି ଭିଡିଓ ସେୟାର କରିଛି। ଗୁଳିଗୋଳା ମାଡ଼ କରି ପାକିସ୍ତାନ ସେନା ପୋଷ୍ଟ ଉଡ଼ାଉଥିବା ଦେଖିବାକୁ ମିଳୁଛି।

## ମହାରାଷ୍ଟ୍ର କାରଖାନାରେ ନିଆଁ; ୮ ମୃତ

ମୁମ୍ବାଇ, ୧୮।୫ (ଏଜେନ୍ସି): ମହାରାଷ୍ଟ୍ର ସୋଲାପୁର ଜିଲ୍ଲାର ଅକଲକୋଟ ମାର୍ଗରେ ଥିବା ସେଣ୍ଟ୍ରାଲ ଟେକ୍ସଟାଇଲ ମିଲ୍ସରେ ରବିବାର ସକାଳ ୩ଟା୪୫ରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତିନି ମହିଳା, ଜଣେ ଶିଶୁ ସମେତ ୮ ଜଣଙ୍କ ମୃତ୍ୟୁ ହୋଇଛି। ସର୍ଟ ସର୍କିଟରୁ ଏପରି ହୋଇଥିବା ଜଣାପଡିଛି। ମୃତକଙ୍କ ମଧ୍ୟରେ କାରଖାନାର ମାଲିକ ହାଜି ଉସମାନ ହସନଭାଇ ମନସୁରୀ, ତାଙ୍କର ଦେଢ ବର୍ଷର ନାତି ସମେତ ପରିବାରର ତିନି ସଦସ୍ୟ ଏବଂ ୪ କର୍ମଚାରୀ ଏଥିରେ ପ୍ରାଣ ହରାଇଛନ୍ତି। ଏହି ନିଆଁକୁ ନିୟନ୍ତ୍ରଣ କରିବାରେ ୫ରୁ ୬ ଘଣ୍ଟା ଲାଗି ଯାଇଥିଲା।

## 'ସଂସଦ ରତ୍ନ ସମ୍ମାନ'ରେ ସମ୍ମାନିତ ହେବେ ୧୭ ସାଂସଦ

ନୂଆଦିଲ୍ଲୀ,୧୮।୫(ଏଜେନ୍ସି): ଚଳିତ ବର୍ଷ ୧୭ ସାଂସଦ 'ସଂସଦ ରତ୍ନ ପୁରସ୍କାର -୨୦୨୫'ରେ ସମ୍ମାନିତ ହେବେ। ଏଥିପାଇଁ ସେମାନଙ୍କୁ ଚୟନ କରାଯାଇ ନାମ ଘୋଷଣା କରାଯାଇଛି। ଏହି ୧୭ ସାଂସଦଙ୍କ ମଧ୍ୟରୁ ମହାରାଷ୍ଟ୍ରର ସର୍ବାଧିକ ୭ ଜଣ ସାଂସଦ ରହିଛନ୍ତି। ସଂସଦରେ ଉଲ୍ଲେଖନୀୟ କାର୍ଯ୍ୟଶୈଳୀ, ସ୍ଥିର ଏବଂ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ସାଂସଦମାନଙ୍କୁ ଏହି ପୁରସ୍କାର ପ୍ରତିବର୍ଷ 'ପ୍ରାଇମ୍ ପଏଣ୍ଟ ଫାଉଣ୍ଡେସନ୍' ଦ୍ୱାରା ପ୍ରଦାନ କରାଯାଇଥାଏ। ଭର୍ତ୍ତୃହରି ମହତାବ, ସୁପ୍ରିୟା ସୁଲେ, ଏନ. ଅଫ୍. ପ୍ରେମଚନ୍ଦ୍ରନ୍, ଶ୍ରୀରଙ୍ଗ ବରଣେଙ୍କ ସମେତ ପ୍ରବୀଣ ପଟେଲ, ରବି କିଶନ, ନିଶିକାନ୍ତ ଦୁବେ, ବିଦ୍ୟୁତ ବାରନ ମହୋ, ପି ପି ଚୌଧୁରୀ, ମଦନ ରାଠୋଡ, ସି ଏନ ଅନ୍ନଦୁରାଇ, ଦିଲୀପ ସାଇକିଆ, ଅରବିନ୍ଦ ସାୱନ୍ତ, ନରେଶ ମହସ୍କେ, ସ୍ମିତା ୱାଘ, ମେଧା କୁଲକର୍ଣ୍ଣି ଏବଂ ବର୍ଷା ଗାୟକୱାଡ ଏହି ସମ୍ମାନ ପାଇବେ।

**ମଝି ଆକାଶରେ ଆତଙ୍କ**

## ବିନା ପାଇଲଟ୍‌ରେ ୧୦ ମିନିଟ୍ ଉଡ଼ିଲା ବିମାନ

ବର୍ଲିନ, ୧୮।୫ (ଏଜେନ୍ସି): ଏକ ବଡ଼ ବିପଦ ଅଳ୍ପକେ ଟଳି ଯାଇଛି। ମଝି ଆକାଶରେ କୋ-ପାଇଲଟ ସଂଜ୍ଞାହୀନ ହୋଇ ପଡ଼ିଛନ୍ତି। ଏଥିପାଇଁ ବିମାନଟି ୧୦ ମିନିଟ ପର୍ଯ୍ୟନ୍ତ ବିନା ପାଇଲଟରେ ରହିଥିଲା। ଏହା ଅଟୋ-ପାଇଲଟ ମୋଡ୍‌କୁ ଚାଲି ଯାଇଥିଲା। ଜର୍ମାନୀର ଲୁଫ୍ଥହଂସା ବିମାନ ଏ୩୨୧ରେ ଏଭଳି ଘଟଣା ଘଟିଥିଲା। ପାଇଲଟ ବିଶ୍ରାମ କକ୍ଷକୁ ଯାଇଥିବାବେଳେ କୋ-ପାଇଲଟ ସଂଜ୍ଞାହୀନ ହୋଇ ଯାଇଥିଲେ। ଏହି ସମୟରେ ବିମାନରେ ୧୯୯ ଯାତ୍ରୀ ଯାତ୍ରା କରୁଥିଲେ। ଏହା ଜର୍ମାନୀର ଫ୍ରାଙ୍କଫର୍ଟରୁ ସ୍ପେନର ସେଭିଲେକୁ ଯାଉଥିଲା। ୨୦୨୪ ଫେବୃଆରୀ ୧୭ରେ ଘଟିଥିବା ଏହି ଘଟଣା ଏବେ ସାମ୍ନାକୁ ଆସିବା ପରେ ଚର୍ଚ୍ଚା ଜୋର୍ ଧରିଛି।

**ଗାଜାରେ ଇସ୍ରାଏଲ୍ ସେନାର ଗ୍ରାଉଣ୍ଡ ଅପରେସନ୍ ଜୋର୍‌ଦାର୍**

## ୨୪ ଘଣ୍ଟା ଭିତରେ ପୁଣି ୧୦୫ ଜଣଙ୍କ ମୃତ୍ୟୁ

ତେଲ୍ ଆଭିଭ୍,୧୮।୫(ଏଜେନ୍ସି): ଗତ ୩ ଦିନ ଧରି ଇସ୍ରାଏଲ ସେନା ଗାଜା ଉପରେ ଆକ୍ରମଣ ଜୋରଦାର କରିଥିଲା ବେଳେ ଇତିମଧ୍ୟରେ ଶହ ଶହ ଲୋକଙ୍କ ମୃତ୍ୟୁ ହେବା ସହିତ ୩୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଗତକାଲି ସୁଦ୍ଧା ଉତ୍ତର ଗାଜାରେ ୨୫୦ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଥିଲା। ଏହାପରେ ରବିବାର ମଧ୍ୟାହ୍ନ ସୁଦ୍ଧା ଆଉ ୧୦୫ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ଉତ୍ତର ଗାଜାର ବିଭିନ୍ନ ସ୍ଥଳରେ ଇସ୍ରାଏଲ ସେନା ଗ୍ରାଉଣ୍ଡ ଅପରେସନକୁ ଜୋରଦାର କରିଥିବାରୁ ମୃତ୍ୟୁସଂଖ୍ୟା ବଢିବାରେ ଲାଗିଛି। ରବିବାର ସକାଳେ ଉତ୍ତର ଗାଜାର ଏକ ମେଡିକାଲ ସଂଲଗ୍ନ ଅଞ୍ଚଳରେ ଆକ୍ରମଣ କରାଯାଇଥିବାରୁ ଏଠାରେ ବହୁ ଶିଶୁଙ୍କ ସମେତ ଶତାଧିକ ଲୋକଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ଇସ୍ରାଏଲ ଏବଂ ହମାସ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରବିରତି ଏବଂ ପଣବନ୍ଦୀଙ୍କୁ ମୁକ୍ତ କରିବା ନେଇ ବୁଝାମଣା ହେବା ସମ୍ଭବ ନ ହେବାରୁ ଇସ୍ରାଏଲ ସେନା ବେଳକୁ ବେଳ ଆକ୍ରମଣ ଜୋରଦାର କରିବାରେ ଲାଗିଛି। ଗାଜାରୁ ଇସ୍ରାଏଲ ସେନାର ସମ୍ପୂର୍ଣ୍ଣ ପ୍ରତ୍ୟାହାର ପାଇଁ ହମାସ ଦାବି କରିଛି। ଅନ୍ୟପକ୍ଷରେ ହମାସ କବଳରେ ରହିଥିବା ଇସ୍ରାଏଲୀ ବନ୍ଧକମାନଙ୍କୁ ମୁକ୍ତ କରା ନଗଲେ ଇସ୍ରାଏଲ ଆକ୍ରମଣ ବନ୍ଦ କରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ସ୍ପଷ୍ଟ କରିଦେଇଛନ୍ତି। ଯାହାକୁ ନେଇ ଉତ୍ତର ଗାଜା ସ୍ଥିତି ଅଧିକ ଗମ୍ଭୀର ହୋବରେ ଲାଗିଛି।



■ ଇଟାଲିଆନ୍ ଓପନ୍ ଟେନିସ

## ଏକକ ପରେ ଯୁଗଳ ଟାଇଟଲ୍ ଜିତିଲେ ପାଓଲିନି



ରୋମ,୧୮ ।୫(ଏଜେନ୍ସି): ଘରୋଇ ପରିବେଶରେ ଇଟାଲୀର ମହିଳା ଟେନିସ ତାରକା ଜସ୍ମିନ୍ ପାଓଲିନି ଇଟାଲିଆନ୍ ଡବ୍ଲ୍ୟୁଟିଏ ଓପନ ୧୦୦୦ ଟୁର୍ଣ୍ଣାମେଣ୍ଟରେ ଉଭୟ ମହିଳା ଏକକ ଓ ଯୁଗଳ ପ୍ରତିଯୋଗିତାରେ ଚାମ୍ପିଅନ ହେବା ସହ ବିରଳ ସଫଳତା ଅର୍ଜନ କରିଛନ୍ତି । ମହିଳା ଏକକ ଫାଇନାଲ ମୁକାବିଲାରେ ଷଷ୍ଠ ସିଡ୍ ମାନ୍ୟତା ପାଇଥିବା ପାଓଲିନି ୬-୪, ୬-୨ ସିଧାସଳଖ ସେଟ୍‌ରେ ଚତୁର୍ଥ ସିଡ୍ ଆମେରିକାର କୋକୋ ଗଫଙ୍କୁ ପରାସ୍ତ କରି ପ୍ରଥମଥର ପାଇଁ ଇଟାଲିଆନ୍ ଟାଇଟଲ ଜିତିଛନ୍ତି । ୪୦ ବର୍ଷ ପରେ ସେ ପ୍ରଥମ ଇଟାଲି ମହିଳା ଖେଳାଳି ଭାବେ ଏହି ଟାଇଟଲ ଜିତିଛନ୍ତି । ପୂର୍ବରୁ ୧୯୮୫ରେ ରାଫାଏଲା ରେଗି ପ୍ରଥମ ଇଟାଲି ମହିଳା ଭାବେ ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲେ । ୨୯ ବର୍ଷୀୟା ପାଓଲିନ୍ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଓପନ ଏରାରେ ଇଟାଲିଆନ ଟାଇଟଲ ଜିତିଛନ୍ତି । ପୂର୍ବରୁ ସେମିଫାଇନାଲରେ ପାଓଲିନି ୭-୫, ୬-୧ ସେଟ୍‌ରେ ଆମେରିକାର ପେଟୋନ ଷ୍ଟେର୍ଣ୍ଣସଙ୍କୁ ହରାଇ ଫାଇନାଲ ଟିକଟ ହାସଲ କରିଥିଲେ । ଏଥିସହ ପାଓଲିନ୍ କ୍ୟାରିଅରର ତୃତୀୟ ଟାଇଟଲ ହାସଲ କରିଛନ୍ତି ।

### ପାଓଲିନି- ଇରାନୀ ଚାମ୍ପିଅନ୍

ଅପରପକ୍ଷରେ ମହିଳା ଯୁଗଳ ପ୍ରତିଯୋଗିତାରେ ପାଓଲିନ୍ ଓ ଇଟାଲୀର ଅନ୍ୟତମ ଅଭିଜ୍ଞ ମହିଳା ଖେଳାଳି ସାରା ଇରାନୀ ମହିଳା ଯୁଗଳ ଟାଇଟଲ ହାସଲ କରିଛନ୍ତି । ତୃତୀୟ ସିଡ୍ ମାନ୍ୟତା ପାଇଥିବା ଏହି ଯୋଡି ଫାଇନାଲ ମ୍ୟାଚ୍‌ରେ ବେଲଜିୟମର ଏଲିନ ମେର୍ଟେନ୍ସ ଓ ରୁଷିଆର ଭେରୋନିକା କୁଡେରମୋଟୋଭାଙ୍କୁ ୬-୪, ୭-୫ ସିଧାସଳଖ ସେଟ୍‌ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି । ୩୫ ବର୍ଷ ପରେ ପାଓଲିନ୍ ପ୍ରଥମ ଖେଳାଳି ଭାବେ ଇଟାଲିଆନ ଓପନର ଉଭୟ ଏକକ ଓ ଯୁଗଳ ଟାଇଟଲ ହାସଲ କରିଛନ୍ତି । ପୂର୍ବରୁ ୧୯୯୦ରେ ମୋନିକା ସେଲେସ୍ ରୋମରେ ଏକକ ଓ ଯୁଗଳ ଟାଇଟଲ ଜିତିଥିଲେ ।

# ସ୍ୱତନ୍ତ୍ର ହେବ ସୁଟିଂ ଲିଗ୍ ଅଫ୍ ଇଣ୍ଡିଆର ପ୍ରଥମ ସଂସ୍କରଣ



ପ୍ରଥମଥର ପାଇଁ ଭାରତରେ ଆୟୋଜନ ହେବାକୁ ଯାଉଛି ସୁଟିଂ ଲିଗ୍ ଅଫ୍ ଇଣ୍ଡିଆ (ଏସ୍‌ଏଲ୍‌ଆଇ) । ଚଳିତ ବର୍ଷ ନଭେମ୍ବର ୨୦ରୁ ଡିସେମ୍ବର ୨ ମଧ୍ୟରେ ଏହି ଲିଗ୍ ଆୟୋଜନ ହେବ ବୋଲି ଆଶା କରାଯାଉଛି । ବିଶ୍ୱ ତଥା ଅଲିମ୍ପିକ ସୁଟିଂର ସର୍ବୋଚ୍ଚ ଅନ୍ତର୍ଜାତୀୟ ସୁଟି ସ୍ପୋର୍ଟ୍ସ ଫେଡେରେସନ (ଆଇଏସ୍‌ଏସ୍‌ଏଫ୍) ଆନୁଷ୍ଠାନିକ ଭାବେ ଏହି ଲିଗ୍ ପାଇଁ ନଭେମ୍ବର-ଡିସେମ୍ବର ୱିଣ୍ଡୋ ପ୍ରଦାନ କରିବା ସହ ସ୍ୱୀକୃତି ଦେଇଛି । ଫ୍ରାଞ୍ଚାଇଜ୍ ପର୍ଯ୍ୟବସିତ ଏହି ଲିଗ୍ ପ୍ରଥମେ ଗତ ମାର୍ଚ୍ଚରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା । ଏହି ଲିଗ୍ ସ୍ୱତନ୍ତ୍ର ହେବ ବୋଲି ନ୍ୟାସନାଲ ରାଇଫଲ ଆସୋସିଏସନ ଅଫ୍ ଇଣ୍ଡିଆ (ଏନ୍‌ଆରଏଆଇ) ସଭାପତି କଳିକେଶ ନାରାୟଣ ସିଂଦେଓ କହିଛନ୍ତି । ଲିଗ୍‌ର ଆୟୋଜନ ନେଇ ଏନ୍‌ଆରଏଆଇର ବୈଠକ ଅନୁଷ୍ଠିତ ହୋଇଛି ଓ ଏଥିରେ କେତୋଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ।

### ୬ରୁ ୮ ଫ୍ରାଞ୍ଚାଇଜ ଭାଗ ନେବେ

ମୋଟ ଉପରେ ୬ରୁ ୮ଟି ସହର ପର୍ଯ୍ୟବସିତ ଫ୍ରାଞ୍ଚାଇଜ୍ ନୀଲାମି ମାଧ୍ୟମରେ ଦଳ ଗଠନ କରିବେ । ପ୍ରତ୍ୟେକ ଦଳରେ ୬ଜଣ ପୁରୁଷ ଓ ମହିଳା ଆଥଲେଟ୍‌ଙ୍କୁ ନେଇ ମୋଟ ୧୨ ସୁଟର ସାମିଲ ହେବେ । ଦଳରେ ୨ ଜଣ ଲେଖାଏ ବିଦେଶୀ ପୁରୁଷ ଓ ମହିଳା ସୁଟରଙ୍କୁ ସାମିଲ କରାଯିବ । ସୁଟିଂକୁ ସାଧରଣତଃ କମ୍ ସଂଖ୍ୟକ ଦର୍ଶକ ଦେଖିଥାନ୍ତି । ତେଣୁ ଦର୍ଶକଙ୍କ ସଂଖ୍ୟା ଅର୍ଥାତ ଭ୍ୟୁୟରସିପ୍ ନିଶ୍ଚିତ ଭାବେ ଲିଗ୍ ପାଇଁ ଏକ ଚ୍ୟାଲେଞ୍ଜ ହୋଇ ରହିବ ବୋଲି ସିଂଦେଓ କହିଛନ୍ତି । ଏଥିରେ ବୃଦ୍ଧ ଆଣିବା ପାଇଁ ସୋସିଆଲ ମିଡିଆ ଭଳି ବିଭିନ୍ନ ପ୍ଲାଟଫର୍ମକୁ ବ୍ୟବହାର କରାଯିବ ଓ କ୍ରୀଡ଼ାପ୍ରେମୀଙ୍କ ନକଟରେ ଏହି ଲିଗ୍‌କୁ ପହଞ୍ଚାଇବାକୁ ପ୍ରୟାସ କରାଯିବ ବୋଲି ସେ କହିଛନ୍ତି ।

### ୬ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ

ମୋଟ ୬ଟି ଇଭେଣ୍ଟକୁ ନେଇ ପ୍ରତିଯୋଗିତା ଆୟୋଜନ ହେବ । ଏଗୁଡିକ ହେଲା ପିସ୍ତଲରେ ୧୦ମି. ଓ ୨୫ମି. । ରାଇଫଲ୍‌ରେ ୧୦ମି, ୫୦ମି. ୩ ପୋଜିସନ ଏବଂ ଶଟଗନ୍‌ରେ ଟ୍ରାପ୍ ଓ ସ୍କିଟ୍ । ଏଥର ଗୋଟିଏ ଭେନ୍ୟୁରେ ଲିଗ୍ ଆୟୋଜନ ହେବ । ଲିଗ୍ ଆକର୍ଷଣୀୟ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କଳିକେଶ କହିଛନ୍ତି ।

## କାନିତକର ଭାରତ-ଏ'ର ହେଡ୍ କୋଚ୍



ନୂଆଦିଲ୍ଲୀ,୧୮।୫ (ଏଜେନ୍ସି): ହୃଷୀକେଶ କାନିତକରଙ୍କୁ ଇଂଲଣ୍ଡ ଗସ୍ତରେ ଯିବାକୁ ଥିବା ଭାରତ-ଏ' ଦଳର ହେଡ୍ କୋଚ୍ ନିଯୁକ୍ତ କରାଯାଇଛି । ମହାରାଷ୍ଟ୍ରର କାନିତକରଙ୍କ ବ୍ୟତୀତ ଆସାମର ଶୁଭଦୀପ ଘୋଷଙ୍କୁ ଫିଲ୍ଡିଂ, ଟ୍ରଏ କୁଲୀଙ୍କୁ ବୋଲିଂ କୋଚ୍ ଦାୟିତ୍ୱ ଦିଆଯାଇଛି । ଦୁଇଦିନ ପୂର୍ବରୁ ଅଭିମନ୍ୟୁ ଈଶ୍ୱରନଙ୍କ ନେତୃତ୍ୱରେ ଏକ ୧୮ ଜଣିଆ ଖେଳାଳି ଦଳ ଘୋଷଣା କରାଯାଇଥିଲା । ଇଂଲଣ୍ଡ ଗସ୍ତରେ ଭାରତ-ଏ' ୩ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବ । ଏହା ମଧ୍ୟରୁ ପ୍ରଥମ ୪ ଦିନିଆ ମ୍ୟାଚ୍ ଇଂଲଣ୍ଡ ଲାୟନ୍ସ ସହ କାଣ୍ଟରବରୀରେ ମେ ୩୦ରୁ ଆରମ୍ଭ ହେବ । ନର୍ଥାମ୍ପଟନରେ ଜୁନ୍ ୬ରୁ ଦ୍ୱିତୀୟ ମ୍ୟାଚ୍ ଆରମ୍ଭ ହେବ । ଏହି ମ୍ୟାଚ୍‌ରେ ଶୁବମନ ଗିଲ୍ ଓ ସାଇ ସୁଦର୍ଶନ ଖେଳିବେ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି । ତୃତୀୟ ମ୍ୟାଚ୍‌ଟି ଭାରତ ସିନିୟର ଦଳ ସହ ଖେଳିବ । ବେକେନହାମ୍‌ରେ ଏହି ମ୍ୟାଚ୍ ଜୁନ୍ ୧୩ରୁ ୧୬ ଯାଏ ଖେଳାଯିବ । ଭାରତ-ଏ' ଦଳ ମେ ୨୫ ଓ ୨୬ରେ ଦୁଇ ଦଫାରେ ଇଂଲଣ୍ଡ ଯିବେ । ଏହା ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ମେ ୨୩ରେ ମନୋନୀତ ହେବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ଆଇପିଏଲ୍ ସ୍ଥଗିତ ରହିବା ଫଳରେ ଟେଷ୍ଟ ଦଳ ଚୟନ କିଛି ଦିନ ବିଳମ୍ବ ହୋଇପାରେ । ମନୋନୀତ ଦଳ ଜୁନ୍ ୬ରେ ପ୍ରଥମ ପର୍ଯ୍ୟାୟରେ ଇଂଲଣ୍ଡ ଯିବ । ହେଡିଂଲେରେ ଜୁନ୍ ୨୦ରୁ ସିରିଜ୍‌ର ପ୍ରଥମ ଟେଷ୍ଟ ଖେଳାଯିବ । ଏହା ପରେ ବର୍ମିଂହାମ୍‌ରେ ଜୁଲାଇ ୨ରୁ ଦ୍ୱିତୀୟ ଟେଷ୍ଟ, ଲର୍ଡ୍ସରେ ଜୁଲାଇ ୧୦ରୁ ତୃତୀୟ, ମାଞ୍ଚେଷ୍ଟରରେ ଜୁଲାଇ ୨୩ରୁ ଚତୁର୍ଥ ଓ ଓଭାଲରେ ଜୁଲାଇ ୩୧ରୁ ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ଖେଳାଯିବ ।

**ଭାରତ-ଏ ଦଳ:** ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ଧ୍ରୁବ ଜୁରେଲ (ଉପ-ଅଧିନାୟକ, ୱିକେଟକିପର), ଯଶସ୍ୱୀ ଜୟସ୍ୱାଲ, କରୁନ ନାୟାର, ନୀତୀଶ କୁମାର ରେଡ୍ଡୀ, ଶାର୍ଦ୍ଦୁଳ ଠାକୁର, ଇଶାନ କିଶାନ (ୱିକେଟକିପର), ମାନବ ସୂତାର, ତନୁଷ କୋଟିଆନ, ମୁକେଶ କୁମାର, ଆକାଶଦୀପ୍, ହର୍ଷିତ ରାଣା, ଅଂଶୁଳ କାମ୍ବୋଜ, ଖଲିଲ ଅହମ୍ମଦ, ଋତୁରାଜ ଗାଏକ୍ୱାଡ, ସର୍ଫରାଜ ଖାନ୍, ତୁଷାର ଦେଶପାଣ୍ଡେ ଓ ହର୍ଷ ଦୁବେ । - ଶୁବମାନ ଗିଲ ଓ ସାଇ ସୁଦର୍ଶନ ଦ୍ୱିତୀୟ ମ୍ୟାଚ୍‌ରେ ଯୋଗ ଦେବେ ।

■ ରାଜ୍ୟ ଶିଶୁ ଚେସ୍ ପ୍ରତିଯୋଗିତା

## ରିୟାନ୍ସ, ପ୍ରଜ୍ଞାନ, ଅନ୍ୱେଷା ଅଗ୍ରଣୀ



ଭୁବନେଶ୍ୱର,୧୮।୫ (ସମିସ): ଅଲ୍ ଓଡ଼ିଶା ଚେସ ସଂଘ ଓ ମାଷ୍ଟର ଚେସ୍ ଫାଉଣ୍ଡେସନର ମିଳିତ ସହଯୋଗରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ସମ୍ମିଳନୀ କକ୍ଷରେ ରାଜ୍ୟ ୭ ବର୍ଷରୁ କମ୍ ଶିଶୁ ଚେସ୍ ପ୍ରତିଯୋଗିତା ଜାରି ରହିଛି । ପ୍ରତିଯୋଗିତାର ଦ୍ୱିତୀୟ ଦିନ ଓପନ କାଟାଗୋରୀରେ ସୁନ୍ଦରଗଡ଼ର ରିୟାନ୍ସ ଅଗରୱାଲ ଓ ଖୋର୍ଦ୍ଧାର ପ୍ରଜ୍ଞାନ ମିଶ୍ର ଷଷ୍ଠ ରାଉଣ୍ଡ ଶେଷସୁଦ୍ଧା ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି । ସେମାନଙ୍କ ପଛକୁ ଅନ୍ୟ ୩ଜଣ ଖେଳାଳି ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସେମାନେ ହେଲେ କଟକର ଶିବାଂସଜିତ ସାସ୍ମଲ, ଖୋର୍ଦ୍ଧାର କାବ୍ୟାଂଶ ଚକ୍ରବର୍ତ୍ତୀ ଓ କଟକର କ୍ରିସିତ୍ ପଣ୍ଡା । ବାଳିକା ବିଭାଗରେ ଖୋର୍ଦ୍ଧାର ଅନ୍ୱେଷା ମିଶ୍ର ୬ ପଏଣ୍ଟ ସଂଗ୍ରହ କରି ଏକାକୀ ପ୍ରଥମ ସ୍ଥାନରେ ରହିଛନ୍ତି । ଖୋର୍ଦ୍ଧାର ପ୍ରତ୍ୟାକ୍ଷା ସମ୍ଭାବୀ ପଣ୍ଡା ୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଆସନ୍ତାକାଲି ଏହି ପ୍ରତିଯୋଗିତାର ଆଉ ୨ ରାଉଣ୍ଡ ଖେଳ ହେବ । ଏଥିରେ ଉଭୟ ବିଭାଗରେ ପ୍ରଥମ ୪ଟି ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ । ଜୁନ୍ ୧ରୁ ୫ ତାରିଖଯାଏ ଏହି ପ୍ରତିଯୋଗିତା ଆୟୋଜିତ ହେବ ।

## ୩୧ରୁ ପ୍ରୋ କବାଡ଼ି ଲିଗ୍ ଖେଳାଳି ନିଲାମୀ

### ଅଂଶଗ୍ରହଣ କରିବେ ୫୦୦ ଖେଳାଳି

ନୂଆଦିଲ୍ଲୀ,୧୮ ।୫(ଏଜେନ୍ସି): ପ୍ରୋ କବାଡି ଲିଗ୍ (ପିକେଏଲ୍)ର ଆଗାମୀ ଦ୍ୱାଦଶ ସଂସ୍କରଣ ପାଇଁ ଆସନ୍ତା ମେ ୩୧ ଓ ଜୁନ୍ ୧ ତାରିଖରେ ଖେଳାଳି ନିଲାମୀ ଅନୁଷ୍ଠିତ ହେବ । ପ୍ରାୟ ସବୁ ଫ୍ରାଞ୍ଚାଇଜ୍ ସେମାନଙ୍କ ତାରକା ଖେଳାଳିଙ୍କୁ ରିଟେନ ଅର୍ଥାତ ବଜାୟ ରଖିଛନ୍ତି । ୟୁ ମୁମ୍ବା ସୁନୀଲ କୁମାର ଓ ଅମୀର ମହମ୍ମଦ ଜାଫର ଦାନେଶଙ୍କୁ ବଜାୟ ରଖିଥିବା ବେଳେ ଜୟଦୀପ ଦହିୟାଙ୍କୁ ହରିୟାଣା ଷ୍ଟିଲର୍ସ ବଜାୟ ରଖିଛି । ସେହିପରି ସୁରେନ୍ଦର ଗିଲ୍‌ଙ୍କୁ ୟୁପି ଯୋଦ୍ଧାସ ଏବଂ ଅସଲାମ ଇନାମଦାର ଓ ମୋହିତ ଗୋୟାତଙ୍କୁ ପୁନେରୀ ପଲଟନ ନିଲାମୀକୁ ଛାଡିନାହିଁ । ଏଥର ନିଲାମୀ ମୋଟ ୫୦୦ ଖେଳାଳି ଭାଗନେବେ ।


### ୩ ବର୍ଗରେ ବଜାୟ ରହିଲେ ୮୩ ଖେଳାଳି

୩ଟି ବର୍ଗରେ ମୋଟ୍ ଉପରେ ୮୩ ଜଣ ଖେଳାଳିଙ୍କୁ ବିଭିନ୍ନ ଫ୍ରାଞ୍ଚାଇଜ୍‌ମାନେ ବଜାୟ ରଖିଛନ୍ତି । ଏହି ବର୍ଗଗୁଡିକ ହେଲା ଏଲିଟ୍ ରିଟେନ ପ୍ଲେୟାର୍ସ (ଇଆରପି), ରିଟେନ୍‌ଡ ୟଙ୍ଗ ପ୍ଲେୟର୍ସ (ଆରୱାଇପି) ଓ ନ୍ୟୁ ୟଙ୍ଗ ପ୍ଲେୟର୍ସ (ଏନ୍‌ୱାଇପି) ।




ଇଆରପି ବର୍ଗରେ ୨୫, ଆରୱାଇପି ବର୍ଗରେ ୨୩ ଓ ଏନ୍‌ୱାଇପି ବର୍ଗରେ ୩୫ ଖେଳାଳିଙ୍କୁ ଫ୍ରାଞ୍ଚାଇଜ୍‌ମାନେ ବଜାୟ ରଖିଛନ୍ତି । ଏମାନଙ୍କ ମଧ୍ୟରୁ ଏକାଧିକ ଜଣାଶୁଣା ଦେଶୀ ଓ ବିଦେଶୀ ଖେଳାଳି ସାମିଲ ରହିଛନ୍ତି । ପବନ ସେରାୱତ୍, ଅର୍ଜୁନ ଦେଶୱାଲ, ଆଶୁ ମଲିକ ଓ ଗତ ସଂସ୍କରଣର ଶ୍ରେଷ୍ଠ ରାଇଡର ଦେବଙ୍କ ଦଲାଲଙ୍କ ପରି ପ୍ରତିଷ୍ଠିତ ଖେଳାଳିମାନେ ନିଲାମୀରେ ସାମିଲ ହେବେ । ସେହିପରି ଇରାନର ଫାଜେଲ ଅତ୍ରାଚଲି ଓ ମହମ୍ମଦ୍ରେଜା ଶାଦଲୋଉଇ ଏବଂ ମନିନ୍ଦର ସିଂ ଓ ପ୍ରଦୀପ ନରୱାଲଙ୍କ ଭଳି ଅଭିଜ୍ଞ ଖେଳାଳି ମଧ୍ୟ ନିଲାମୀରେ ସାମିଲ ହେବେ । ନିଲାମୀରେ ଖେଳାଳିମାନଙ୍କୁ ଏ (୩୦ ଲକ୍ଷ ଟଙ୍କା), ବି (୨୦ ଲକ୍ଷ), ସି (୧୩ ଲକ୍ଷ) ଓ ଡି ( ୯ ଲକ୍ଷ) ବର୍ଗରେ ବିଭକ୍ତ କରାଯାଇଛି । ପୁଣି ପ୍ରତ୍ୟେକ ବର୍ଗରେ ଖେଳାଳିମାନଙ୍କୁ ଅଲରାଉଣ୍ଡର୍ସ, ଡିଫେଣ୍ଡର୍ସ ଓ ରାଇଡର୍ସରେ ବିଭକ୍ତ କରାଯିବ । ନିଲାମୀ ପାଇଁ ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ପାଇଁ ୫ କୋଟି ଟଙ୍କାର ପର୍ସ ରଖାଯାଇଛି ।

## କ୍ରିଷ୍ଟାଲ ପ୍ୟାଲେସ୍ ପ୍ରଥମଥର ଫା କପ୍ ଚାମ୍ପିଅନ



ୱେମ୍ବ୍ଲି,୧୮ ।୫(ଏଜେନ୍ସି): ଇଂଲିଶ ଫୁଟବଲ ପ୍ରଣାଳୀର ସର୍ବଶ୍ରେଷ୍ଠ ନକ୍‌ଆଉଟ୍ ଟୁର୍ଣ୍ଣାମେଣ୍ଟ ବିବେଚିତ ହେଉଥିବା ଫା କପ୍‌ରେ ଏଥର କ୍ରିଷ୍ଟାଲ ପ୍ୟାଲେସ୍ ବାଜି ମାରିଛି । ଶନିବାର ବିଳମ୍ବିତ ରାତିରେ ସ୍ଥାନୀୟ ୱିମ୍ବ୍ଲି ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କ୍ରିଷ୍ଟାଲ ପ୍ୟାଲେସ୍ ୧-୦ ଗୋଲରେ ଅନ୍ୟତମ ଫେବରାଇଟ ତଥା ହାଇପ୍ରୋଫାଇଲ କ୍ଲବ ମାଞ୍ଚେଷ୍ଟର ସିଟିକୁ ନାଟକୀୟ ଢ଼ଙ୍ଗରେ ପରାସ୍ତ କରି ପ୍ରଥମଥର ପାଇଁ ଫା କପ୍ ଟାଇଟଲ ହାସଲ କରିଛି । ଏଥିସହ କ୍ରିଷ୍ଟାଲ ପ୍ରଥମଥର ପାଇଁ କୌଣସି ମେଜର ଟ୍ରଫି ଜିତିବାର ସ୍ୱାଦ ଚାଖିଛି । ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ କ୍ରିଷ୍ଟାଲ ତରଫରୁ ୧୬ତମ ମିନିଟ୍‌ରେ ଏବେରେଚି ଏଜ୍ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ । ମ୍ୟାଚ୍ ସବୁ ବିଭାଗରେ ଉନ୍ନତ ପ୍ରଦର୍ଶନ କରିଥିଲେ ମଧ୍ୟ ଭାଗ୍ୟଦେବୀ ସହାୟ ହୋଇ ନଥିଲେ । ସଟ୍, ସଟ୍ ଅନ୍ ଟାର୍ଗେଟ, ବଲ୍ ପଜେସନ, ପାସ୍ ଓ ପାସ୍ ଆକ୍ୟୁରେସିରେ ସିଟି ଯଥେଷ୍ଟ ଆଗରେ ରହିଥିଲେ ମଧ୍ୟ ଏହାର ଫାଇଦା ଉଠାଇପାରି ନଥିଲା ।

■ ରାଜ୍ୟ ଓପନ ସ୍କୁଲ ଚେସ୍ ଚାମ୍ପିଅନସିପ୍

## ଆଦିତ୍ୟ ଚାମ୍ପିଅନ, ସତ୍ୟମ୍ ରନର୍ସଅପ୍



ଭୁବନେଶ୍ୱର, ୧୮।୫ (ସମିସ): ଆୟୋଜକ କଳିଙ୍ଗ ନଗର ଡିଏଭି ସ୍କୁଲ୍‌ର ଆଦିତ୍ୟ ଜେନା ୨୪ତମ ରାଜ୍ୟ ଓପନ ସ୍କୁଲ୍ ଚେସ୍ ଚାମ୍ପିଅନ ହୋଇଛନ୍ତି । କଳିଙ୍ଗ ନଗର ଡିଏଭି ସ୍କୁଲ୍ ଆନୁକୂଲ୍ୟରେ ଓ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଆଦିତ୍ୟ ଓ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ । କିନ୍ତୁ ଟାଇବ୍ରେକରରେ ଆଦିତ୍ୟ ଚାମ୍ପିଅନ ହୋଇଥିଲାବେଳେ ସତ୍ୟମ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ । ଏମାନଙ୍କ ପଛକୁ ଆଉ ୩ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ । ସେମାନଙ୍କ ମଧ୍ୟରୁ ଭୁବନେଶ୍ୱର ବିଜେଇଏମ୍ ସ୍କୁଲ୍-୧ର ସାଇ କ୍ରିଷ୍ଣା ସାମଲ ତୃତୀୟ, ଖଣ୍ଡଗିରି ମଦର୍ସ ପବ୍ଲିକ୍ ସ୍କୁଲ୍‌ର ସାଇ ସିଦ୍ଧାର୍ଥ ଚତୁର୍ଥ ଓ ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ର ସୋମନାଥ ପ୍ରଧାନ ୫ମ ସ୍ଥାନ ଅଧିକାର କରିଥିଲେ । ଖେଳ ଶେଷରେ ଶ୍ରୀମତୀ ଶର୍ମିଳା ଦାଶ, ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ପୂର୍ବରୁ ଏହି ପ୍ରତିଯୋଗିତାକୁ ସ୍କୁଲ୍‌ର ଅଧ୍ୟକ୍ଷ ବଳରାମ ମହାପାତ୍ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ ।

ବିଶ୍ୱ ସ୍କ୍ୱାଶ୍ ଚାମ୍ପିଅନସିପ୍

## ଏଲ୍ ଶେରବିନିଙ୍କୁ ୮ମ, ଆସଲଙ୍କୁ ପ୍ରଥମ ଟାଇଟଲ




ସିକାଗୋ,୧୮।୫ (ଏଜେନ୍ସି): ଇଜିପ୍ଟର ଦୁଇ ତାରକା ଖେଳାଳି ନୁର ଏଲ ଶେରବିନି ଓ ମୋସ୍ତାଫା ଆସଲ ବିଶ୍ୱ ସ୍କ୍ୱାଶ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ଏଠାରେ ଶନିବାର ରାତିରେ ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ଚାମ୍ପିଅନ ହେବା ଫଳରେ ମହିଳା ବିଭାଗରେ ଏଲ ଶେରବିନି ୮ମ ଓ ଆସଲ ପ୍ରଥମ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି । ମହିଳା ବିଭାଗରେ କ୍ରମାଗତ ୧୦ମ ଫାଇନାଲ ଖେଳୁଥିବା ୨୯ ବର୍ଷିୟା ଏଲ ଶେରବିନି ଫାଇନାଲରେ ବିଶ୍ୱର ନଂ-୩ ଖେଳାଳି ତଥା ନିଜ ଦେଶର ହାନିଆ ଏଲ୍ ହାମାମିଙ୍କୁ ୩-୧ ଫ୍ରେମ୍‌ରେ ପରାସ୍ତ କରି ୮ମ ଟାଇଟଲ ବିଜୟୀ ହୋଇଛନ୍ତି । ଏହା ଫଳରେ ସେ ନିକୋଲ ଡେଭିଡ୍‌ଙ୍କ ୮ମ ବିଶ୍ୱ ଚାମ୍ପିଅନସିପ୍ ଟାଇଟଲ ସହ ସମକକ୍ଷ ହୋଇପାରିଛନ୍ତି । 'ସମସ୍ତେ ନିକୋଲଙ୍କ ରେକର୍ଡ ସମ୍ପର୍କରେ କହନ୍ତି । ମୁଁ ସେତେବାଟ ଯାଇପାରିବି ବୋଲି ସ୍ୱପ୍ନରେ କେବେ ଭାବି ନ ଥିଲି । ଏବେ ତାଙ୍କ ରେକର୍ଡ ଟାଇଟଲ ସହ ସମକକ୍ଷ ହୋଇଛି ବୋଲି ବିଶ୍ୱାସ କରିହେଉନାହିଁ । ଏହି ସଫଳତାକୁ ମୁଁ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ' ବୋଲି ବିଶ୍ୱର ନଂ-୨ ଖେଳାଳି ଏଲ ଶେରବିନି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

ପୁରୁଷ ବିଭାଗ ଫାଇନାଲରେ ବିଶ୍ୱର ନଂ-୧ ଖେଳାଳି ଆସଲ ୩-୦ରେ ଏକତରଫା ଭାବେ ବିଶ୍ୱର ନଂ-୨ ଖେଳାଳି ଅଲି ଫରଗଙ୍କୁ ପରାସ୍ତ କରିଥିଲେ । ୨୪ ବର୍ଷୀୟ ଆସଲଙ୍କର ଏହା ପ୍ରଥମ ବିଶ୍ୱ ଟାଇଟଲ । ଏଠାରେ ଚାମ୍ପିଅନ ହେବା ପରେ ସେ ଉଭୟ ପିଏସ୍‌ଏ ୱାର୍ଲ୍ଡ ଚାମ୍ପିଅନସିପ୍ ଓ ବ୍ରିଟିଶ ଓପନ ଟାଇଟଲ ସହ ନଂ-୧ ପୋଜିସନ ବଜାୟ ରଖିଛନ୍ତି । ପୂର୍ବରୁ ୪ଥରର ବିଶ୍ୱ ଚାମ୍ପିଅନ ଫରଗ ଏହି ସଫଳତା ପାଇଥିଲେ । ଏଠାରେ ଯଦି ଆସଲ ପରାଜିତ ହୋଇଥାନ୍ତେ, ତେବେ ସେ ବିଶ୍ୱର ନଂ-୧ ମାନ୍ୟତା ହରାଇଥାନ୍ତେ । ଏହି ପ୍ରତିଯୋଗିତାରେ ଭାରତରୁ ୬ଜଣ ଖେଳାଳି ଭାଗନେଇଥିଲେ । କିନ୍ତୁ ଜଣେ ହେଲେ ଖେଳାଳି ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିବାରେ ସମର୍ଥ ହୋଇପାରି ନ ଥିଲେ ।।

## କୋଭିଡ୍ ଲାଗି ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍ ଖେଳିବେନି ହେଡ୍

ଲକ୍ଷ୍ନୌ, ୧୮ ।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ର ୬୧ତମ ମ୍ୟାଚରେ ସୋମବାର ଘରୋଇ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ଓ ସନ୍‌ରାଇଜର୍ସ ହାଇଦରାବାଦ୍ ପରସ୍ପର ସାମ୍ନାସାମ୍ନି ହେବେ । ତେବେ ହାଇଦରାବାଦ୍‌ର



ଦୁର୍ଦ୍ଧର୍ଷ ବ୍ୟାଟର୍ ଟ୍ରାଭିସ୍ ହେଡ୍ କୋଭିଡ୍-୧୯ର ଆକ୍ରାନ୍ତ ହୋଇଥିବାରୁ ଏହି ମ୍ୟାଚ୍ ଖେଳିବେ ନାହିଁ । ରବିବାର ସାମ୍ବାଦିକ ସମ୍ମିଳନୀରେ ହାଇଦରାବାଦ୍‌ର ମୁଖ୍ୟ ପ୍ରଶିକ୍ଷକ ଡାନିଏଲ୍ ଭିଟ୍ଟୋରୀ ଏହି ସୂଚନା ଦେଇଛନ୍ତି । ସନରାଇଜର୍ସର ପରବର୍ତ୍ତୀ ମ୍ୟାଚ୍‌ବେଳକୁ ସେ ସୁସ୍ଥ ହୋଇଯାଇଥିବେ ବୋଲି ଭିଟ୍ଟୋରୀ ଆଶାବାଦୀ ରହିଛନ୍ତି । ହେଡ୍ ଚଳିତ ଆଇପିଏଲ୍‌ରେ ୧୧ ମ୍ୟାଚ୍ ଖେଳି ୨୮.୧୦ ହାରରେ ୨୮୧ ରନ ସଂଗ୍ରହ କରିଛନ୍ତି । ହାଇଦରାବାଦ୍ ଚଳିତ ଆଇପିଏଲ୍‌ରେ ଲକ୍ଷ୍ନୌ ବିପକ୍ଷ ମ୍ୟାଚକୁ ମିଶାଇ ୩ଟି ମ୍ୟାଚ୍ ଖେଳିବାର ବାକି ରହିଛି ।

## ଭର୍ଷ୍ଟାପେନଙ୍କୁ ରେକର୍ଡ ଟାଇଟଲ୍

ଇମୋଲା (ଇଟାଲୀ), ୧୮ ।୫ (ଏଜେନ୍ସି): ରେଡ୍ ବୁଲ୍ସ ଚାଳକ ମାକ୍ସ ଭର୍ଷ୍ଟାପେନ ରବିବାର ଏଠାରେ ଅନୁଷ୍ଠିତ ଇମିଲିଆ-ରୋମାଗାନା ଗ୍ରାଁପ୍ରି ଫର୍ମୁଲା ୱାନ ରେସ୍‌ରେ ଚାମ୍ପିଅନ ହୋଇଛନ୍ତି । ୩୦୯.୦୪୯ କିମି ବିଶିଷ୍ଟ ଏହି ରେସକୁ ଭର୍ଷ୍ଟାପେନ ୧ ଘଣ୍ଟା ୩୧ ମିନିଟ୍ ୩୩.୧୯୯ ସେକେଣ୍ଡ ସମୟ ନେଇ ଫିନିସ୍ କରିବା ସହ ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ । ଏଥିସହ ରେଡ୍ ବୁଲ୍ସର ଭର୍ଷ୍ଟାପେନ ଏଠାରେ କ୍ରମାଗତ ୪ର୍ଥ ବର୍ଷ ଲାଗି ଚାମ୍ପିଅନ ହୋଇ ଇତିହାସ ରଚିଛନ୍ତି । ଏଥିପୂର୍ବରୁ ସେ ୨୦୨୧, ୨୦୨୨, ୨୦୨୪ରେ ଏଠାରେ ଟାଇଟଲ୍ ଜିତିଥିଲେ ।



ବନ୍ୟା ଲାଗି ୨୦୨୩ ସିଜନରେ ଏଠାରେ ରେସ୍ ଅନୁଷ୍ଠିତ ହୋଇ ନ ଥିଲା । ଅପରପକ୍ଷରେ ରବିବାର ଏହି ରେସ୍‌ରେ ପୋଲ୍ ପୋଜିସନରୁ ଆରମ୍ଭ କରିଥିବା ମ୍ୟାକ୍‌ଲରେନର ଚାଳକ ଓସ୍କାର ପିଆଷ୍ଟ୍ରି ୧୨.୯୫୬ ସେକେଣ୍ଡ ଅଧିକ ସମୟ ନେଇ ଦ୍ୱିତୀୟ ରନର୍ସଅପ୍ ହୋଇଥିଲେ । ମ୍ୟାକ୍‌ଲରେନର ଅନ୍ୟତମ ଚାଳକ ଲାଣ୍ଡୋ ନୋରିସ (+୬.୧୦୯ ସେକେଣ୍ଡ) ପ୍ରଥମ ରନର୍ସଅପ୍ ରହିଥିଲେ ।

## ସାଫ୍ ଫୁଟବଲ: ଭାରତ ଚାମ୍ପିଅନ

ନୂଆଦିଲ୍ଲୀ,୧୮ ।୫(ଏଜେନ୍ସି): ୧୯ ବର୍ଷରୁ କମ୍ ସାଫ୍ ଫୁଟବଲ ଚାମ୍ପିଅନସିପ୍‌ରେ ଭାରତ ଏଥର ଚାମ୍ପିଅନ ହୋଇଛି । ଅରୁଣାଚଳ ପ୍ରଦେଶର ୟୁପିଆସ୍ଥିତ ଗୋଲ୍ଡେନ ଜୁବୁଲି ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଫାଇନାଲ ମୁକାବିଲାରେ ଭାରତ ପେନାଲ୍ଟି ସୁଟ୍‌ଆଉଟ୍‌ରେ ବାଂଲାଦେଶକୁ ୪-୩ ଗୋଲରେ ପରାସ୍ତ କରି ଟାଇଟଲ ହାସଲ କରିଛି । ଏହାପୂର୍ବରୁ ଭାରତ ଶ୍ରୀଲଙ୍କାକୁ ୮-୦, ନେପାଳକୁ ୪-୦ ଓ ସେମିଫାଇନାଲରେ ମାଳଦୀପକୁ ୩-୦ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା । ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା । ଦ୍ୱିତୀୟ ମିନିଟ୍‌ରେ ଭାରତ ପାଇଁ ଅଧିନାୟକ ସିଙ୍ଗାମାୟୁମ ସାମି ଗୋଲ ସ୍କୋର କରିଥିଲେ । କିନ୍ତୁ ଦ୍ୱିତୀୟାର୍ଦ୍ଧରେ ବାଂଲାଦେଶର ମହମ୍ମଦ ଜୟ ଅହମ୍ମଦ ୬୧ତମ ମିନିଟ୍‌ରେ ଗୋଲ ସ୍କୋର କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ । ୨୦୨୩ରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତ ପାକିସ୍ତାନକୁ ହରାଇ ଚାମ୍ପିଅନ ହୋଇଥିଲା ।

## ଓଡ଼ିଶାର ଶ୍ରୀଲଙ୍କା ଗସ୍ତ ଶେଷ

କଟକ,୧୮ ।୫(ସମିସ): ଅଭ୍ୟାସ ସିରିଜ ଖେଳିବା ନିମନ୍ତେ ଓଡ଼ିଶା ବରିଷ୍ଠ ପୁରୁଷ କ୍ରିକେଟ ଦଳ ଗତ ମାସ ୨୮ରେ ଶ୍ରୀଲଙ୍କା ଗସ୍ତ କରିଥିଲା । ସମସ୍ତ ମ୍ୟାଚ୍ ଶେଷ ହୋଇଥିବାବେଳେ ଦଳ ୨୧ ତାରିଖରେ ପ୍ରତ୍ୟାବର୍ତ୍ତନ କରିବ । ରବିବାର ଖେଳାଯିବାକୁ ଥିବା ୩ୟ ତଥା ଅନ୍ତିମ ଏକଦିବସୀୟ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଛି । ୩ ମ୍ୟାଚ ବିଶିଷ୍ଟ ଏକଦିବସୀୟ ସିରଜ୍‌ରେ ଓଡ଼ିଶା ପ୍ରଥମ ଦୁଇଟି ଯାକ ମ୍ୟାଚ୍ ଜିତି ପୂର୍ବରୁ ସିରଜ କବଜା କରି ସାରିଛି । ସେହିପରି ଓଡ଼ିଶା ଏକ୍ସପୋଜର ଏବଂ ଶ୍ରୀଲଙ୍କା ଏମର୍ଜିଂ ଦଳ ଭିତରେ ୪ଟି ତ୍ରିଦିବସୀୟ ମ୍ୟାଚ୍ ଖେଳାଯାଇଥିଲା । ଏଥିରୁ ଗୋଟିଏ ମ୍ୟାଚ୍‌ରେ ଓଡ଼ିଶା ଇନିଂସ୍ ଅଗ୍ରଣୀ କରିଥିବା ବେଳେ ଶ୍ରୀଲଙ୍କା ଦଳ ୩ଟି ମ୍ୟାଚ୍‌ରେ ଇନିଂସ ଆଗୁଆ ରହିଥିଲା ।

**ଆଇପିଏଲ-୧୮ | ଶୁବମନ ଗିଲ, ସାଇ ସୁଦର୍ଶନଙ୍କ ବିସ୍ଫୋରକ ବ୍ୟାଟିଂ**

# ପ୍ଲେ ଅଫ୍‌ରେ ଗୁଜରାଟ, ବେଙ୍ଗାଲୁରୁ ଓ ପଞ୍ଜାବ



ନୂଆଦିଲ୍ଲୀ,୧୮ ।୫ (ଏଜେନ୍ସି)


ଅଧିନାୟକ ଶୁବମନ ଗିଲ (୫୩ ବଲ୍‌ରେ ୯୩* ରନ୍) ଓ ସାଇ ସୁଦର୍ଶନ (୬୦ ବଲ୍‌ରେ ୧୦୨*)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଏଠାରେ ରବିବାର ଖେଳାଯାଇଥିବା ଆଇପିଏଲ୍‌ର ୬୦ତମ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ୧୦ ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି । ଏହା ଫଳରେ ଗୁଜରାଟ ଦ୍ୱାଦଶ ଲିଗ୍ ମ୍ୟାଚ୍‌ରୁ ୯ମ ବିଜୟ ସହ ୧୮ ପଏଣ୍ଟ ପାଇ ପ୍ରଥମ ଦଳ ଭାବେ ପ୍ଲେ ଅଫ୍‌ରେ ପ୍ରବେଶ କରିଛି । ଏହି ବିଜୟ ପରେ ମଧ୍ୟ ୧୭ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିବା ବେଙ୍ଗାଲୁରୁ ଓ ପଞ୍ଜାବ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ପ୍ଲେ ଅଫ୍‌ରେ ପ୍ରବେଶ କରିଛନ୍ତି । ୧୪ ପଏଣ୍ଟ ସହ ମୁମ୍ବାଇ ଚତୁର୍ଥ ସ୍ଥାନରେ ଥିଲାବେଳେ ଦ୍ୱାଦଶ ମ୍ୟାଚ୍‌ରୁ ୫ମ ପରାଜୟ ହାସଲ କରି ଦିଲ୍ଲୀ ପଞ୍ଚମ ସ୍ଥାନରେ ରହିଛି । ଏହି ଦୁଇ ଦଳ ମଧ୍ୟରୁ ଗୋଟିଏ ଦଳ ପ୍ଲେ ଅଫ୍‌କୁ ଯିବ ।

ଏହି ମ୍ୟାଚ୍‌ରେ ୧୯୯ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜରାଟ ଟାଇଟନ୍ସର ଦୁଇ ଓପନର ଶୁବମନ ଗିଲ୍ ଓ ସାଇ ସୁଦର୍ଶନ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ । ଉଭୟ ଖେଳାଳି ପ୍ରତିପକ୍ଷ ଦିଲ୍ଲୀ ବୋଲରଙ୍କୁ କୌଣସି ସୁଯୋଗ ନ ଦେଇ ଏହି ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲେ । ଏହା ଫଳରେ ଦଳ ୧୯ତମ ଓଭରରେ କୌଣସି ୱିକେଟ ନ ହରାଇ ଦିଲ୍ଲୀକୁ ୧୦ ୱିକେଟରେ ପରାସ୍ତ କରିଥିଲା । ଏହା ଫଳରେ ଆଇପିଏଲ୍‌ରେ ପ୍ରଥମ ମ୍ୟାଚ୍‌ରେ ୨୦୦ ରନ୍‌କୁ ଚେଜ୍ କରି ୧୦ ୱିକେଟ ଜିତିବାରେ ଦିଲ୍ଲୀ ରେକର୍ଡ କରିଛି । ୧୯ତମ ଓଭରର ଶେଷ ବଲ୍‌ରେ ବିପରାଜ ନିଗମଙ୍କୁ ଛକା ମାରି ଦଳକୁ ଜିତାଇବା ବେଳକୁ ସାଇ ସୁଦର୍ଶନ ୧୦୮ ଓ ଗିଲ ୯୩ ରନ୍‌ରେ ଅପରାଜିତ ରହିଥିଲେ । ଆଇପିଏଲ୍‌ରେ ସୁଦର୍ଶନଙ୍କ କ୍ୟାରିୟରରେ ଏହା ଦ୍ୱିତୀୟ ତଥା ସମସ୍ତ ଆଇପିଏଲ୍‌ରେ ଏହା ୧୦୦ତମ ଶତକ । ସୁଦର୍ଶନ ମାତ୍ର ୬୧ ବଲ୍‌ରୁ ୧୨ ଚୌକା ଓ ୪ ଛକା ସହାୟତାରେ ୧୦୮ ଓ ଗିଲ୍ ୫୩ ବଲ୍‌ରୁ ୩ ଚୌକା ଓ ୭ ଛକା ସହାୟତାରେ ୯୩ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ ।

### ରାହୁଲଙ୍କ ଦମ୍‌ଦାର ଶତକ ବ୍ୟର୍ଥ

ଏହି ମ୍ୟାଚ୍‌ରେ ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା । ଦଳ ଚତୁର୍ଥ ଓଭରରେ ୧୬ ରନ୍ କରିଥିଲାବେଳେ ଫାଫ୍ ଡୁ ପ୍ଲେସିସ୍ ୫ ରନ୍‌ରେ ଅର୍ଶଦ୍ ଖାନ୍‌ଙ୍କ ଶିକାର ହୋଇଥିଲେ । ଏହା ପରେ ଲୋକେଶ ରାହୁଲ ଦିଲ୍ଲୀ ଇନିଂସ ସମ୍ଭାଳିଥିଲେ । ସେ ଅଭିଷେକ ପୋରେଲ ଦ୍ୱିତୀୟ ୱିକେଟରେ ୫୨ ବଲ୍‌ରୁ ୯୦, ଅକ୍ଷର ପଟେଲଙ୍କ ସହ ତୃତୀୟ ୱିକେଟରୁ ୨୬ ବଲ୍‌ରେ ୪୫ ଓ ଅବିଭକ୍ତ ଚତୁର୍ଥ ୱିକେଟରେ ଟ୍ରିଷ୍ଟାନ ଷ୍ଟବ୍ସଙ୍କ ସହ ୨୨ ବଲରୁ ୪୮ ରନ୍ ଉଠାଇ ଦଳକୁ ଏକ ଡିଫେଣ୍ଡେବଲ ସ୍କୋର ଦେଇଥିଲେ । ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୧୯୯ ରନ୍ କରିଥିଲା । ରାହୁଲ ତାଙ୍କ ଆଇପିଏଲ୍ କ୍ୟାରିୟରରେ ପଞ୍ଚମ, ସମସ୍ତ ପ୍ରକାର ଟି-୨୦ କ୍ୟାରିୟରରେ ୭ମ ଶତକ ହାସଲ କରିଥିଲେ । ସେ ମୋଟ ୬୫ ବଲ୍ ଖେଳି ୧୪ ଚୌକା ଓ ୪ ଛକା ସହାୟତାରେ ୧୧୨ ରନ୍ କରି ଅପରାଜିତ ରହିଥିଲେ । ଏହା ସହ ଚଳିତ ଆଇପିଏଲ୍‌ରେ ସେ ପ୍ରଥମ ଡାହାଣହାତୀ ବ୍ୟାଟର ଭାବେ ଶତକ ଓ ଗୁଜରାଟ ବିପକ୍ଷରେ ସର୍ବାଧିକ ରନ୍ ସଂଗ୍ରହ କରିଥିଲେ । ପୋରେଲ ୧୯ ବଲ୍‌ରୁ ୩୦, ଅକ୍ଷର ପଟେଲ ୧୬ ବଲ୍‌ରୁ ୨୫ ଓ ଷ୍ଟବ୍ସ ୧୦ ବଲ୍‌ରୁ ଅପରାଜିତ ୨୧ ରନ୍ କରି ରାହୁଲଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ । ଗୁଜରାଟ ପକ୍ଷରୁ ଅର୍ଶାଦ୍ ଖାନ୍, ପ୍ରସିଦ୍ଧ କ୍ରିଷ୍ଣା ଓ ସାଇ କିଶୋର ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ଅର୍ଶାଦ୍ ୨ ଓଭରରେ ମାତ୍ର ୭ ରନ୍ ଦେଇଥିଲେ ।

**ଆଇପିଏଲ୍‌ରେ ଆଜି**



**ଲକ୍ଷ୍ନୌ** ବନାମ **ହାଇଦରାବାଦ୍**

ଲକ୍ଷ୍ନୌ / ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

**ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ | ୧୨ | ୬ | ୫ | ୧ | ୧୩ | +୦.୨୬୦ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୧ | ୫ | ୬ | ୦ | ୧୦ | -୦.୪୬୯ |
| ହାଇଦରାବାଦ୍ | ୧୧ | ୩ | ୭ | ୧ | ୭ | -୧.୧୯୨ |
| ରାଜସ୍ଥାନ | ୧୩ | ୩ | ୧୦ | ୦ | ୬ | -୦.୭୦୧ |
| ଚେନ୍ନାଇ | ୧୨ | ୩ | ୯ | ୦ | ୬ | -୦.୯୯୨ |

## ରାହୁଲଙ୍କ ୫ମ ଶତକ

ନୂଆଦିଲ୍ଲୀ, ୧୮ ।୫ (ଏଜେନ୍ସି): ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଲୋକେଶ ରାହୁଲ ରବିବାର ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ ୬୫ ବଲରୁ ୧୧୨ ରନର ଦମ୍‌ଦାର ଅପରାଜିତ ଶତକୀୟ ପାଳି ଖେଳିଛନ୍ତି । ଆଇପିଏଲ୍ ଇତିହାସରେ ଏହା ତାଙ୍କର ୫ମ ଶତକୀୟ ପାଳିଥିଲା । ସେହିଭଳି ଆଇପିଏଲ୍‌ରେ ୩ଟି ଭିନ୍ନ ଭିନ୍ନ ଦଳ ପକ୍ଷରୁ ଖେଳି ଶତକ ହାସଲ କରିବାରେ ସେ ପ୍ରଥମ ବ୍ୟାଟର୍ ହୋଇଛନ୍ତି । ଏଥିପୂର୍ବରୁ ସେ ପଞ୍ଜାବ କିଙ୍ଗ୍ସ (୨୦୧୯ ଓ ୨୦୨୦) ଓ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ (୨୦୨୨) ପକ୍ଷରୁ ଖେଳୁଥିବାବେଳେ ଶତକ ହାସଲ କରିଥିଲେ । ଆଇପିଏଲ୍‌ରେ ସର୍ବାଧିକ ଶତକ ହାସଲ କରିବାରେ ବିରାଟ କୋହଲି (୮ଟି), ଜୋଶ ବଟଲର୍ (୭), କ୍ରିସ୍ ଗେଲ୍ (୬)ଙ୍କ ପଛକୁ ସେ ୪ର୍ଥ ସ୍ଥାନରେ ରହିଛନ୍ତି । ସେହିଭଳି ଓଭରଅଲ୍ ଟି-୨୦ରେ ରାହୁଲଙ୍କ ଏହା ୭ମ ଶତକ ଥିଲା । ଅପରପକ୍ଷରେ ଓଭରଅଲ୍ ଟି-୨୦ କ୍ରିକେଟ୍‌ରେ ୮ ହଜାର ରନ ପୂରଣ କରିବାରେ ରାହୁଲ ଦ୍ରୁତତମ ବ୍ୟାଟର୍ ହୋଇଛନ୍ତି । ରାହୁଲ ୨୨୪ତମ ପାଳିରୁ ୮ ହଜାର ରନ ପୂରଣ କରିଛନ୍ତି । ଏହିକ୍ରମରେ ସେ କୋହଲି (୨୪୩ ପାଳି)ଙ୍କୁ ପଛରେ ପକାଇଦେଇଛନ୍ତି । ଟି-୨୦ କ୍ରିକେଟ୍‌ରେ ଭାରତୀୟ ଭାବେ ସର୍ବାଧିକ ଶତକ ଅର୍ଜନ କରିବାର ରେକର୍ଡ ମଧ୍ୟ କୋହଲିଙ୍କ ନାମରେ ରହିଛି । ଏହି ତାଲିକାରେ ୯ ଶତକ ସହ କୋହଲି ଶୀର୍ଷରେ ରହିଛନ୍ତି । ରୋହିତ ଶର୍ମା ୮ଟି ଏବଂ ଅଭିଷେକ ଶର୍ମା ଓ ରାହୁଲ ୭ଟି ଲେଖାଏ ଶତକ କରିଛନ୍ତି ।

**ସୂର୍ଯ୍ୟବଂଶୀ, ଜୟସ୍ୱାଲଙ୍କ ବିସ୍ଫୋରକ ବ୍ୟାଟିଂ ବ୍ୟର୍ଥ**

# ପଞ୍ଜାବ କିଙ୍ଗ୍‌ସର ଅଷ୍ଟମ ବିଜୟ

ଜୟପୁର,୧୮ ।୫ (ଏଜେନ୍ସି): ହରପ୍ରୀତ୍ ବ୍ରାର୍‌ଙ୍କ ଚମତ୍କାର ବୋଲିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ୫୯ତମ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ ୧୦ ରନ୍‌ରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି । ଏହା ଫଳରେ ଦ୍ୱାଦଶ ମ୍ୟାଚ୍‌ରୁ ୮ମ ବିଜୟ ସହ ପଞ୍ଜାବ ୧୭ ପଏଣ୍ଟ ପାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହ ସମକକ୍ଷ ହୋଇଛି । ଏହି ବିଜୟ ପରେ ପଞ୍ଜାବ ଦୀର୍ଘ ୧୧ ବର୍ଷ ପରେ ପ୍ଲେ ଅଫ ଖେଳିବା ରାସ୍ତା ପରିଷ୍କାର କରିନେଇଛି । ଏହି ମ୍ୟାଚ୍‌ରେ ପଞ୍ଜାବର ଯୁବ ଖେଳାଳି ନେହାଲ ୱାଧେରା ୩୭ ବଲ୍‌ରେ ୭୦ ଓ ବରିଷ୍ଠ ଖେଳାଳି ଶଶାଙ୍କ ସିଂ ୩୦ ବଲ୍‌ରେ ଅପରାଜିତ ୫୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ କିଙ୍ଗ୍ସ ୫ ୱିକେଟରେ ୨୧୯ ରନ୍‌ର ବିଶାଳ ସ୍କୋର କରିଥିଲା । ଜବାବରେ ସୂର୍ଯ୍ୟବଂଶୀ ଓ ଯଶସ୍ୱୀ ଜୟସ୍ୱାଲ ୫ ଓଭରରେ ୭୬ ରନ୍ ଉଠାଇଥିଲେ ମଧ୍ୟ ରାଜସ୍ଥାନ ରୟାଲ୍ସ ସମାନ ସଂଖ୍ୟକ ଓଭର ଖେଳି ୭ ୱିକେଟରେ ୨୦୯ ରନ୍ କରିଥିଲା । ଏହା ଫଳରେ ଦଳ ୧୦ ରନ୍‌ରେ ପରାଜିତ ହୋଇଥିଲା । ଏହି ମ୍ୟାଚ୍‌ରେ ସମସ୍ତ ବୋଲର ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲାବେଳେ ପଞ୍ଜାବର ବାମହାତୀ ସ୍ପିନର ହରପ୍ରୀତ୍ ବ୍ରାର ୪ ଓଭରରେ ୨୨ ରନ୍ ଦେଇ ସୂର୍ଯ୍ୟବଂଶୀ, ଜୟସ୍ୱାଲ ଓ ରିୟାନ ପରାଗଙ୍କ ୱିକେଟ ଅକ୍ତିଆର କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା ।

ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ ବିଜୟ ହାସଲ କରିଛି ସତ, କିନ୍ତୁ ରାଜସ୍ଥାନର ଦୁଇ ଯୁବ ଖେଳାଳି ଦର୍ଶକଙ୍କ ମନ ମୋହିଥିଲେ । ୨୧୯ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରି ରାଜସ୍ଥାନର ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ଓ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ୫ ଓଭରରେ ୭୬ ରନ୍ ଉଠାଇ ଧମାକାଦାର ଆରମ୍ଭ ଦେଇଥିଲେ । କିନ୍ତୁ ୧୫ ବଲ୍‌ରୁ ୪ଟି ଲେଖାଏଁ ଚୌକା ଓ ଛକା ସହ ୪୦ ରନ୍ କରି ସୂର୍ଯ୍ୟବଂଶୀ ଆଉଟ ହେବା ପରେ ରାଜସ୍ଥାନ ନିୟମିତ ବ୍ୟବଧାନରେ ୱିକେଟ ହରାଇଥିଲା । ତାଙ୍କ ପରେ ୨୫ ବଲ୍‌ରୁ ୯ ଚୌକା ଓ ୧ ଛକା ସହ ୫୦ ରନ୍ କରି ଯଶସ୍ୱୀ ଆଉଟ ହୋଇଥିଲେ । ଦୁଇ ଓପନରଙ୍କୁ ବ୍ରାର୍ ଆଉଟ କରିଥିଲେ । ଏହା ପରେ ସେ ଅନ୍ୟତମ ଯୁବ ଖେଳାଳି ରିୟାନ ପରାଗ (୧୩)ଙ୍କୁ ବୋଲ୍ଡ କରି ରାଜସ୍ଥାନ ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ । ଅଧିନାୟକ ସଞ୍ଜୁ ସାମସନ (୨୦) ଆଉଟ ହେବା ପରେ କେବଳ ଧ୍ରୁବ ଜୁରେଲ ଲଢୁଆ ବ୍ୟାଟିଂ କରି ୩୧ ବଲ୍‌ରୁ ୫୩ ରନ୍ କରିଥିଲେ । କିନ୍ତୁ ଏହା ଦଳର ବିଜୟ ଲାଗି ପର୍ଯ୍ୟାପ୍ତ ହୋଇ ନ ଥିଲା । ମାର୍କୋ ଜାନସେନ ଓ ଆଜମତୁଲ୍ଲା ଓମରଜାଇ ୨ଟି ଲେଖାଏଁ ୱିକେଟ ପାଇଥିଲେ ।



ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ପଞ୍ଜାବ ୩୪ ରନ୍‌ରେ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲା । କିନ୍ତୁ ଯୁବ ଖେଳାଳି ନେହାଲ ୱାଧେରା ୩୭ ବଲ୍‌ରୁ ୫ଟି ଲେଖାଏଁ ଚୌକା ଓ ଛକା ସହ ୭୦ ଏବଂ ଶଶାଙ୍କ ସିଂ ୩୦ ବଲ୍‌ରୁ ୫ ଚୌକା ଓ ୩ଛକା ସହ ଅପରାଜିତ ୫୯ ରନ୍ କରିବା ଫଳରେ ଦଳ ଏକ ବଡ ସ୍କୋର କରିଥିଲା । ଶେଷରେ ଓମରଜାଇ ୯ ବଲ୍‌ରୁ ୨୧ ରନ୍ କରିବା ଫଳରେ ଦଳ ଏଠାରେ ସର୍ବାଧିକ ସ୍କୋର ୫/୨୧୭ ରନ୍ କରିବାକୁ ସମର୍ଥ ହୋଇଥିଲା । ରାଜସ୍ଥାନ ପକ୍ଷରୁ ତୁଷାର ଦେଶପାଣ୍ଡେ ସର୍ବାଧିକ ୨ଟି ୱିକେଟ ପାଇଥିଲେ । ଅନ୍ୟ ସମସ୍ତ ବୋଲର ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ ।

**୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ**

# ଦିଲ୍ଲୀପଙ୍କୁ ୭ ୱିକେଟ; ପୀୟୂଷଙ୍କ ଶତକ

କଟକ,୧୮ ।୫(ସମିସ)

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ପର୍ଯ୍ୟାୟ ରବିବାରଠାରୁ ଆରମ୍ଭ ହୋଇଛି । ବିଡାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ନବରଙ୍ଗପୁର ୯୭ ରନରେ ବୌଦ୍ଧକୁ ପରାସ୍ତ କରିଛି । ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ନବରଙ୍ଗପୁର ୧୭୩ ରନରେ ଅଲଆଉଟ ହୋଇଥିଲା । ଶୁଭମ ନାୟକ ଅପରାଜିତ ୪୬ ଏବଂ ଦିଲ୍ଲୀପ ବିଶୋୟୀ ୨୮ ବଲରୁ ୩୯ ରନର ଦ୍ରୁତ ପାଳି ଖେଳିଥିଲେ । ବୌଦ୍ଧ ତରଫରୁ ଯୋଗେଶ ରାଇଙ୍କୁ ୪ଟି ୱିକେଟ ମିଳିଥିଲା । ୧୭୪ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ବୌଦ୍ଧ ୭୬ ରନରେ ଅଲଆଉଟ ହୋଇଛି । ଦିଲ୍ଲୀପ ୩୧ରନ ବିନିମୟରେ ୭ଟି ୱିକେଟ ଅକ୍ତିଆର କରି ଦଳ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ । ମ୍ୟାଚ୍ ବିଜୟୀ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ଦିଲ୍ଲୀପଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି ।



ଦିଲ୍ଲୀପ ବିଶୋୟୀ



ପୀୟୂଷ ଯାଦବ



ଅବିନାଶ ମହନ୍ତ




ଓମ୍ ସକୁନିଆ

ରେଭେନ୍ସା ଗ୍ରାଉଣ୍ଡ-୨ରେ ଖେଳାଯାଇଥିବା ମ୍ୟାଚ୍‌ରେ ଝାରସୁଗୁଡାକୁ ବୃହତ୍ ବିଜୟ ମିଳିଛି । ଓାଇ ପୀୟୂଷଙ୍କ ୧୨୧ ରନ ସହାୟତାରେ ଝାରସୁଗୁଡା ୭ ୱିକେଟ ବିନିମୟରେ ୩୨୫ ରନ କରିଥିଲା । ସମ୍ବଲପୁରର ବିନୟ ରେଡ୍ଡୀ ଓ ସିଦ୍ଧେଶ୍ୱର ବେହେରା ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ । ଜବାବରେ ୨୩.୪ ଓଭରରେ ସମ୍ବଲପୁର ୭୭ ରନରେ ଅଲଆଉଟ ହୋଇଥିବାବେଳେ ଝାରସୁଗୁଡାର ଓମ ସାକୁନିଆ ୧୬ରନ ବ୍ୟୟ କରି ୫ ୱିକେଟ ଅକ୍ତିଆର କରିଥିଲେ । ଓମଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ସେହିଭଳି ଦେବଜ୍ୟୋତି ପଟ୍ଟନାୟକଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ନୟାଗଡ ୬ ୱିକେଟରେ କିଟ୍‌କୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି । ସନସାଇନ ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯାଇଥିଲା । ଟସ୍ ଜିତି କିଟ୍ ୧୨୬ ରନରେ ଅଲଆଉଟ ହୋଇଥିଲା । ଇଶାନରାଜ ମହାପାତ୍ର ୨୯ରନ କରିଥିଲେ । ନୟାଗଡର ଦେବଜ୍ୟୋତି ୪ଟି, ସାହିଲ ନାଏକ ୨ଟି ୱିକେଟ ଦଖଲ କରିଥିଲେ । ୧୬.୩ ଓଭରରେ ୪ ୱିକେଟ ହରାଇ ନୟାଗଡ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଦେବଜ୍ୟୋତି ୨୬ବଲରୁ ୩୩ରନର ପାଳି ଖେଳିବା ସହ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ରେଭେନ୍ସା ଗ୍ରାଉଣ୍ଡରେ ଯାଜପୁର ୮୬ ରନରେ ଭଦ୍ରକକୁ ପରାସ୍ତ କରିଥିଲା । ୩ ୱିକେଟ ହାସଲ କରିଥିବା ଯାଜପୁର ସୟଦ ହୋସେନ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ । ଅନ୍ୟ ମ୍ୟାଚ୍ ଗୁଡିକରେ ସୋନପୁର ୮୩ ରନରେ ରାୟଗଡାକୁ, ଭୁବନେଶ୍ୱର-ବି ୪ ୱିକେଟରେ ଖୋର୍ଦ୍ଧାକୁ ହରାଇଛି ।

**■ ଇଂଲଣ୍ଡ ସିରିଜ ପୂର୍ବରୁ ପ୍ରସ୍ତୁତି**

# ୧୦ କେଜି ଓଜନ କମାଇଲେ ସର୍ଫରାଜ

ମୁମ୍ବଇ, ୧୮ ।୫ (ଏଜେନ୍ସି): ଯୁବ ଭାରତୀୟ ବ୍ୟାଟର୍ ସର୍ଫରାଜ ଖାନ ଆଗାମୀ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପୂର୍ବରୁ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ନିଜର ଭାରି ଓଜନ ଲାଗି ଚର୍ଚ୍ଚାରେ ରହୁଥିବା ୨୭ ବର୍ଷୀୟ ସର୍ଫରାଜ ଇତିମଧ୍ୟରେ କଠିନ ଡାଏଟ୍ ପ୍ଲାନ କରି ୧୦ କେଜି ଓଜନ କମାଇଦେଇଥିବା ଜଣାପଡ଼ିଛି । ରିପୋର୍ଟରୁ ଜଣାପଡ଼ିଛି ଯେ, ସର୍ଫରାଜ ନିଜକୁ ଫିଟ୍ ରଖିବା ଲାଗି ତେଲରୁ ପ୍ରସ୍ତୁତ ଖାଦ୍ୟରୁ ଯଥାସମ୍ଭବ ଦୂରେଇ ରଖିଛନ୍ତି । ପ୍ରତ୍ୟେକ ଦିନ ସେ ସିଝା ପନିପରିବା (ସନ୍ତୁଳା) ସହ ସିଝା ଚିକେନ ଖାଉଛନ୍ତି । ସେହିଭଳି ବାପା ତଥା ଜଣାଶୁଣା ପ୍ରଶିକ୍ଷକ ନୌସାଦ ଖାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଦୁଇଓଳି ନେଟ୍ସରେ କଠିନ ଅଭ୍ୟାସ ଜାରି ରଖିଛନ୍ତି । ବିଶେଷ କରି ଅଫ୍-ଷ୍ଟମ୍ପ୍ ବାହାର ବଲ୍‌କୁ କେଉଁଭଳି ଖେଳାଯିବ ତାହା ଉପରେ ଧ୍ୟାନ ଦେଉଛନ୍ତି । ଇଂଲିଶ ପରିବେଶରେ ସୁଇଂ ବଲ୍‌କୁ ଯେଉଁ ବ୍ୟାଟର୍ ଠିକ୍ ଭାବେ ଖେଳିପାରିଥାଏ ସେ ସଫଳ ହୋଇଥାଏ ।



ଏଠାରେ ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଇଂଲଣ୍ଡ ବିପକ୍ଷରେ ଖେଳି ଟେଷ୍ଟ ପଦାର୍ପଣ କରିଥିବା ଏହି ମୁମ୍ବଇ କ୍ରିକେଟର୍ ବର୍ତ୍ତମାନ ସୁଦ୍ଧା ୬ ମ୍ୟାଚରୁ ୩୭.୧୦ ହାରରେ ୩୭୧ ରନ ସଂଗ୍ରହ କରିଛନ୍ତି । ଆଇପିଏଲ୍ ସମାପ୍ତ ପରେ ଭାରତୀୟ ଦଳ ଆସନ୍ତା ମାସରେ ଇଂଲଣ୍ଡ ଗସ୍ତରେ ଯାଇ ସେଠାରେ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ । ଏଥିଲାଗି ଦଳ ଘୋଷଣା ମଧ୍ୟ ହୋଇନାହିଁ । କିନ୍ତୁ ଏଥିପୂର୍ବରୁ ଭାରତୀୟ-ଏ ଦଳ ଇଂଲଣ୍ଡ ଗସ୍ତ କରି ସେଠାରେ 'ଇଂଲଣ୍ଡ ଲାୟନ୍ସ' ବିପକ୍ଷରେ ୨ଟି ଟେଷ୍ଟ ଖେଳିବାର କାର୍ଯ୍ୟସୂଚୀ ରହିଛି । ଏଥିଲାଗି ଘୋଷିତ ଭାରତୀୟ ଦଳରେ ସର୍ଫରାଜଙ୍କୁ ସୁଯୋଗ ମିଳିଛି । ନିକଟରେ ରୋହିତ୍ ଶର୍ମା ଓ ବିରାଟ କୋହଲି ଟେଷ୍ଟରୁ ଅବସର ନେଇସାରିଥିବାରୁ ସର୍ଫରାଜଙ୍କ ନିକଟରେ ସୁଯୋଗ ରହିଛି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS